ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୬
୩ ନଭେମ୍ବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 176
3rd November, 2025 Monday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଗୃହ୍ଣାତି ସାଧୁର ପରସ୍ୟ ଗୁଣନ୍ ନ ଦୋଷଂ**
**ଦୋଷାନ୍ୱିତା ଗୁଣିଗୁଣ ପରିହାୟ ଦୋଷଂ**
**ବାଳଃ ସ୍ତନାତ୍ ପିବତି ଦୁଗ୍ଧମୃଗ ବିହାୟ**
**ତ୍ୟକ୍ତ୍ୱା ପୟୋରୁଧିର ସେବନଂ କିଂ ଜଲୌ କାଃ**

ମା'ର ସ୍ତନରେ ଦୁଧ ଓ ରକ୍ତ ଦୁଇଟିଯାକ ଥିବାସ୍ଥଳେ ବାଳକ ରକ୍ତ ପିଏନି କି ସେଇ ସ୍ତନରେ ଜୋକଟିଏ ଲାଗିଲେ ସେ ଦୁଧ ପିଏନି । ବାଳକ ଯେପରି ସ୍ତନରୁ ରକ୍ତ ଛାଡ଼ି ଦୁଧ ପିଇଥାଏ, ଜୋକ ଯେପରି ଦୁଧ ଛାଡ଼ି ରକ୍ତ ପିଇଥାଏ, ସେହିପରି ମଣିଷ ଦେହରେ ଥିବା ଗୁଣ ଓ ଦୋଷ ଦୁଇଟା ମଧ୍ୟରୁ ସନ୍ଥ ଲୋକ ଦୋଷ ଛାଡ଼ି ଗୁଣ ଦର୍ଶନ କରିଥିବା ବେଳେ ଦୁଷ୍ଟ ଲୋକ ଗୁଣକୁ ଛାଡ଼ି ଦୋଷ ଦର୍ଶନ କରିଥାଏ ।

**ଉପାଦେୟ**

**... ବାଜିଗଲେ ଦୋଷ ନାହିଁ**

**ଗୋଟିଏ ଯନ୍ତ୍ର ଛଅଟି ମନ୍ତ୍ର !**

# ଭାରତ ମହିଳା ବିଶ୍ୱ ଚାମ୍ପିୟନ

**ନଭି ମୁମ୍ବାଇ,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱପ୍ନ ଆଜି ପୂରଣ ହେଇଛି । ବାସ୍ତବରେ ବି ପରିଣତ ହୋଇଛି । ତିନି ତିନିଥର ଫାଇନାଲକୁ ଯାଇ ବି ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପ୍ରଥମଥର ପାଇଁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ଉଠାଇଛି । ଉଭୟ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଅସାଧାରଣ ପ୍ରଦର୍ଶନ ସହ ଏହି

## ଦକ୍ଷିଣ ଆଫ୍ରିକାକୁ ହରାଇ ରଚିଲା ଇତିହାସ

ବିଜୟ ମୁକୁଟ ପିନ୍ଧିପାରି ନଥିବା ଟିମ୍ ଇଣ୍ଡିଆ ଶେଷରେ ମହିଳା ବିଶ୍ୱକପ୍ ଜିତିବାର ଗୌରବ ଆଣିଦେଇଛି । ଡିଓ୍ୱାଇ ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ପରାସ୍ତ କରି ହରମନପ୍ରୀତ କୌରଙ୍କ ବିଜୟ ହାସଲ କରିଛି ଭାରତ ।

୨୯୯ ରନର ଟାର୍ଗେଟ ଦିଆଯାଇଥିଲା ଦକ୍ଷିଣ ଆଫ୍ରିକାକୁ । ମାତ୍ର ଭାରତୀୟ ଖେଳାଳିଙ୍କ ମାପ ଚୁପ ବୋଲିଂ ଆଗରେ ହାର୍ ମାନିଥିଲା ଆଫ୍ରିକୀୟ ବ୍ୟାଟିଂ ଲାଇନ ଅପ୍ । ଅଧିନାୟିକା ଲୌରା ଓ୍ୱଲଭାର୍ଡଟ୍‌ଙ୍କ



କଷ୍ଟ ସାଧ ଶତକ ଫିକା ପଡ଼ିଯାଇଥିଲା । ଦୀପ୍ତି ଶର୍ମାଙ୍କ ବଲରେ ଓ୍ୱଲଭାର୍ଡଟ୍‌ଙ୍କ କ୍ୟାଚ ମ୍ୟାଚର ମୋଡ଼କୁ ବଦଳାଇ ଦେଇଥିଲା । ଦୁଇଥର କ୍ୟାଚ୍ ଡ୍ରପ ପରେ ମଧ୍ୟ ତୃତୀୟ ପ୍ରୟାସରେ କ୍ୟାଚ ନେବାରେ ସଫଳ ହୋଇଥିଲେ ଅମନଜୋତ୍ ।

ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓପନର୍ ଶଫାଲି ବର୍ମା ୭୮ ବଲ୍‌ରେ ୮୭ ରନ୍‌ର ଏକ ଧମାକାଦାର ଇନିଂସ ଖେଳିଥିଲେ । ସ୍ମୃତି ମନ୍ଧାନା ୪୫ ରନ୍ କରିଥିଲେ ଏବଂ ଦୁହେଁ ଏକ ଶତକୀୟ ଭାଗୀଦାରି ମଧ୍ୟ କରିଥିଲେ । ଶେଷରେ, ଦୀପ୍ତି ଶର୍ମା ଏବଂ ରିଚା ଘୋଷ ଦୃଢ଼ ବ୍ୟାଟିଂ କରି ସ୍କୋରକୁ ୩୦୦ ପାଖାପାଖି ପହଞ୍ଚାଇଥିଲେ । ତଥାପି, ଟିମ୍ ଇଣ୍ଡିଆ ଶେଷ ପାଞ୍ଚ ଓଭରରେ କେବଳ ୩୬ ରନ୍ କରିପାରିଥିଲା, ଯାହା ଫଳରେ ଦଳକୁ ୩୦୦ ଅତିକ୍ରମ କରିବାରେ ବାଧା ସୃଷ୍ଟି ହୋଇଥିଲା ।

ଗୋଟିଏ ସମୟରେ ଲାଗୁଥିଲା ଯେ ଭାରତୀୟ ଦଳ ସହଜରେ ୩୨୦ ରନରେ ପହଞ୍ଚିଯିବ, କିନ୍ତୁ ଦକ୍ଷିଣ ଆଫ୍ରିକାର ବୋଲରମାନେ ଡେଥ୍ ଓଭରରେ ଭାରତୀୟ ବ୍ୟାଟରଙ୍କୁ ବଡ଼ ସଟ୍ ମାରିବାରୁ ବାଧା (ଶେଷ ପୃଷ୍ଠା ଦେଖନ୍ତୁ)

## ଏସଆଇ ପରୀକ୍ଷା ଦୁର୍ନୀତି ମାମଲା

# ଶଙ୍କରଙ୍କୁ ଜେରା: ହଜାର କୋଟିର ଡିଲ !

**କଟକ,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ଅଫିସରେ ରବିବାର ଜେରା କରାଯାଇଛି । ସକାଳେ ଉତ୍ତରାଖଣ୍ଡରୁ ଭୁବନେଶ୍ୱର ଆଣି କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିବା ପରେ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ କଟକ କ୍ରାଇମବ୍ରାଞ୍ଚ ହେଡ୍ ଅଫିସକୁ ଅଣାଯାଇଥିଲା । ସେଠାରେ କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ ମାରାଥନ ଜେରା କରିଛି । ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କୁ ସାମନା ସାମନି ପଚରା ଉଚରା କରାଯାଇଥିବା ଜଣା ପଡ଼ିଛି । ଏହା ଦ୍ୱାରା ଶଙ୍କର ପୃଷ୍ଟିର ସ୍କାମ ନେଟଓ୍ୱାର୍କ ଖୋଲିବାକୁ ପୋଲିସକୁ



ସହାୟତା ହେବ । ମୁନା ମହାନ୍ତି ହେଉଛି ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ । ମୁନାକୁ ୫ ଦିନିଆ ରିମାଣ୍ଡରେ କ୍ରାଇମବ୍ରାଞ୍ଚ ଆଣିଛି । ଉଭୟ ମିଶି କେଳେଙ୍କାରୀର ପ୍ଲାନ କରିଥିଲେ । କ୍ରାଇମବ୍ରାଞ୍ଚ ଶଙ୍କରର ପାର୍ସପୋର୍ଟ ଓ ଫରଚ୍ୟୁନର ଜବତ କରିଛି । ଶଙ୍କରଠାରୁ ଗୋଟିଏ ଫରଚ୍ୟୁନର, ୨ଟି ଆଇଫୋନ ଓ ପାର୍ସପୋର୍ଟ ଜବତ ହୋଇଛି ବୋଲି କ୍ରାଇମବ୍ରାଞ୍ଚ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦେଇଛି । ଗଞ୍ଜାମ ଜିଲ୍ଲା ଜଗନ୍ନାଥପୁର ଜଙ୍କସନ ଏସବିଆଇ ରୋଡ଼ ଡିଫେନ୍ସ କଲୋନୀର ବାସିନ୍ଦା ଶଙ୍କର ପୃଷ୍ଟି ବୋଲି କ୍ରାଇମବ୍ରାଞ୍ଚ କହିଛି । ପଞ୍ଚ ସଫ୍ଟ ଟେକୋନୋଲୋଜି ପ୍ରାଇଭେଟ ଲିମିଟେଡ୍‌ର ଡାଇରେକ୍ଟର ଭାବେ ଶଙ୍କର କାର୍ଯ୍ୟ କରୁଥିଲା । ଭୁବନେଶ୍ୱର ପଟିଆରେ ଅଫିସ କରି ଶଙ୍କର ନେଟଓ୍ୱାର୍କ ଚଳାଇ ଆସୁଥିଲା । ମୁନା ମହାନ୍ତି ଶ୍ରୀକାନ୍ତ ମହାରଣା, ଅରବିନ୍ଦ ଦାସ ପ୍ରମୁଖ ଶଙ୍କରର ସହଯୋଗୀ ଥିଲେ । ଟି ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲ ମଧ୍ୟ ଶଙ୍କରର ସହଯୋଗୀ ଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି । ଶଙ୍କର ନାଁରେ କଡ଼ା ଧାରାରେ ମାମଲା ରୁଜୁ ହୋଇଛି । ଓଡ଼ିଶା ପବ୍ଲିକେସନ ଆକ୍ଟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସେକ୍ସନ ୧୧ (୧)/୧୨ (୧) ରେ ମାମଲା ରୁଜୁ ହୋଇଛି । ଶଙ୍କର ନାଁରେ ବିଏନଏସ ଧାରା ୩୧୯(୨), ୩୧୮(୪), ୩୩୮/୩୩୬ (୩), ୩୪୦(୨) ଧାରାରେ ମାମଲା ରୁଜୁ ହୋଇଛି । ଏହାଛଡ଼ା ୧୧୧/ ୬୧ (୨)/ ୩ (୫) ଧାରାରେ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡ଼ିଛି । ଭୁବନେଶ୍ୱରରେ ପହଞ୍ଚିବା ପରେ ଶଙ୍କର ପୃଷ୍ଟି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛି, ମୁଁ ଜାମିନ ଆବେଦନ କରିଥିଲି । ମୁଁ ଲୁଚି ନଥିଲି, ଆଇନ ଅନୁଯାୟୀ ସମ୍ମୁଖୀନ ହେଉଥିଲି । ହାଇକୋର୍ଟରେ (ଶେଷ ପୃଷ୍ଠା ଦେଖନ୍ତୁ)

## ପଞ୍ଚକରେ ଅସମ୍ଭାଳ ଭିଡ଼

# ଶ୍ରୀମନ୍ଦିର ବ୍ୟାରିକେଡ ଠେଲି ପଶିଲେ ଭକ୍ତ



**ପୁରୀ,୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅସହ୍ୟ ହେଲା ଧାଡ଼ିରେ ଛିଡ଼ା ହେବା । ବ୍ୟାରିକେଡ ଠେଲି ଶ୍ରୀମନ୍ଦିର ଭିତରକୁ ପଶିଲେ ଭକ୍ତ । ଠେଲାପେଲା ବେଳେ ତଳେ ପଡ଼ିଗଲେ ୨ ମହିଳା ଭକ୍ତ । ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ । ରବିବାର ମହାକାର୍ତ୍ତିକ ପଞ୍ଚୁକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ସୂଚନା ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଅତିଥିମାନଙ୍କୁ ନିଆଯାଉଥିବା ବ୍ୟାରିକେଡକୁ ଠେଲି କିଛି ଭକ୍ତ ମନ୍ଦିରକୁ ପଶିଥିଲେ । ଏହି ସମୟରେ ବେଶ୍ ଠେଲାପେଲା ଦେଖିବାକୁ ମିଳିଥିଲା । ଆଉ ସେହି ଠେଲାପେଲା ମଧ୍ୟରେ ଦୁଇ ମହିଳା ଭକ୍ତ ପଡ଼ିଯାଇଥିଲେ । ତେବେ ମନ୍ଦିର ନିକଟରେ ଥିବା ସ୍ୱେଚ୍ଛାସେବୀ ସେମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ । ତେବେ ବର୍ତ୍ତମାନ ପୋଲିସ ସ୍ଥିତିକୁ ନିଜ ନିୟନ୍ତ୍ରଣକୁ ନେଇଛି । ସିଂହଦ୍ୱାର ଦେଇ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି ।

ସୂଚନାଯୋଗ୍ୟ, ପଞ୍ଚକରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଆରମ୍ଭ ହୋଇଥିବା ବେଳେ ପୁରୀରେ ଦେଖିବାକୁ ମିଳିଛି ଅସମ୍ଭାଳ ଭିଡ । ସିଂହଦ୍ୱାରଠାରୁ ମାର୍କେଟ ଛକ ଯାଏ ଭକ୍ତଙ୍କ ଧାଡି ଦେଖିବାକୁ ମିଳିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ମାର୍କେଟ ଛକ ଠାରୁ ଛାୟା ବ୍ୟାରିକେଡ଼ ବ୍ୟବସ୍ଥା ହୋଇଛି । ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି ଶ୍ରଦ୍ଧାଳୁ । ବିଭିନ୍ନ ସ୍ଥାନରେ ୩୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ସେହିଭଳି ଶୃଙ୍ଖଳିତ ଦର୍ଶନ ଓ ଭିଡ ନିୟନ୍ତ୍ରଣ ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି ।

# ତୁଳସୀକ୍ଷେତ୍ରାଧିପତିଙ୍କ ପ୍ରଲମ୍ବାସୁର ବଧ ବେଶ

**କେନ୍ଦ୍ରାପଡ଼ା,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ପ୍ରଲମ୍ବାସୁର ବଦ୍ଧ ବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଭୁ ଶ୍ରୀବଳଦେବଜୀଉ ଶ୍ରୀକ୍ଷେତ୍ରରୁ ଆସିଥିବା ପାଟ ଶାଢ଼ୀ ପରିଧାନ କରି ସଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପରମ୍ପରା ଅନୁଯାୟୀ ଆଜି ବଳଦେବଜୀଙ୍କ ମନ୍ଦିରରେ ପ୍ରଲମ୍ବାସୁର ବଦ୍ଧ ନୀତି ଅନୁଷ୍ଠିତ ହୋଇଥିଲା । ଏକାଦଶୀ ଓ ଦ୍ୱାଦଶୀ ତିଥି ଗୋଟିଏ ଦିନରେ ପଡିଥିଲା । ଏହି ତିଥିରେ ପ୍ରଲମ୍ବାସୁରକୁ ବଦ୍ଧ କରାଯାଇଥିଲା । ତେଣୁ ମନ୍ଦିରରେ ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀକ୍ଷେତ୍ରରୁ ଆସିଥିବା ପାଟ ଶାଢ଼ୀ ଶ୍ରୀବଳଦେବଜୀଉଙ୍କୁ ପରିଧାନ କରାଯିବା ସହ ଦୁର୍ଲଭ ବେଶରେ ସଜା ଯାଇଥିଲା । ଏହି ବେଶ ଦେଖିବାକୁ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା । ଆଜି ତୁଳସୀ ବିବାହ ଗରୁଡ଼ ଜନ୍ମ ନୀତି ଥିବାରୁ ମହାପ୍ରଭୁଙ୍କଙ୍କ ଚଳନ୍ତି ପ୍ରତିମା ଗୋବିନ୍ଦଜୀଉ ଭଗବାନପୁର ଗ୍ରାମରେ ଥିବା ତୁଳସୀ ମନ୍ଦିରକୁ ବିମାନରେ ଯାତ୍ରା କରିଥିଲେ । ସେଠାରେ ତୁଳସୀ ବିବାହ ନୀତି ସମ୍ପନ୍ନ ହୋଇଥିଲା । ରାତ୍ର ଧୂପ ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ଦେବ ଉତଥାପନ ନୀତି ସିଂହାସନରେ କରାଯାଇଥିଲା । ପରେ ଜଗମୋହନରେ ଦଣ୍ଡାୟମାନ ଥିବା ଗରୁଡ଼ଙ୍କ ଜନ୍ମ ଜୟନ୍ତୀ ନୀତି ପାଳନ କରାଯାଇଥିଲା । ତୁଳସୀ ଚଉରାରେ ରାଜ ପୁରୋହିତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ପାଠ କରାଯାଇଥିଲା । ସମସ୍ତ (ଶେଷ ପୃଷ୍ଠା ଦେଖନ୍ତୁ)

# ସିଏମ୍‌ଏସ୍-୦୩ର ସଫଳ ଉତକ୍ଷେପଣ

**ଶ୍ରୀହରିକୋଟା,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଯୋଗାଯୋଗ ଉପଗ୍ରହ ସିଏମ୍‌ଏସ୍-୦୩, ଯାହାର ଓଜନ ୪,୪୦୦ କିଲୋଗ୍ରାମରୁ ଅଧିକ, ଆଜି



ଉତ୍‌କ୍ଷେପଣ କରାଯାଇଛି । ମହାକାଶ ସଂସ୍ଥା କହିଛି ଯେ ପ୍ରାୟ ୪,୪୧୦ କିଲୋଗ୍ରାମ ଓଜନର ଏହି ଉପଗ୍ରହଟି ଭାରତୀୟ ମାଟିରୁ ଜିଓସିଙ୍କ୍ରୋନାସ୍ ଟ୍ରାନ୍ସଫର ଅରବିଟ୍ (ଜିଟିଓ)ରେ ଉତ୍‌କ୍ଷେପଣ କରାଯାଇଥିବା ସବୁଠାରୁ ଭାରୀ ଉପଗ୍ରହ । ଏହି ଉପଗ୍ରହକୁ ଏଲ୍‌ଭିଏମ୍‌୩-ଏମ୍‌୫ ରକେଟ୍ ସାହାଯ୍ୟରେ ଉତ୍‌କ୍ଷେପଣ କରାଯାଇଥିଲା, ଯାହାକୁ ଏହାର ଭାରୀ ଉଠାଣ କ୍ଷମତା ପାଇଁ 'ବାହୁବଳୀ' ନାମ ଦିଆଯାଇଛି ।

ଇସ୍ରୋର ସିଏମ୍‌ଏସ୍-୦୩ ଯୋଗାଯୋଗ ଉପଗ୍ରହ ବହନ କରୁଥିବା ଏଲ୍‌ଭିଏମ୍‌୩-ଏମ୍‌୫ ଆଜି ଏସଡିଏସସି/ ଇସ୍ରୋ ଶ୍ରୀହରିକୋଟାରୁ ଉତକ୍ଷେପଣ କରାଯାଇଛି । ଭାରତୀୟ ନୌସେନାର ଜିଏସ୍‌ଏଟି ୭ଆର (ସିଏମ୍‌ଏସ୍-୦୩) ଯୋଗାଯୋଗ ଉପଗ୍ରହ ଭାରତୀୟ ନୌସେନାର ଏପର୍ଯ୍ୟନ୍ତର ସବୁଠାରୁ ଉନ୍ନତ ଯୋଗାଯୋଗ (ଶେଷ ପୃଷ୍ଠା ଦେଖନ୍ତୁ)

# ବଢ଼ିଲା ରାସନ୍‌କାର୍ଡ ଇ-କେଓ୍ୱାଇସି ଅପଡେଟ୍ ଅବଧି

**ଭୁବନେଶ୍ୱର,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀମାନଙ୍କ ପାଇଁ ଖୁସି ଖବର । ଏପର୍ଯ୍ୟନ୍ତ ଇ-କେଓ୍ୱାଇସି କରାଇ ନ ପାରିଥିବା ହିତାଧିକାରୀମାନେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନକାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାରଯୁକ୍ତ ଇ-କେଓ୍ୱାଇସି କରାଇ ପାରିବେ । ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି । ଏହା ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪



ବ୍ଲକ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ରଗୁଡ଼ିକରେ ଜାରି ରହିଛି । ଏହା ବ୍ୟତୀତ ଅଦ୍ୟାବଧି ଇ-କେଓ୍ୱାଇସି କରାଇ ନ ପାରିଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡ଼ି.ଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେଓ୍ୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ । ଏହି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ।

ପୂର୍ବରୁ ରାସନ କାର୍ଡକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅକ୍ଟୋବର ମାସରେ କହିଥିଲେ, ଯେଉଁମାନେ ନିଜର ଇ-କେଓ୍ୱାଇସି କରି ନାହାନ୍ତି ସେମାନଙ୍କୁ ଆସନ୍ତା ମାସରୁ ଆଉ ଚାଉଳ ମିଳିବନି । କେନ୍ଦ୍ର ସରକାର ଇ-କେଓ୍ୱାଇସିକୁ ବନ୍ଦ କରିଛନ୍ତି । ଯେଉଁମାନେ (ଶେଷ ପୃଷ୍ଠା ଦେଖନ୍ତୁ)

# ହତ୍ୟା ଅଭିଯୋଗରେ ହାଜତକୁ ଗଲେ ଜେଡିୟୁ ପ୍ରାର୍ଥୀ

**ପାଟନା,୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ବିଧାୟକ ତଥା ମୋକାମା ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂହଙ୍କୁ ରବିବାର ଏମପି, ଏମଏଲଏ କୋର୍ଟରେ ହାଜର କରାଯାଇଛି । ଅପର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଅକ୍ଟୋବର ୩୦ ତାରିଖ ଦିନ ଜନସୁରଜ ପାର୍ଟି ସମର୍ଥକ ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ହୋଇଥିଲା । ଏହି ଅଭିଯୋଗରେ ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ ମୋକାମାରେ ଦୁଲାରଚନ୍ଦଙ୍କ ହତ୍ୟା ମାମଲାରେ ପାଟନା ପୋଲିସ ଶନିବାର ବିଳମ୍ବିତ ରାତ୍ରିରେ ଅନନ୍ତ ସିଂହଙ୍କୁ ତାଙ୍କ ବାଢସ୍ଥିତ ଘରୁ ଗିରଫ କରିଥିଲା । ତାଙ୍କୁ ଗିରଫ କରାଯାଇଥିବା ନେଇ ଏସଏସପି କାର୍ତ୍ତିକେୟ କେ. ଶର୍ମା (ଶେଷ ପୃଷ୍ଠା ଦେଖନ୍ତୁ)

# ୮ ଲକ୍ଷର ବ୍ରାଉନସୁଗାର ଜବତ: ୨ ଗିରଫ

**ପଟ୍ଟାମୁଣ୍ଡାଇ/କେନ୍ଦ୍ରାପଡ଼ା**
**୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଂଚଳରେ ବିଷାକ୍ତ ନିଶାଦ୍ରବ୍ୟ ହିରୋଇନ୍ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮୦ ଗ୍ରାମର ବ୍ରାଉନ ସୁଗାର ସହ ଏକ ମାରୁତି ଡିଜେଆର କାର ଓଡି ୦୨ ଏଏନ ୬୭୯୦ ଗାଡି ଜବତ କରିଛି । ଏହି ଘଟଣାରେ ୨ ଜଣ ବେପାରୀଙ୍କୁ ଗିରଫ କରାଯାଇଛି । ଆଉ ଜଣେ ଗାଡିରୁ ଡେଇଁ ପଳାଇ ଯାଇଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ୨୦୪/୨୦୨୫ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ହିରୋଇନର ଆନୁମାନିକ ମୂଲ୍ୟ ୮ ଲକ୍ଷଟଙ୍କା ହେବ ବୋଲି ଅବକାରୀ ଏଏସଆଇ ସୁନିଲ ମିଶ୍ର କହିଛନ୍ତି ।

ବାଲେଶ୍ୱର ଅଂଚଳରୁ ବ୍ରାଉନ ସୁଗାର ନେଇ ୩ ଯୁବକ ଏକ ଯୋଗେ ପଟ୍ଟାମୁଣ୍ଡାଇ ଆସୁଛନ୍ତି ବୋଲି ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା । ଜିଲା ଅବକାରୀ (ଶେଷ ପୃଷ୍ଠା ଦେଖନ୍ତୁ)

# ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ

**ରାଜନଗର,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ରାସନ ଚାଉଳ କେଳେଙ୍କାରୀ ଘଟଣାରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିଛି । ଏହି ବ୍ଲକ ଓସ୍ତିଆ ପଚାଂୟତ ନଗଡ ଗାଁର ଓଁ ନମଃ ଶିବାୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରାସନ ଚାଉଳର ଅନିୟମିତତା ନେଇ କାରଣ ଦର୍ଶାଅ ନୋଟିସ ଜାରୀ କରିଛି । ଚଳିତ ବର୍ଷ ଅକ୍ଟୋବର ମାସ ୧୦ତାରିଖ ଦିନ କେନ୍ଦ୍ରାପଡା ଜିଲ୍ଲାର ସ୍ୱତନ୍ତ୍ର ସ୍କ୍ୱାର୍ଡ ଚଢାଉ କରିଥିଲେ । ଯାଂଚ ସମୟରେ ସରକାରୀ ନିୟମର ଉଲଂଘନ କରାଯାଇଥିଲା । ରିଟେଲର ପଏଂଟରେ ପାଇକାରି ମୂଲ୍ୟ ନିର୍ଦ୍ଧାରଣ ବୋର୍ଡ ନଥିଲା । ବିଭିନ୍ନ ଯୋଜନାରେ ଉପଲବ୍ଧ ଥିବା ୨୨କ୍ୟୁଟାଂଲ ୮୯କେଜି ଚାଉଳ ପିଓସି ମେସିନରେ ଚାଉଳ ଷ୍ଟକ ରହିଥିବା ବେଳେ ବାସ୍ତବରେ ଏହି ଚାଉଳ ନଥିଲା । ରାସନକାର୍ଡଧାରୀଙ୍କ ତାଲିକା କୌଣସି ସ୍ଥାନରେ ଦେଖିବାକୁ ପାଇନଥିଲେ । ସରକାରଙ୍କୁ ଦେଇଥିବା ରିଟେଲର ସ୍ଥାନ ବଦଳରେ ଅନ୍ୟ ସ୍ଥାନରେ ଚାଉଳ ରଖାଯାଇଥିବା ଦେଖିବାକୁ ପାଇଥିଲେ । ଏହି ଅନିୟମିତତା ଘଟଣାରେ ଜିଲ୍ଲାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ତା୩୦।୧୦।୨୦୨୫ରିଖ ଚିଠି ନଂ- ୨୩୦୯ରେ ରାସନ ସାମଗ୍ରୀ ଅନିୟମିତତା ଯୋଗୁଁ କାହିଁକି ଆପଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସାତଦିନ ମଧ୍ୟରେ ଉତର ଦେବା ପାଇଁ ଉପଜିଲ୍ଲାପାଳ କେନ୍ଦ୍ରାପଡା ନୋଟିସ କାରୀ କରିଛନ୍ତି । ସୂଚନା ଥାଉକି, ଏହି ବ୍ଲକ ଓସ୍ତିଆ ପଚାଂୟତର ନଗଡ ଗାଁର ଓଁ ନମଃ ଶିବାୟ ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ରହିଥିବା ରିଟେଲର ପଏଂଟରେ ରାସନ ସାମଗ୍ରୀ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲା । ଯାହାକୁ ଜାଣି ବ୍ଲକ ଯୋଗାଣ ଅଧିକାରୀ ଚୁପ ରହୁଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ । ଯୋଗାଣ ବିଭାଗର ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଏହି ରିଟେଲର ପଏଂଟରେ (ଶେଷ ପୃଷ୍ଠା ଦେଖନ୍ତୁ)

# ନିଷେଧାଦେଶ କଇଁଛଙ୍କ ପ୍ରଜନନକୁ ପୂର୍ଣ୍ଣ ସୁରକ୍ଷିତ କରିବ ତ ?

**କେନ୍ଦ୍ରାପଡ଼ା,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱ ବିରଳ ଅଲିଭ୍ ରିଡ଼େଲ କଇଁଛଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରଜନନକୁ ସୁନିଶ୍ଚିତ କରିବା ପାଇଁ ଚଳିତ ନଭେମ୍ବର ପହିଲା ଠାରୁ ମଇ ମାସଶେଷ ଯାଏ ୧୪୩୫ କିଲୋମିଟର ସାମୁଦ୍ରିକ ଅଂଚଳକୁ ନିଷେଧାଞ୍ଚଳ ଭାବେ ଘୋଷଣା କରାଯାଇଛି । ଏହି ସମୟ ମଧ୍ୟରେ କୌଣସି ଟ୍ରଲର ଉକ୍ତ ନିଷେଧାଂଚଳରେ ମାଛ ମାରିପାରିବେ ନାହିଁ ବୋଲି କୁହାଯାଇଛି । କିନ୍ତୁ ପ୍ରତିବର୍ଷ ଏହି ନିଷେଧାଦେଶ ସତ୍ତ୍ୱ ସମୁଦ୍ରରୁ ଟ୍ରଲରମାନେ ମାଛ ମାରନ୍ତି ଏବଂ କେତେକ ଜଙ୍ଗଲ ଓ ବନ୍ୟଜନ୍ତୁ ବିଭାଗ ହାତରେ ଧରାପଡ଼ନ୍ତି । ଏପରିକି ବେଆଇନ ଭାବେ ମାଛ ଧରି ମାଛମାଫିଆ ଟ୍ରଲର ମାଲିକମାନେ ଗୁଳିଗୁଳା ବର୍ଷଣ କରି ବନ ବିଭାଗକୁ ଚକମା ଦେଖାଇ ଚମ୍ପଟ ମାରନ୍ତି । ଅତଏବ ମାଛ ଧରା ବନ୍ଦ ହୋଇନଥାଏ । କିଛି ପ୍ରଭାବଶାଳୀ ଟ୍ରଲର ମାଲିକ ମାଛ ମାରିବା ପାଇଁ କୁଆଡ଼େ ବନ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ ବଡ଼ ଧରଣର ଡ଼ିଲ୍ କରି ମାଛଧରା ଜାରି ରଖିଥାନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳେ । ଯାହାର ପରିଣାମରେ ପ୍ରତିବର୍ଷ ବେଳାଭୂମିରୁ ଅନେକ ମୃତ କଇଁଛ ଉଦ୍ଧାର ହୁଅନ୍ତି । ସେଥିରେ ପୁଣି ଚଳିତ ବର୍ଷ ବନ ବିଭାଗର ସ୍ପିଡ଼ ବୋଟ୍ କୁଆଡ଼େ ଅଚଳ । ତେବେ ଚଳିତ ବର୍ଷ ନିଷେଧାଂଚଳରେ ମାଛ ଧରା ସଂପୂର୍ଣ୍ଣ ବନ୍ଦ ରହିବ ଏବଂ ଟ୍ରଲର ମାଡ଼ରେ ଗୋଟିଏ ବି କଇଁଛ ମୃତ୍ୟୁ ମୁଖରେ ପଡ଼ିବେନି ବୋଲି ବନ ବିଭାଗ ଏହି ଗ୍ୟାରେଣ୍ଟି ସହିତ ଜିରୋ କାଜୁଆଲିଟି ମିଶନରେ କେତେଦୂର କାମ କରିବ ତା'ଉପରେ ରହିଛି ବୁଦ୍ଧିଜୀବିମାନଙ୍କ ନଜର । ଅନ୍ୟପକ୍ଷରେ ସାମୁଦ୍ରିକ ତଟକ୍ଷୟ କଇଁଛଙ୍କ ପ୍ରଜନନ ସ୍ଥଳକୁ ସଙ୍କୁଚିତ କରୁଛି । ବିଶ୍ୱ ତାପାୟନ ଓ କ୍ରମାଗତ ସାମୁଦ୍ରିକ ଝଡ଼ ଯୋଗୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନାଶୀ - ୧ ଓ ୨, ବାବୁବାଲି ବେଳାଭୂମିରେ ତଟକ୍ଷୟ ଚିନ୍ତାଜନକ ହୋଇଛି । ତଟକ୍ଷୟ ରୋକିବାକୁ ଏଠାରେ କୌଣସି ଉଦ୍ୟମ ହେଉନାହିଁ । ସାତଭାୟା ଅଂଚଳବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯିବା ପରେ ପରିତ୍ୟକ୍ତ ସ୍ଥାନ ଓ ଏଠାରେ ଥିବା ୧ ହଜାର ହେକ୍ଟରରୁ ଉର୍ଦ୍ଧ ଚାଷ ଜମିକୁ ସୁରକ୍ଷା ଦେବାକୁ ଯେଉଁଠି ଉଦ୍ୟମ ହେଉନାହିଁ ସେଠାରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର କଇଁଛଙ୍କ ଏକ୍ସକ୍ଲୁଡ଼ିଶାଳ କୁହାଯାଉଥିବା ବେଳାଭୂମି କଥା ଚିନ୍ତା କରିବ ବା କି'ଏ ବୋଲି ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି । ଏନେଇ କୌଣସି ବ୍ଲୁ ପ୍ରିଂଟ ବା ଯୋଜନା ମଧ୍ୟ ନାହିଁ । ସେହିପରି ଏହି ଉପକୂଳ ରେ ବଢି ଚାଲିଥିବା ଚିଙ୍ଗୁଡ଼ି ଘେରୀ ଅନ୍ୟ ଏକ ବିପଦ ହୋଇ ଛିଡ଼ା ହୋଇଛି । ଏହି ଘେରୀମାନଙ୍କରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ସାମୁଦ୍ରିକ ଅଭୟାରଣ୍ୟକୁ ପ୍ରଦୂଷିତ କରିଚାଲିଛି । ମୋଟାମୋଟି ଭାବେ କହିଲେ ସାମୁଦ୍ରିକ ଅଭୟାରଣ୍ୟ ଅନ୍ତର୍ଗତ କଇଁଛଙ୍କ ଅଣ୍ଡାଦାନ ସ୍ଥଳ ଦୀର୍ଘ ବାଲୁକା ଶଯ୍ୟାର ଦ୍ରୁତ ଅବକ୍ଷୟ, କ୍ରମ ବର୍ଦ୍ଧିଷ୍ଣୁ ପ୍ରଦୂଷଣ ଓ ଢିଲା ସୁରକ୍ଷା ବ୍ୟବସ୍ଥା ପାଇଁ ଅଲିଭ୍ ରିଡ଼େଲଙ୍କ ଆଗମନ କେତେବେଳେ ଯେ ବନ୍ଦ ହୋଇନଯିବ ତାହା କିଏ କହିବ ବୋଲି ବହୁ ବୁଦ୍ଧିଜୀବି ଚିନ୍ତା ପ୍ରକଟ କରିଛନ୍ତି ।

## ରଙ୍ଗ ମାରି ଲୁଟି ନେବାକୁ ମସୁଧା

**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ଡବଲ ଇଞ୍ଜିନ ଡବଲ ଧୋକା ସରକାର ଇଏ। ବିକାଶ ବଦଳରେ ଓଡିଶାକୁ ବିକ୍ରି କରିଦେବ ଏ ସରକାର। ଆମ ସରକାର ନବୀନ ସରକାରଙ୍କ ଯୋଜନାକୁ ରଙ୍ଗ ମାରି ସାଧାରଣ ଲୋକଙ୍କ ଅର୍ଥ ତୋଷରପାତ କରୁଥିବା ସରକାର ଉପରେ ବର୍ଷିଛି ବିରୋଧୀ ବିଜେଡି। ପ୍ରେସ ଇସ୍ତାହାର ଜାରି କରି କହିଛି ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଜରିଆରେ ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଅସ୍ତରଙ୍ଗ ଠାରେ ଅବସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳୟର ମରାମତି କରଣ ପାଇଁ ୨ଲକ୍ଷ୍ୟ ଟଙ୍କା ଅନୁମୋଦନ କରାଯାଇଥିଲା। ମରାମତି ନହୋଇ ରଙ୍ଗ ମାରି ଉକ୍ତ କଲେଜର ଜୈନିକ ସରକାରୀ ମାର୍ପତରେ ପଞ୍ଚାୟତ ସମିତି ଅସ୍ତରଙ୍ଗ ମାଧ୍ୟମରେ ଉକ୍ତ ଅର୍ଥ ହରିଲୁଟ୍ କରିବା ପାଇଁ ମସୁଧା ଚାଲିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ଆମ ପ୍ରତିନିଧି ଅସ୍ତରଙ୍ଗ ବ୍ଲକ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ଉଠାଇନଥିଲେ। କେମିତି କିଭଳି କଣ ଏମିତି ମରାମତି କରାଗଲା ଯେ ୨ଲକ୍ଷ୍ୟ ଖର୍ଚ୍ଚ ହେଲା। ନାଁ ରଙ୍ଗକୁ ରାଜନୈତିକ ଉଷ୍ମତା ଲାଗିରହିଥିବା ବେଳେ ରଙ୍ଗ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ପାଇଁ ମସୁଧା ନୁହେଁ ତ ବିଭାଗୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।




## ଭଡ଼ା ଘରେ ସେକ୍ସ ରାକେଟ

### ମହିଳା କିଙ୍ଗପିନ ଓ ପୁରୁଷ ମାଷ୍ଟରମାଇଣ୍ଡ ଗିରଫ



**ମାଲକାନଗିରି:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ସଦରମହକୁମା ପାତ୍ରଗୁଡା ନିକଟରେ ଏକ ଭଡ଼ା ଘରେ ଚାଲୁଥିଲା ସେକ୍ସ ରାକେଟ ଦେହ ବେପାର ବେଳେ ମାଡ଼ି ବସିଲେ ପୋଲିସ। ଦେହ ବେପାର ଚାଲିଥିବା ବେଳେ ମାଡି ବସିଲା ମାଲକାନଗିରି ଟାଉନ ପୋଲିସ। ଦେହଜୀବୀ ସହ ଗ୍ରାହକ ଗିରଫ। ଜିଲ୍ଲା ସଦରମହକୁମାରେ ଥିବା ପାତ୍ରଗୁଡା ସ୍ଥିତ ଏକ ଭଡା ଘରେ ଚାଲିଥିଲା ସେକ୍ସ ରାକେଟ। ଜଗତସିଂହପୁର ଏବଂ ଭଦ୍ରକ ଜିଲ୍ଲାରୁ ଆସୁଥିଲା ରାଣୀ ମୋହୁମାଛି। ଅନ୍ଧାରିଆ ରାତିରେ ମାଡ଼ି ବସିଲା ପୋଲିସ। ଦେହ ବ୍ୟାପାରର ରାକେଟ ପର୍ଦ୍ଦାଫାଶ କରିଛି ମାଲକାନଗିରି ପୋଲିସ। ବିଳମ୍ବିତ ରାତିରେ ମାଲକାନଗିରି ଏସଡିପିଓ ଦିବ୍ୟ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଅଚାନକ ଚଢ଼ାଉ କରିଥିଲେ। ଦୀର୍ଘ ଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ଦେହ ବ୍ୟାପର ଚାଲି ଆସୁଥିଲା ଆଉ ନେଉଥିଲେ ମୋଟା ଅଙ୍କ। ତେବେ ଏଥର କିନ୍ତୁ ଆଉ ରିହା ପାଇଲେ ନାହିଁ କିଙ୍ଗପିନ୍ ଲେଡି। ମାଲକାନଗିରି ଟାଉନ ପୋଲିସକୁ ମିଳିଥିଲା ସୁରାକ ଆଉ ସୁରାକ ଆଧାରରେ ମାଡ଼ି ବସିଥିଲେ ପୋଲିସର ଟିମ୍। ପୋଲିସର ଚଢ଼ାଉ ବେଳେ ୨ଜଣ ଦେହଜୀବୀଙ୍କୁ ସମେତ ରାକେଟର କିଙ୍ଗପିନ ଲେଡି ଏବଂ ପୁରୁଷ ମାଷ୍ଟର ମାଇଣ୍ଡକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଟିଏ ସ୍କର୍ପିଓ ଗାଡ଼ି, ସହିତ ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୋଲିସ। ସେହିପରି ଛତିଶଗଡ଼ ସୁକୁମା ଅଞ୍ଚଳର ୨ ଗ୍ରାହକଙ୍କୁ ଗିରଫ କରିଛି ପୋଲିସ। ଏତିକିରେ ସରିନାହିଁ ପୂର୍ବରେ ମଧ୍ୟ ଏହି ରାଣୀ ମହୁମାଛି ସମାନ ଘଟଣାରେ ଗିରଫ ହୋଇଥିବା ଜଣାପଡିଛି। ତେବେ ଦେଖିବାକୁ ବାକି ମାଲକାନଗିରି ପୋଲିସ ଆଗକୁ ଏଭଳି ଘଟଣାକୁ ରୋକିବାରେ କ'ଣ ପଦକ୍ଷେପ ଗ୍ରହଣ କରୁଛି।

## ରାବଣା–ମାର୍ଥାପୁର ରାସ୍ତା ମରାମତି ନାଁରେ ହରି ଲୁଟ୍ ଅଭିଯୋଗ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ୍ ଅନ୍ତର୍ଗତ ମାଣତୀରା ପଞ୍ଚାୟତର ରାବଣା–ମାର୍ଥାପୁର ରାସ୍ତା ମରାମତି ନାଁରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଗଭୀର ଅସାଧୁ ମେଣ୍ଟ ଚାଲିଥିବା ଅଭିଯୋଗ ଉଠିଛି। ଦୁଇ ବର୍ଷ ପୂର୍ବରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ଏହି ରାସ୍ତା ଏବେ ଗର୍ତ୍ତ ଓ ଧୂଳିରେ ପୂର୍ଣ୍ଣ ହୋଇଯାଇଛି, ଯାହା ଯାତାୟାତ ଓ ଦିନଦିନ ଜୀବନକୁ ଗୁରୁତର ପ୍ରଭାବ ପକାଉଛି। ୨୦୨୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ରାବଣା ଠାରୁ ମାର୍ଥାପୁର ପର୍ଯ୍ୟନ୍ତ ୬.୧ କି.ମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ଟ.୬.୮୯ କୋଟି ଖର୍ଚ୍ଚ ହୋଇଥିଲା। ୪.୫ କି.ମି କଂକ୍ରିଟ ଓ ୧.୫୫ କି.ମି ପିଚୁ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ



ନିର୍ମାଣ ପରେ ମରାମତିରେ ଗୁରୁତର ଅସାଧୁତା ଦେଖିବାକୁ ମିଳିଛି। ମରାମତି ଅର୍ଥ ଉଠିଲା, କାମ ହେଲା ନାହିଁ ୨୦୨୩–୨୪: ଟ.୪.୦୩ ଲକ୍ଷ, ୨୦୨୪–୨୫: ଟ.୫.୨୭ ଲକ୍ଷ, ୨୦୨୫–୨୬: ଟ.୬.୫୨ ଲକ୍ଷ, ୨୦୨୬–୨୭: ଟ.୭.୭୬ ଲକ୍ଷ, ୨୦୨୭–୨୮: ଟ.୯.୦୧ ଲକ୍ଷ, ମୋଟ ମରାମତି ନାମରେ ଅର୍ଥ: ଟ.୩୨.୬ ଲକ୍ଷ। ଠିକାଦାର ମଧ୍ୟ ୨୦୨୩–୨୪ ଓ ୨୦୨୪–୨୫ର ଅର୍ଥ ଉଠାଣ କରିସାରିଛନ୍ତି ବୋଲି ଅଭିଯୋଗ, କିନ୍ତୁ କାମ ଆଗେ ହୋଇନାହିଁ। କିଛି ସ୍ଥାନରେ ମାତ୍ର ପ୍ୟାଚ୍ ପକାଇ ଦେଖାଉଲି କାମ କରି ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଭୟାବହ ଅବସ୍ଥା ଓ ଜନତାର ଦୁର୍ଦ୍ଦଶା ମଧ୍ୟରେ ରାବଣା–କେନ୍ଦୁଡ଼ିପ୍ ରାସ୍ତାରେ ଗର୍ତ୍ତ, ଫାଟ ଓ ବନ୍ଦ ନଳା ଯୋଗୁଁ ବର୍ଷା ପାଣି ରାସ୍ତା ଉପରେ ଚାଲୁଛି। କେନ୍ଦୁଡ଼ିପ୍–କୁମ୍ଭିରଗଡିଆ ଅଞ୍ଚଳରେ ପିଚୁ ଉଠିଯାଇଥିବାରୁ ରାସ୍ତା ଅସୁବିଧାଜନକ ହୋଇପଡ଼ିଛି। ଏଥିରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀ ଯାତାୟାତ ଓ ଶିକ୍ଷ କର୍ମଚାରୀମାନେ ଦିନେ ଦିନେ ଦୁଃଖ ଭୋଗୁଛନ୍ତି। ଜାଜପୁର ଜିଲ୍ଲା ଶିଳ୍ପାଞ୍ଚଳର ମୁଖ୍ୟ ସଂଯୋଗ ରାସ୍ତା ଏହି ଅବସ୍ଥାରେ ଥିବା ହେଉଛି ପ୍ରଶାସନୀକ ଅସଫଳତାର ସ୍ପଷ୍ଟ ଚିତ୍ର। ଏହି ମାମଲା ଯଦି ତଦନ୍ତ ହୁଏ, ତେବେ ଲକ୍ଷ ଲକ୍ଷ ଟଙ୍କା ଅନିୟମିତ ଭାବେ ଉଠିଥିବା ତଥ୍ୟ ଫାସ ହେବା ଆଶଙ୍କା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ଉଚ୍ଚ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଥିବା ଅଭିଯୋଗ ତଦନ୍ତ ସାପେକ୍ଷ। ଗ୍ରାମବାସୀମାନେ ରାସ୍ତା ମରାମତି ଏବଂ ଅର୍ଥ ହଡ଼ପ ମାମଲା ଉପରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଏକ ପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି। ଏକ ଟ୍ରକ ଦିନବେଳା ମାଙ୍କଡା ପଥର ବୋଝେଇ କରି ଗଁଦିଆ ପଟୁ ଯାଉଥିଲା କିନ୍ତୁ କୁସିଦା ଛକ ପାଖରେ ମୁଖ୍ୟ ରାସ୍ତାରେ ଥିବା ଏକ ଛୋଟ ନାଳର ବାମପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ କୌଣସି ମୃତା ହାତ ହୋଇନଥିବାର ଜଣାଯାଏ। ଉକ୍ତ ଟ୍ରକ ଏପରି ଭାବରେ ଓଲଟିଛି ଯାହାର ଅଧିକାଂଶ ଅଂଶ ଭାଙ୍ଗିରୁଜି ଯାଇଛି। ଖବର ପାଇ ଗଁଦିଆ ପୋଲିସ ଘଟଣା ସ୍ଥଳରେ ପହଁଚି ଉକ୍ତ ଗାଡିକୁ ଜବତ କରିଥିବାର ଜଣାଯାଏ। କେଉଁ କାରଣରୁ ଉକ୍ତ ଟ୍ରକ ଓଲଟିଲା କୌଣସି ସଠିକ ତଥ୍ୟ ମିଳିନାହିଁ।

## କାଠ ଚାଲାଣ ବେଳେ ବନ ବିଭାଗର ଚଢ଼ାଉ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ରାଇବଣିଆର ସର୍ଦ୍ଦାରବନ୍ଧ ପଞ୍ଚାୟତର ବିଶ୍ୱନାଥପୁର ଗାଁର ପାଣ୍ଡୁ ମୁର୍ମୁ ସରକାରୀ ଜାଗାକୁ ଜବର ଦଖଲ କରି ରଖିଥିଲେ। ସେଥିରେ ଥିବା ୫୦ରୁ ଉର୍ଦ୍ଧ୍ୱ ଆକାଶିଆ ଗଛକୁ ପଶ୍ଚିମବଙ୍ଗର କାଠ ବେପାରୀମାନଙ୍କୁ ବିକ୍ରି କରିଥିଲେ। ବେପାରୀମାନେ ରବିବାର ଆସି ଯନ୍ତ୍ର ସାହାର୍ଯ୍ୟରେ ୫୦ରୁ ଅଧିକ ଗଛ କାଟି ଥିବାବେଳେ ଗ୍ରାମବାସୀ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ଜଣାଇଥିଲେ। ସାଂସଦ ଜିଲ୍ଲାପାଳଙ୍କୁ ଜଣାଇବାରୁ ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ରେଞ୍ଜର ଜୟଶ୍ରୀ ମୁର୍ମୁ, ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ସଦଳବଳେ ରାତିରେ ଘଟଣାସ୍ଥଳକୁ ଯାଇ କାଠ ଗୁଡିକୁ ଜବତ କରି ଆଣିଛନ୍ତି। ସୂଚନାଯୋଗ୍ୟ ରାଇବଣିଆର ସୀମାବର୍ତ୍ତୀ ଜଙ୍ଗଲରୁ ବ୍ୟାପକ ପରିମାଣରେ ଗଛ କାଟି ପଶ୍ଚିମବଙ୍ଗକୁ ସହଜରେ ଚାଲାଣ ହେଉଛି।

## ପଞ୍ଚୁକରେ ଶୈବ ପୀଠ ଚଳଚଞ୍ଚଳ

**ଶେରଗଡ: ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମର ମାସ କାର୍ତ୍ତିକ ଏକାଦଶୀରେ ପଞ୍ଚୁକ ପର୍ବ ଆରମ୍ଭ ହେଉଛି। ପୂର୍ଣ୍ଣିମା ତିଥିରେ ପଞ୍ଚୁକ ପର୍ବ ସମାପନ ହେବ। ଚଳିତ ବର୍ଷ ଚାରି ଦିନ ପଞ୍ଚୁକ ପର୍ବ ପାଳନ ହେଉଛି। ଧର୍ମପରାୟଣ ପୁରୁଷ ଓ ମହିଳା ଈଶ୍ୱର କୃପା ଲାଭ ଲାଗି ପଞ୍ଚୁକ ପାଳନ କରିଥାନ୍ତି। ପାଞ୍ଚ ଦିନ ମହିଳାମାନେ ରିତୀନିତି ଅନୁସାରେ ପୂଜା କରିଥାନ୍ତି। ଏହି ଅବସରରେ ଶେରଗଡ ସହର ଓ ଏହାର ଆଖପାଖରେ ଥିବା ବିଭିନ୍ନ ଶୈବପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ନଦୀରେ ପ୍ରତ୍ୟୁଷରୁ ସ୍ନାନ କରି ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ମୁରୁଜ ପକାଇ ବୃନ୍ଦାବତୀଙ୍କୁ ସ୍ଥାପନ କରି ପଞ୍ଚୁକ ବ୍ରତଧାରୀମାନେ ପୂଜାର୍ଚ୍ଚନା କରୁଛନ୍ତି। ମୁରୁଜରେ ତିଆରି ବିଭିନ୍ନ ଦେବାଦେବୀଙ୍କ ଚିତ୍ର ବେଶ ଚିତାକର୍ଷକ ହୋଇଛି। ଧୂପ, ଦୀପ, ଗଜାମୁଗ, ଖଇ, ଉଖୁଡା, ବିଭିନ୍ନ ପ୍ରକାରର ଫଳ ଭୋଗ କରି ପୂଜା କରିଥାନ୍ତି। ସାହି ବସ୍ତିରେ ଥିବା ଧାର୍ମିକ ଅନୁଷ୍ଠାନ ପକ୍ଷରୁ ହେଉଥିବା ସଂକୀର୍ତ୍ତନ ବେଶ ହୃଦୟସ୍ପର୍ଶୀ ହେଉଛି। ଢୋଲ, ମୃଦଙ୍ଗ, ଗିନି, ଖଞ୍ଜଣୀ, ଶଙ୍ଖ ନାଦରେ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ସାହି ପରିକ୍ରମା କରିବା ସହିତ ବିଭିନ୍ନ ଦେବାଳୟରେ ବେଢ଼ା ପରିକ୍ରମା କରିଥାନ୍ତି। ଶେରଗଡ ବ୍ଲକ କରଡାକଣା ପଞ୍ଚାୟତରେ ପ୍ରସିଦ୍ଧ ପ୍ରଭୁ ଉଦୟନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖାଦେଇଛି। ସେହିପରି ସହରରେ ଥିବା ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ବୁଦ୍ଧେଶ୍ୱର ଦେବ, ରାମଚଣ୍ଡୀ, ଜୟଚଣ୍ଡୀ, ଶୀତଳା ଦେବୀଙ୍କ ପୀଠରେ ପଞ୍ଚୁକ ବ୍ରତଧାରୀମାନେ ପୂଜା କରୁଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସହରବାସୀଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ଦେଖାଯାଇଛି।

## ଶ୍ରୀ ଜଗନ୍ନାଥଙ୍କ ବଡ ଏକାଦଶୀ ନୀତି

**ଶେରଗଡ: ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ପୀଠରେ ବଡ ଏକାଦଶୀ ବେଢା ନୀତି ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସ ସାରା ଶ୍ରୀ ଜଗନ୍ନାଥଙ୍କ ରାଧା ଦାମୋଦର ବେଶ ଅନୁଷ୍ଠିତ ହେଉଥିବା ବେଳେ ରବିବାରଠୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହେବ। ଏହି ବେଶ ଦର୍ଶନ ଲାଗି ହବିଷ୍ୟାଳିଙ୍କ ସମେତ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ରାତି ୪ଟାରୁ ମନ୍ଦିରର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତୀ, ଅବକାଶ, ରାଧା ଦାମୋଦର ବେଶ, ତୁଳସୀ ଚନ୍ଦନ ଲାଗି ନୀତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ସାଢେ ୮ଟାରେ ସକାଳ ଧୂପ, ଦ୍ୱିପ୍ରହରରେ ମଧ୍ୟାହ୍ନ ଭୋଗ ନୀତି ହେବା ପରେ ଦିନ ୩ଟା ପରେ ଏକାଦଶୀ ନୀତି ଆରମ୍ଭ ହୋଇଥିଲା। ଦିନ ତମାମ ପୀଠରେ ଭଜନ, କୀର୍ତ୍ତନ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସନ୍ଧ୍ୟା ଆଳତୀ ପରେ ନୀତିକାନ୍ତି ଶେଷ ହୋଇଥିଲା। ପରେ ଜଗତ କଲ୍ୟାଣ ଲାଗି ମହାଦୀପ ଉଠାଯାଇଥିଲା। ରାତି ୯ଟାରେ ବଡ ସିଂହାର ନୀତି ପରେ ପହୁଡ ପଡିଥିଲା।

## ଆରମ୍ଭ ହେଲା ବେଶାଳିଆ ଗଡଜାତ ମହୋତ୍ସବ ପର୍ବ

**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ବେଶାଳିଆ ଗ୍ରାମରେ ଅନୁଷ୍ଠିତ ହୋଇଛି 'ବେଶାଳିଆ ଗଡଜାତ ମହୋତ୍ସବ ପର୍ବ' । ଢେଙ୍କାନାଳର ପୁରାତନ ଗ୍ରାମ ବେଶାଳିଆ, ଯାହାକି ପୂର୍ବରୁ ବେଶାଳିଆ ଗଡ ଭାବେ ପରିଚିତ ଥିଲା। ଏହି ଐତିହ୍ୟକୁ ମନେ ରଖିବା ଓ ପ୍ରଚାର ପ୍ରସାର ପାଇଁ ପ୍ରଥମଥର ପାଇଁ ଆରମ୍ଭ କରିଛନ୍ତି ବେଶାଳିଆ ଗଡଜାତ ମହୋତ୍ସବ ପର୍ବ। ଏହି ମହୋତ୍ସବ ଚଳିତ ବର୍ଷ ଗୋଟିଏ ଦିନ ପାଇଁ ଆୟୋଜନ କରାଯାଇଥିଲେ ମଧ୍ୟ ଏହା ସବୁବର୍ଷ ପାଳନ କରାଯିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଆଜିରେ ମହୋତ୍ସବରେ ଗ୍ରାମର ସମସ୍ତ ଦେବାଦେବୀ ମନ୍ଦିରରୁ ମଶାଲ୍ ଓ ଆଜ୍ଞାମାଳ ଅଣାଯାଇ ହନୁମାନ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯାଇ ଏକ ମଶାଲ ରାଲି ଆରମ୍ଭ ହୋଇଥିଲା। ଏହି ମଶାଲ ରାଲିରେ ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଶତପଥୀ ଯୋଗଦେଇ ରାଲିକୁ ଉଦ୍‌ଘାଟନ କରିଥିଲେ । ସେଥିରେ ବିଭିନ୍ନ ପାଇକ ଆଖଡା ଓ କୀର୍ତନମଣ୍ଡଳୀ ଯୋଗଦେଇ ଗ୍ରାମ ପରିକ୍ରମା କରି ସ୍କୁଲ୍ ପଡିଆରେ ପହଁଚିବା ପରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମହୋତ୍ସବ ଉଦ୍‌ଘାଟନ ହୋଇଥିଲା । ମୁଖ୍ୟ ଅତିଥି ଭାବେ




ନାଟ୍ୟକାର ଡଃ ଅରୁଣ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ନର୍ଭେରାମ୍ ଷ୍ଟିଲ୍‌ର ପରିଚାଳକ ଅନନ୍ତ କୁମାର ମିଶ୍ର, ଇଣ୍ଡିଆନ୍ ପୋଟାସ୍ ଲିଃ ର ପରିଚାଳନା ନିର୍ଦ୍ଦେଶକ (ୟୁନିଟି ହେଡ୍) ବିକାଶ ଚନ୍ଦ୍ର ଚୌଧୁରୀ, ଗୁଣ୍ଡିଚାପଡା ଗ୍ରାମପଞ୍ଚାୟତ ସରପଞ୍ଚ ସୁଜାତା ପ୍ରଧାନ, ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ମିଶ୍ର, ଜିଲ୍ଲା ସଭାପତି ସୁଧାକର ଦାସ, ସଂପାଦକ ହେମନ୍ତ କୁମାର ପ୍ରଧାନ, ବେଶାଳିଆ ଗ୍ରାମ ସଭାପତି ଶ୍ରୀବତ୍ସ ପଟ୍ଟନାୟକ ଓ ବେଶାଳିଆ ଗଡଜାତ ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଓ ସଂପାଦକ ବିଷ୍ଣୁପ୍ରସାଦ ସାମଲ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ସଂପାଦକ ବିଷ୍ଣୁ ପ୍ରସାଦ ସାମଲ ବେଶାଳିଆ ଗଡ ବିଷୟରେ ଢେଙ୍କାନାଳ ଇତିହାସରେ ଲିଖିତ ଥିବା ସଂପର୍କରେ ଅବଗତ କରାଇଥିଲେ । ଯାହାକି ଢେଙ୍କାନାଳ ଇତିହାସରୁ ଜଣାପଡେ ଷୋଡଶ ଶତାବ୍ଦୀରେ ବେଶାଳିଆ ଗଡରେ ରାଜାମାନେ ଶାସନ କରୁଥିଲେ ଓ ବେଶାଳିଆ ଗଡରେ ଶେଷ ରାଜା ଶ୍ରୀଧର ଭଞ୍ଜ ଥିଲେ ବୋଲି ଢେଙ୍କାନାଳ ଇତିହାସରେ ଲିଖିତ ଥିବା ଲୋକମାନଙ୍କୁ ଜଣାଇଥିଲେ। ଏହି ମହୋତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ଢେଙ୍କାନାଳ ଜିଲ୍ଲାର ଆଠଗୋଟି ବ୍ଲକ୍‌ରୁ ୧୮ଗୋଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ ଓ ସେମାନଙ୍କୁ ମାନପତ୍ର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବେଶାଳିଆ ଗ୍ରାମବାସୀ, ବେଶାଳିଆ ଗଡଜାତ ମହୋତ୍ସବ କମିଟିର ସଦସ୍ୟ ଓ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘର ସଦସ୍ୟମାନେ ସହଯୋଗ କରିଥିଲେ ।

## ବାଣିଜ୍ୟ

### ଏଏମ୍‌ଏନ୍‌ଏସ୍ ଆନ୍ଧ୍ର ପ୍ରକଳ୍ପକୁ ପରିବେଶ ମଞ୍ଜୁରି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଏକ ମେଗା ଇସ୍ପାତ କାରଖାନା ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୮.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନକୁ ପରିବେଶ ମଞ୍ଜୁରି ମିଳିଛି। ଅନକାପଲ୍ଲୀ ଜିଲ୍ଲାରେ ୨୨୦୦ ଏକର ଜମିରେ ପ୍ରଥମ ପର୍ଯ୍ୟାୟରେ ସ୍ଥାପନ ହେବାକୁଥିବା ଏହି ପ୍ରକଳ୍ପ ପାଇଁ ୮୦ ହଜାର କୋଟି ଟଙ୍କା ନିବେଶ ହେବ। ଚଳିତବର୍ଷ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକଳ୍ପର ମୋଟ ଇସ୍ପାତ ଉତ୍ପାଦନ କ୍ଷମତା ୨୪ ନିୟୁତ ଟନକୁ ବୃଦ୍ଧି ପାଇପାରେ। ଏଥିପାଇଁ କମ୍ପାନିର ମୋଟ ନିବେଶ ରାଶି ୧.୫ ଲକ୍ଷ କୋଟି ଟଙ୍କା ହୋଇପାରେ।




୨୦୨୪ ଅଗଷ୍ଟରେ କମ୍ପାନି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଏହାର ପ୍ରକଳ୍ପ ପ୍ରସ୍ତାବ ପଠାଇଥିଲା। ଚଳିତବର୍ଷ ଅନକାପଲ୍ଲୀ ଜିଲ୍ଲାରେ ରାଜୟାପେଟାଠାରେ ଉକ୍ତ ପ୍ରକଳ୍ପ ସ୍ଥାପନ ହେବ। ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ ପାଇଁ କମ୍ପାନି ୩୩୦୦ ଏକର ଜମି ମାଗିଛି। ଛତିଶଗଡର ବଇଲଡିଲାରୁ ଏଠାକୁ ସ୍ଲରି ପାଇପ୍ ଯୋଗେ ଲୁହାପଥର ଆଣିବା ଯୋଜନା ରଖିଛି।

ଆନ୍ଧ୍ରପ୍ରଦେଶରେ ଏଏମଏନଏସର ଏହି ପ୍ରକଳ୍ପ ପାଇଁ କମ୍ପାନି ଖୁବ୍ ଦ୍ରୁତ ବେଗରେ ମଞ୍ଜୁରି ଓ ଅନୁମତି ହାସଲ କରିବାରେ ଲାଗିଛି। ଜମି ଚିହ୍ନଟ, ଆବଣ୍ଟନ, ଜନଶୁଣାଣି ଏବଂ ଚୂଡାନ୍ତ ପରିବେଶ ମଞ୍ଜୁରି ପାଇଁ ସାଧାରଣତଃ ୨ରୁ ୪ ବର୍ଷ ସମୟ ଲାଗିଥାଏ। କିନ୍ତୁ ଏ କ୍ଷେତ୍ରରେ ୧୪ ମାସ ସମୟ ଲାଗିଛି। ରାଜ୍ୟ ସରକାର କମ୍ପାନିକୁ ଯେଉଁ ଜମି ଦେଇଛନ୍ତି ସେଠାରେ ବନ୍ୟଜନ୍ତୁ, ଜଙ୍ଗଲ, ନଦୀ ଏବଂ ଆଦିବାସୀ ଲୋକ ବାସ କରୁନାହାନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି।

## ୬୦ ବର୍ଷରେ ପାଦ ଥାପିଲେ ଶାହରୁଖ ଖାନ



### ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଶାହରୁଖ ଖାନ, ନାଁ ତ ଆପଣ ନିଶ୍ଚିତ ଶୁଣିଥିବେ। କାରଣ ଏହି ନାଁ କେବଳ ବଲିଉଡରେ ନୁହେଁ, ସାରା ବିଶ୍ୱର ଲୋକଙ୍କ ହୃଦୟରେ ରାଜ୍ କରିଥାଏ। ତେବେ ବଲିଉଡର 'ବାଦଶାହ' ଶାହରୁଖ ଖାନ ୨ ନଭେମ୍ବରରେ ତାଙ୍କର ୬୦ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ବିଶେଷ ଅବସରରେ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଶାହାରୁଖଙ୍କୁ ଜନ୍ମଦିନର ସୁଅ ଛୁଟୁଛି। ଯଦିଓ ଏହା ପୂର୍ବରୁ ଶାହାରୁଖ ଖାନ ଅନେକ ଟିଭି ସିରିଏଲ କରିଥିଲେ। ତେବେ ଶାହରୁଖ ଏଥର ମୁମ୍ବାଇରେ ନୁହେଁ, ଆଲିବାଗରେ ତାଙ୍କର ଜନ୍ମଦିନ ପାଳନ କରିଛନ୍ତି। ବର୍ତ୍ତମାନ ତାଙ୍କ ମନ୍ନତ ବଙ୍ଗଳାରେ ନବୀକରଣ କାର୍ଯ୍ୟ ଚାଲିଛି। ତେଣୁ, ଶାହରୁଖ ତାଙ୍କ ଆଲିବାଗ ଫାର୍ମହାଉସରେ ତାଙ୍କର ଜନ୍ମଦିନ ପାଳନ କରିଛନ୍ତି। ଯାହାର ଫଟୋ ଓ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ପରିବାର ଏବଂ ନିକଟତର ବନ୍ଧୁମାନେ ପାର୍ଟିରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି।



କରଣ ଜୋହର ମଧରାତ୍ରିରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହି ପୋଷ୍ଟରେ, ସେ ରାଣୀ ମୁଖାର୍ଜୀଙ୍କ ସହ ଏକ ସେଲଫି ନେଉଛନ୍ତି। ଅନନ୍ୟା ପାଣ୍ଡେ ମଧ୍ୟ ପାର୍ଟିରେ ଯୋଗ ଦେଇଥିଲେ। ସେ କରଣଙ୍କ ଫଟୋରେ ଦେଖିବାକୁ ମିଳିଛନ୍ତି। ସେହିପରି ଫରାହ ଖାନ ଶାହରୁଖ ଖାନଙ୍କ ସହ ଦୁଇଟି ଫଟୋ ସେୟାର କରି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଏହି ଫଟୋଗୁଡ଼ିକ ଶାହରୁଖ ଖାନଙ୍କ ଜନ୍ମଦିନ ପାଳନର। କ୍ୟାପସନରେ ଫରାହ ଖାନ ଲେଖିଛନ୍ତି, 'ଜନ୍ମଦିନର ଶୁଭେଚ୍ଛା ରାଜା ! ଆପଣ ଆଗାମୀ ୧୦୦ ବର୍ଷ ପାଇଁ ରାଜତ୍ୱ କରନ୍ତୁ।' ଗୋଟିଏ ଫଟୋରେ ଫରାହ ଖାନ ଶାହରୁଖ ଖାନଙ୍କୁ ଚୁମ୍ବନ ଦେଉଛନ୍ତି, ଯେତେବେଳେ ଦ୍ୱିତୀୟ ଫଟୋରେ ସେମାନେ ପରସ୍ପରକୁ ଆଲିଙ୍ଗନ କରୁଛନ୍ତି। ଫରାହ ଖାନଙ୍କ ଫଟୋରେ ସୁହାନା ଏବଂ ଆର୍ଯ୍ୟାନ ଖାନଙ୍କୁ ବି ଦେଖିବାକୁ ମିଳିଛି।

ତେବେ ୨ ନଭେମ୍ବର ୧୯୬୫ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ଶାହାରୁଖ। ତାଙ୍କ ବାପା ତାଜ ମହମ୍ମଦ ଖାନ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ ତାଙ୍କ ମାଙ୍କ ନାଁ ଥିଲା ଫାତିମା। ଶାହାରୁଖ ନିଜ ସ୍କୁଲ ଶିକ୍ଷା ଦିଲ୍ଲୀର ସେଣ୍ଟ କଲୋମ୍ବସ ସ୍କୁଲରୁ କରିଥିଲେ। ପାଠ ସହିତ ସେ ଥିଏଟରରେ ମଧ୍ୟ ନିଜ ପ୍ରତିଭା ଦେଖାଇଥିଲେ। ଏହାପରେ ସେ ହଂସରାଜ କଲେଜରୁ ଡିଗ୍ରୀ ହାସଲ କରିଥିଲେ। ପରେ ଜାମିଆ ମିଲିଆ ଇସଲାମିୟା ବିଶ୍ୱବିଦ୍ୟାଳୟରୁ ମାସ କମ୍ୟୁନିକେସନରୁ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ବାପା-ମାଙ୍କ ମୃତ୍ୟୁ ପରେ ଶାହାରୁଖ ମୁମ୍ବାଇ ଚାଲି ଆସିଥିଲେ। କିଛି ବର୍ଷ ସଂଘର୍ଷ ପରେ ସେ ସିରିଏଲରୁ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଟେଲିଭିଜନ ପରେ ସେ ପାଦ ଦେଇଥିଲେ ସିନେମା ଜଗତରେ। ଚଳଚ୍ଚିତ୍ର 'ଦିୱାନା' ଜରିଆରେ ପ୍ରଥମେ ସେ ନିଜ ଅଭିନୟରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ଡର୍, ଅଞ୍ଜାମ ଓ ବାଜିଗର, ରାଜୁ ବନ୍ ଗୟା ଜେଣ୍ଟଲ୍ ମ୍ୟାନ୍, କୁଛ୍ କୁଛ୍ ହୋତା ହୈ, ଦେବଦାସ, ଦିଲୱାଲେ ଦୁଲହନିୟା ଲେ ଜାୟେଙ୍ଗେ, ଚକ୍ ଦେ ଇଣ୍ଡିଆ ଭଳି ସିନେମାରେ ସେ ଉତ୍ତମ ଅଭିନୟ କରି ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଜନ୍ମଦିନ ଅବସରରେ ଶାହାରୁଖଙ୍କ ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ତାଙ୍କ ସଫଳତାର ଜୀବନ ଭିତରେ ସେ ବହୁତ ସଂଘର୍ଷ କରିଛନ୍ତି। ହେଲେ ତାଙ୍କ ଏହି ସଫରରେ ସେ ଫ୍ୟାନମାନଙ୍କ ମଧ୍ୟରେ ବେଶ ଲୋକପ୍ରିୟ ହୋଇଛନ୍ତି।

## କିଟ୍ ନହ୍ନିପରୀର ରୌପ୍ୟ ଜୟନ୍ତୀ; ଡିସେମ୍ବରରେ ହେବ ଗ୍ରାଣ୍ଡ ଫିନାଲେ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିସନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି। କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୩ ରୁ ୧୫ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଆଜି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଓଲିଉଡ୍ ତାରକା ପୁନମ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ୍ ରୋସନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, ଡ. ତ୍ରିପୁରା ମିଶ୍ର ଓ ବାଉରୀ ରାଉଳ ପ୍ରମୁଖ ଯୋଗ ଦେଇଥିବା ବେଳେ କୋର କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ।




ସୂଚନାଯୋଗ୍ୟ, କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୫୬ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନି ପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍‌ରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍ ପାଇଁ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ।

ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ୍ କିଡ୍, ମିସ୍ ସିଣ୍ଡେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ପ୍ରତ୍ୟେକ ୨୦ ହଜାର ଟଙ୍କାର ଅର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନହ୍ନିପରୀ ପ୍ରତିଯୋଗିତା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତା ଓ ପରାମର୍ଶ କ୍ରମେ ଏବେ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି।

# ସଲିମାର-ଭଞ୍ଜପୁର ଟ୍ରେନ୍ ଧକ୍କାରେ ଦନ୍ତାହାତୀର ମୃତ୍ୟୁ

**୨୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଯୁଗଳ ରେଳ ଷ୍ଟେସନ ଠାରୁ ୫୦୦ ମିଟର ଦୂର ଆଗ୍ରିଆ ରେଳ ପଠାଟକ ନିକଟରେ ଶନିବାର ରାତି ଟ୍ରେନ ଧକ୍କାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ମୁତାବକ ଶନିବାର ରାତି ୧୧.୩୦ ମିନିଟ ସମୟରେ ସାଲିମାର-ଭଞ୍ଜପୁର ଏକ୍ସପ୍ରେସ ଟ୍ରେନ ରୁପ୍ସା ବାଙ୍ଗିରିପୋଷି ରେଳପଥର ଯୁଗଳ ଷ୍ଟେସନରୁ ବାହାରି ବାରିପଦା ଅଭିମୁଖେ ଯାଉଥିବା ବେଳେ ଆଗ୍ରିଆ ଠାରେ ଥିବା ଲେବଲ କ୍ରସିଂ ପାରିହେବାକୁ ଚେଷ୍ଟା କରୁଥିବା ଏକ ଦନ୍ତାହାତୀ ରେଳଫାଟକ ଭିତରେ ଫସି ରହିଯାଇଥିଲା । ଟ୍ରେନ ଡ୍ରାଇଭର ଟ୍ରେନ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଅଟକାଇ ପାରିନଥିଲା । ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ରେଳ ଆସୁଥିବା ଯୋଗୁଁ ଏଭଳି ସ୍ଥିତିରେ ଫାଟକ ଉଠାଇବାକୁ ରାଜି ହୋଇନଥିଲେ ରେଳ କର୍ମଚାରୀ । ଯାହା ଫଳରେ ଆଖିପିଛୁଳାକେ ଏକ୍ସପ୍ରେସ ଟ୍ରେନ ଆସି ଦନ୍ତା ହାତୀଟିକୁ ଧକ୍କା ଦେଇ ଅଟକି ଯାଇଥିଲା ଏବଂ ଏହାର ଲୋକ ପାଇଲଟ୍ ଉପରିସ୍ଥ



ଅଧିକାରୀଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇବା ପରେ ଗାଡ଼ି ଆଗେଇ ଯାଇଥିଲା ।

ଘଟଣା ବାବଦରେ ଖବର ପାଇ ବେତନଟୀ ଫରେଷ୍ଟ ରେଞ୍ଜର ବନବିଭାଗ ଅଧିକାରୀ ଧୃବେନ୍ଦ୍ର ନାଥ ନାଏକ ଏବଂ ଅନ୍ୟ କର୍ମଚାରୀମାନେ ପହଞ୍ଚି ମୃତ ହାତୀର ଶବକୁ ରାତି ସାରା ଜଗି ରହିଥିଲେ । ସକାଳ ହେବା ପରେ ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେରେ ପହଞ୍ଚି ଦୁର୍ଘଟଣା ର କାରଣ ସମ୍ବନ୍ଧରେ ବିବରଣୀ ସଂଗ୍ରହ କରିଥିଲେ । ଏଥିସହିତ ଭୁବନେଶ୍ୱରରୁ ଜେଟିଏଫ୍ ଟିମ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଡାକ୍ତରୀ ଦଳ ପହଞ୍ଚିବା ପରେ ମୃତ ହାତୀର ମର ଶରୀରକୁ କ୍ରେନ୍ ଓ ଡମ୍ଫର ସାହାଯ୍ୟରେ ବ୍ୟବଚ୍ଛେଦ ପାଇଁ ଦୁର୍ଗାପୁର ଜଙ୍ଗଲକୁ ନେଇ ଯାଇଥିଲେ । ବ୍ୟବଚ୍ଛେଦ ପରେ ସେହିଠାରେ ଗାତ ଖୋଳି ପୋତି ଦେଇଥିଲେ । ଖବର ପାଇ ପ୍ରିଣ୍ଟ ମିଡ଼ିଆ ଏବଂ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ଜିଲ୍ଲା ଓ ବ୍ଲକ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିଥିଲେ । ପ୍ରତକ୍ଷ୍ୟଦର୍ଶୀଙ୍କ କହିବା ଅନୁଯାଇ ଜଙ୍ଗଲ ବିଭାଗର ଖାମଖିଆଲି ନୀତି ପାଇଁ ଏଭଳି ଅଘଟଣ ଘଟିଗଲା । ଜନୈକ ଗଜସାଥିଙ୍କ କହିବାନୁଯାଇ ବହୁ ସମୟ ପୂର୍ବରୁ ଏହି ହାତୀଟି ରେଳ ଧାରଣା ଉପରେ ବୁଲୁଥିଲା । ହେଲେ ତା'କଥାକୁ କେହି କର୍ଣ୍ଣପାତ କରିନଥିଲେ । ତେବେ ଏ ସମ୍ପର୍କରେ ବନବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ଫୁଲଝରୀ ଓ କ୍ଷୀରପଦା ଜଙ୍ଗଲ ଅଞ୍ଚଳରେ ହାତୀପଲଙ୍କୁ ଜଗିଥିବା ବେଳେ ସମସ୍ତଙ୍କ ଅଜାଣତରେ ଗୋଟିଏ ହାତୀ ଗୋଠଛଡା ହୋଇ ହଠାତ୍ ରାସ୍ତା ବଦଳାଇ ଅନ୍ଧାର ରାତିରେ ଭିନ୍ନ ରାସ୍ତାରେ ଚାଲିଯାଇଥିବା ଯୋଗୁଁ ଜଣାପଡିନଥିଲା ବୋଲି କହିଥିଲେ । ତେବେ ଏହି ହାତୀ ମୃତ୍ୟୁ ପାଇଁ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ମିଳିବା ଉଚିତ୍ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଆଜିର ରାଶିଫଳ

| ତାରିଖ | ସୋମବାର– ତ୍ରୟୋଦଶୀ |
|---|---|
| ୩.୧୧.୨୦୨୫ | ନକ୍ଷତ୍ର– ମୀନଚନ୍ଦ୍ର, ହର୍ଷଣ |

| | |
|---|---|
| ମେଷ | ଶରୀର ଅସୁସ୍ଥ ହେବ। |
| ବୃଷ | ଅର୍ଥଲାଭ ହୋଇପାରେ। |
| ମିଥୁନ | କର୍ମେ ଆନନ୍ଦ ରହିବ। |
| କର୍କଟ | ଅର୍ଥହାନି ହୋଇପାରେ। |
| ସିଂହ | ଶରୀର ଅସୁସ୍ଥତା ରହିବ। |
| କନ୍ୟା | ଧନ ଅର୍ଥପ୍ରାପ୍ତି ହେବ। |
| ତୁଳା | ଆଘାତପ୍ରାପ୍ତ ହେବେ । |
| ବିଛା | ମାନସିକ ଦ୍ୱନ୍ଦ୍ୱରେ ରହିବେ। |
| ଧନୁ | ଅପମାନ ଯୋଗ ରହିଛି। |
| ମକର | ବନ୍ଧୁରେ ଆଗ୍ରହ ହେବେ। |
| କୁମ୍ଭ | ଅର୍ଥବ୍ୟୟ ହେବ। |
| ମୀନ | ଦୂରଯାତ୍ରାରେ ଖୁସି ହେବେ। |

# ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଆଜିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ମହାପଞ୍ଚୁକ ନୀତି ସହ ହରିଉତ୍ଥାପନ ଏକାଦଶୀ । ଏଥିପାଇଁ ଶ୍ରୀମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ ଲାଗିଛି । ପଞ୍ଚୁକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଥିବା ବେଳେ ମହାପ୍ରଭୁ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ ହୋଇ ଅଗଣିତ ଭକ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

ତେବେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍କେଟ ଛକ ଠାରେ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ଼ ଭିତରେ ଆସି ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଭକ୍ତଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ନଜରରେ ରଖି ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋଭେହିକିଲ ଜୋନ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୫ ଅତିରିକ୍ତ ଏସପି, ୧୬ ଡିଏସପି, ୩୫ ଇନ୍ସପେକ୍ଟରଙ୍କ ସହ ୩୨ ପ୍ଲାଟୁନ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ଦୀର୍ଘ ଏକାମାସ ଧରି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷ୍ୟାଳୀଙ୍କ ପାଇଁ ପଞ୍ଚୁକ ବ୍ରତ ବେଶ୍ ମହତ୍ୱ ରଖିଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ଥର ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଛି । ଫଳରେ ଭକ୍ତମାନେ ମହାପ୍ରଭୁଙ୍କର ବାଙ୍କଚୂଡ଼ ବେଶ ଦର୍ଶନରୁ ବଞ୍ଚିତ ରହିବେ ।

# ପ୍ରେମିକା ସହ ଘରୁ ଗୋଡ଼ କାଢ଼ିଲେ ପ୍ରେମୀଯୁଗଳ : ବାଟରେ ଛକି ବସିଥିଲା ଯମ

**ବୌଦ୍ଧ: ଏକ୍ସପ୍ରେସ ନ୍ୟୁଜ୍**

ମର୍ମନ୍ତୁଦ ସଡକ ଦୁର୍ଘଟଣାର ଶିକାର ହେଲେ ପ୍ରେମୀ ଯୁଗଳ । ଘଟଣାସ୍ଥଳରେ ପ୍ରେମିକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରେମିକା ଗୁରୁତର ହୋଇଛନ୍ତି । ମୃତ ପ୍ରେମିକ ଛତ୍ରଙ୍ଗ ଗ୍ରାମର ଅମୂଲ୍ୟ ବେହେରା ଓ ଗୁରୁତର ପ୍ରେମିକା ଭାବପୁର ଗ୍ରାମର ବୋଲି । ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପଇଦାଭୂଇଁ ବଡଯୋରନାଳ ନିକଟରେ ଦୁର୍ଘଟଣା । କୁହାଯାଉଛି ଯେ, ଶନିବାର ବିଳମ୍ବିତ ରାତିରେ ଉଭୟେ ଘରୁ ଫେରାର ମାରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ହରଭଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

ପ୍ରେମ କଲେ କିନ୍ତୁ ବିବାହ ପାଇଁ ଘର ଲୋକେ ରାଜି ହେଲେ ନାହିଁ । ରାତାରାତି ଘରୁ ଫେରାର ମାରିଲେ ପ୍ରେମୀଯୁଗଳ । ହେଲେ ନିୟତିରେ ଲେଖା ଥିଲା କିଛି ଅଲଗା । ଉଭୟଙ୍କ ଭାଗ୍ୟରେ ଲେଖା ନଥିଲା ସାଥିହୋଇ ଜୀବନ ବିତାଇବା । ପ୍ରେମିକା ସାଙ୍ଗରେ ସାରାଜୀବନ ବିତାଇବା ଆଶାରେ ପ୍ରେମିକାଙ୍କୁ ନେଇ ଅମୂଲ୍ୟ ଘରୁ ଗୋଡ଼ କାଢ଼ିଥିବା ବେଳେ ବାଟରେ ଛକି ବସିଥିଲା ଯମ । ରାସ୍ତାରେ ଘଟିଲା ମର୍ମନ୍ତୁଦ ସଡକ ଦୁର୍ଘଟଣା । ଦୁର୍ଘଟଣାର ଶିକାର ହେଲେ ଉଭୟ ପ୍ରେମୀଯୁଗଳ । ଏହି ଦୁର୍ଘଟଣାରେ ପ୍ରେମିକାକୁ ଅଧାବାଟରେ ଏକା କରି ଆରପାରିକୁ ଚାଲିଗଲା ପ୍ରେମିକ । ଘଟଣାସ୍ଥଳରେ ହିଁ ପ୍ରେମିକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରେମିକା ଗୁରୁତର ଭାବେ ହରଭଙ୍ଗା ମେଡିକାଲରେ ଜୀବନ ଆଉ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଛତ୍ରଙ୍ଗ ଗାଁର ଅମୂଲ୍ୟ ବେହେରା ଭାବପୁର ଗ୍ରାମର ଯୁବତୀଙ୍କୁ ଭଲ ପାଉଥିଲେ । ବିବାହ କରିବା ପାଇଁ ଘର ଲୋକଙ୍କୁ କହିଥିଲେ । ହେଲେ ଘରଲୋକ କୁଆଡେ ଏମାନଙ୍କ ବିବାହକୁ ନେଇ ଅରାଜି ହୋଇଥିଲେ । ଯେଉଁଥି ପାଇଁ ଉଭୟେ ମନସ୍ଥ କଲେ ଘରୁ ପଳାଇ ବିବାହ କରି ସାଥିହୋଇ ଜୀବନ ବିତାଇବେ । ଶନିବାର ବିଳମ୍ବିତ ରାତିରେ ଉଭୟେ ଘରୁ ଫେରାର ମାରୁଥିବା ବେଳେ ହରଭଙ୍ଗା ଥାନା ପଇଦାଭୂଇଁ ବଡଯୋରନାଳ ନିକଟ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଲା । ଏହି ଦୁର୍ଘଟଣାରେ ପ୍ରେମିକ ଅମୂଲ୍ୟ ବେହେରାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ପ୍ରେମିକାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ହରଭଙ୍ଗା ମେଡିକାଲରେ ଭର୍ତ୍ତି କରାଯାଇଛି । ସେଠାରେ ସେ ଜୀବନ ଆଉ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ସେପଟେ ଘଟଣାସ୍ଥଳରେ ହରଭଙ୍ଗା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ନିର୍ବାଚନ ପ୍ରଚାର ପାଇଁ ବିହାର ଗସ୍ତରେ ଢେଙ୍କାନାଳ ସାଂସଦ



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ଶନିବାର ଟ୍ରେନ ଯୋଗେଁ ଅନୁଗୁଳ ରେଳ ଷ୍ଟେସନରୁ ବିହାର ଗସ୍ତ କରିଛନ୍ତି । ସେ ଭୁବନେଶ୍ୱର ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଯୋଗେଁ ଗୟା ଷ୍ଟେସନ ପର୍ଯ୍ୟନ୍ତ ଯାତ୍ରା କରିବେ ସେଠାରୁ ପାଟଣା ଯିବା ସହ ବିଭିନ୍ନ ଅଂଚଳ ଗସ୍ତ କରି ନିର୍ବାଚନ ପ୍ରଚାରରେ ସାମିଲ ହେବେ । ବିହାର ଦାନଗଦି ବିଧାନସଭା କ୍ଷେତ୍ରରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବିଜେପି ପ୍ରାର୍ଥୀ ରାମ କୃପାଳ ଯାଦବ ପାଇଁ ମଧ ନିର୍ବାଚନ ପ୍ରଚାର କରିବେ । ରବିବାର ଅନୁଗୁଳ ଷ୍ଟେସନ ଠାରେ ଅନୁଗୁଳ ଷ୍ଟେସନ ମାଷ୍ଟର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଜେପି ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଅନୁଗୁଳ ରେଳ ଷ୍ଟେସନର ବିକାଶ ମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କର ଅସୁବିଧା ବିଷୟରେ ବୁଝିଥିଲେ ସାଂସଦ । ଆଗାମୀ ସାତ ତାରିଖରେ ରେଲୱେ ବୋର୍ଡ ମିଟିଙ୍ଗରେ ସମସ୍ତ ବିଷୟ ଉଥାପନ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାଂସଦ ଶ୍ରୀ ପାଣି ପ୍ରକାଶ କରିଥିଲେ । ସାଂସଦଙ୍କ ସହ ପ୍ରାକ୍ତନ ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ଅନୁଗୁଳ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସାଂସଦଙ୍କ ବିହାର ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇବା ସହ ବିଦାୟ ଦେଇଥିଲେ ।

# ଡିସେମ୍ବର ୨୫ରୁ 'ବହୁଭାଷୀ ନାଟ୍ୟ ମହୋତ୍ସବ'

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**




ସ୍ଥାନୀୟ ପତିତପାବନ ବିଦ୍ୟାଳୟ ଠାରେ ଭୂମିକା ଓ ମଠଖାଇ ମହୋତ୍ସବ କମିଟି ସଦସ୍ୟଙ୍କ ଉପସ୍ଥିତିରେ ୧୭ତମ ମାଠଖାଇ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସବୁ ବର୍ଷ ପରି ଏହି ବର୍ଷ ମଧ ପାଞ୍ଚ ଦିନ ଧରି ନାଟ୍ୟ ପ୍ରେମୀ ନାଟକ ଉପଭୋଗ କରିବେ ଓ ଓଡିଶାରୁ ତିନୋଟି ଓ ବାହାର ରାଜ୍ୟରୁ ଦୁଇଟି ନାଟକ ପରିବେଷଣ କରାଯିବ । ଆଜି ମଠ ଖାଇ ମହୋତ୍ସବର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ନାଟକ ସମାଜକୁ ସବୁବେଳେ ମନୋରଞ୍ଜନ କରିନଥାଏ ଏହା ପ୍ରେରଣାଦାୟୀ ହୋଇ ସଚେତନ ମଧ କରିଥାଏ ବୋଲି ମତ ପୋଷଣ କରିଥିଲେ । ଆଜିର ବୈଠାକରେ ଭୂମିକାର ଉପଦେଷ୍ଟା ନାଟ୍ୟଭୁଷନ ଜଗଦାନନ୍ଦ ଛୁରିଆ, ସଭାପତି ବୀରେନ୍ଦ୍ର ବନଛୋର ଓ ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଞ୍ଚାସିନ ଥିଲେ । ଏହି ସଭାରେ ମଠଖାଇ ମହୋତ୍ସବର ସଦସ୍ୟ ଯଥା ସନାତନ ଠାକୁର, ସୁଧାଂଶୁ ପଟ୍ଟନାୟକ, ଘାସିରାମ ମିଶ୍ର, ଅବଦୁଲ ଜମାଲ ଖାନ, ଉତାତାନନ୍ଦ ପଣ୍ଡା, ବୀରେନ୍ଦ୍ର ଝାଙ୍କର, ବଳରାମ ମିଶ୍ର, ନରେନ୍ଦ୍ର ସାହୁ, ଚନ୍ଦ୍ରଭାନୁ ମୋଲାନା, ଭବାନୀ ଶତପଥୀ, ମୁରଲୀ ଧାରୀ ପତି, ଗୌର କିଶୋର ମହାପାତ୍ର, ଶ୍ରୀମନ୍ତ ପଣ୍ଡା, ବାସୁଦେବ ସା ଡ଼.ଲଳିତ ସାହୁ, ସୁରୁଲାଲ ମଟାରୀ ଓ ଭୂମିକା ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଜଳାଶୟରେ ବୁଡି ଜଣେ ମୃତ୍ୟୁ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ଗାଧୋଇବାକୁ ଯାଇଥିବା ବେଳେ ଜଳାୟରେ ଗଭୀର ଜଳରେ ବୁଡିଯାଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ କେନ୍ଦୁଆ ଗ୍ରାମର ସ୍ୱର୍ଗତ କହ୍ନେଇ ସିଂଙ୍କ ପୁଅ ଦେବଲାଲ ସିଂ (୪୦) ନିଜ ଘର ନିକଟସ୍ଥ ଜଳାଶୟକୁ ଦିବା ଘ.୧.୩୦ମି. ସମୟରେ ଗାଧୋଇ ବାକୁ ଯାଇଥିବା ବେଳେ ଗଭୀର ଜଳରେ ବୁଡିଯାଇଥିଲା । ଜଳାଶୟରେ ଅନ୍ୟପଟେ ଗାଧୋଉଥିବା ଲୋକମାନେ ସଙ୍ଗେ ସଙ୍ଗେ ଜଳରୁ ଉଠାଇ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ଗୁରୁତର ଥିବା ଦେଖି ତାଙ୍କୁ ବାରିପଦା ରେଫର କରାଯାଇଥିଲା । ସେଠାରେ ପହଞ୍ଚିବା ପରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । ଏନେଇ ମୃତକ ଦେବଲାଲର ୧୯ ବର୍ଷର ଝିଅ ଗୌରୀର ଲିଖିତ ଅଭିଯୋଗ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ସୋମବାର ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯିବ ବୋଲି ଘର ଲୋକ ପ୍ରକାଶ କରିଥିଲେ ।

# ଭିଜିଲାନ୍ସ ସଚେତନତା ସପ୍ତାହ

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ ଏବଂ ଚାଇଲ୍ଡ ହେଲ୍ପଲାଇନ୍ (ସିଏଚଏଲ), ବରଗଡ଼ଙ୍କ ଯୁଗ୍ମ ଉଦ୍ୟମରେ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜ୍, ବରଗଡ଼ରେ ଭିଜିଲାନ୍ସ ସଚେତନତା ସପ୍ତାହ - ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସମୟରେ ସତର୍କତା - ଆମର ମିଳିତ ଦାୟିତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହ ସଚେତନତା ସଭା ଆୟୋଜନ କରାଯାଇଥିଲା । ସେଠାରେ ସତର୍କତାର ସଠିକ ଅର୍ଥ ଏବଂ ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ସମସ୍ତ ନାଗରିକଙ୍କ, ବିଶେଷତଃ ଯୁବପିଢିଙ୍କ ଭୂମିକା ବିଷୟରେ ଆଲୋଚନା କରାଗଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଡ଼କ୍ଟର ସରୋଜ ଦେବତା, ଅଧ୍ୟକ୍ଷ, ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜ୍, ବରଗଡ଼ ଓ ସମ୍ମାନିତ ଅତିଥି ଭାବରେ ନମିତା ବିଶି, ଭିଭାଗୀୟ ମୁଖ୍ୟ, ଜୁଲୋଜି ବିଭାଗ, ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜ୍, ବରଗଡ଼, ଏବଂ ଜିଲ୍ଲା ଶିଶୁ ସୁରକ୍ଷକ ୟୁନିଟ, ବରଗଡ଼ର ପ୍ରିୟଙ୍କା ସାମଲ, ସୁରକ୍ଷକ ଅଧିକାରୀ (ଅନୁଷ୍ଠାନିକ ଯତ୍ନ) ଓ ସୁରେନ୍ଦ୍ର ଦାଶ, ସାମାଜିକ କର୍ମୀ ଯୋଗଦାନ କରି ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଞ୍ଜୟ ଶତପଥି, ପ୍ରୋଜେକ୍ଟ କୋ-ଓର୍ଡିନେଟର, ଚାଇଲ୍ଡ ହେଲ୍ପଲାଇନ୍, ବରଗଡ଼ ଏବଂ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ ଚାଇଲଡ ହେଲ୍ପଲାଇନ, ବରଗଡ଼ର ଲଳିତ ପଧାନ, କାଉନ୍ସେଲର୍, ଆକାଶ ପଧାନ, ସୁପରଭାଇଜର୍, ତପସ୍ୱନୀ ମଲ୍ଲିକ, କେସ୍ ୱର୍କର । ସମସ୍ତ ଅତିଥି ଓ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ସତ୍ୟନିଷ୍ଠା, ଦାୟିତ୍ୱବୋଧ ଓ ଜନସହଭାଗିତା ମାଧମରେ ସତର୍କତା ଓ ନିଷ୍ଠାର ମହତ୍ୱ ବିଷୟରେ ମୂଲ୍ୟବାନ ବାର୍ତ୍ତା ଦେଇଥିଲେ ।

# ସ୍ମାର୍ଟ ମିଟର ବିରୁଦ୍ଧରେ ଗର୍ଜିଲା ଆପ୍, ଆନ୍ଦୋଳନର ଚେତାବନୀ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଆମ୍ ଆଦମୀ ପାର୍ଟିର ଏକ ବୈଠକ ଡାକ ବଙ୍ଗଳା ଠାରେ ଟାଟା ପାୱାରର ଶୋଷଣ ନୀତି ବିରୁଦ୍ଧରେ ନଗର ସଭାପତି ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଟାଟା ପାୱାରର ଶୋଷଣ ଅସ୍ତ୍ର ହେଉଛି ସ୍ମାର୍ଟ ମିଟର । ସାଧାରଣ ଲୋକମାନଙ୍କୁ ମିଛ ଖଚ କହି, ଭ୍ରମିତ କରି ଏହି ସ୍ମାର୍ଟ ମିଟର ଗାଁ ଠାରୁ ସହର ପର୍ଯ୍ୟନ୍ତ ଜୋର ଜବରଦସ୍ତ ଲଗାଉଛନ୍ତି ଟାଟା ପାୱାରର । ପୂର୍ବତନ କାଉନସିଲର ଗୋପାଳ ସାହୁ ଏବଂ ରାଜ୍ୟ ସମ୍ପାଦକ ଭରତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେତେବେଳେ ଟାଟା ପାୱାର ବିଦ୍ୟୁତ ବିଭାଗକୁ ନିଜ ଆୟତକୁ ନେଲା, ବିଭିନ୍ନ ଯୋଜନା କରି ଶାସକ ଦଳକୁ ମୋଟା ଅଙ୍କର ଚାନ୍ଦା ଦେଇଥିବାର ସୂଚନା ମିଳୁଛି । ଏବେ କିନ୍ତୁ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ପାୱାର କଟ ଜନସାଧାରଣଙ୍କୁ ଅତିଷ୍ଠ କରିଦେଲାଣି । ଲୋ-ଭୋଲଟେଜର ଶିକାର ହେଉଛନ୍ତି ଜନସାଧାରଣ । ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ କହିଥିଲେ ଅନେକ ସ୍ଥାନରେ ଦିନବେଳା ଷ୍ଟ୍ରିଟ ଲାଇଟ ଜଳୁଥିବା ବେଳେ ଗରିବ ଲୋକଟି ମାସେ ଦିମାସେ ବିଜୁଳି ବିଲ୍ ନଦେଇ ପାରିଲେ ତାର ଘର ଲାଇନ କାଟି ଦିଆଯାଉଛି । କେଉଁଠି ଉପଭୋକ୍ତା ଅନୁସାରେ ଟ୍ରାନ୍ସଫର୍ମର ନଥିବାରୁ ବାରମ୍ବାର ଫ୍ୟୁଜ କଟିବା, ଘରେ ଥିବା ବିଦ୍ୟୁତ ଉପକରଣ ଖରାପ ହେବା, ଲୋ-ଭୋଲଟେଜର ସମ୍ମୁଖୀନ ହେଉଛନ୍ତି । ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲ୍ ପ୍ରାୟ ଦୁଇଗୁଣ ଆସୁଛି, କମ୍ପ୍ଲେନ କଲେ କେହି ଶୁଣୁନାହାନ୍ତି ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା କହିଥିଲେ । ଅତୀତରେ ଆମ୍ ଆଦମୀ ପାର୍ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭା କରି ପ୍ରତିବାଦ କରିଥିଲା । ବର୍ତ୍ତମାନ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ଜିଲ୍ଲା ଓକିଲ ସଂଘ ସହିତ ଅନେକ ସଂଗଠନ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ସମ୍ପାଦକ ଅନିଲ ସାମଲ, ଜିଲ୍ଲା ଯୁବ ସଭାପତି ସ୍ୱାଗତ ସିଂହ, ନଗର ସମ୍ପାଦକ ଜିତେନ୍ଦ୍ରୀୟ ପଣ୍ଡା, ଉପଦେଷ୍ଟା ଚିତରନ ପାଣି, ସଦସ୍ୟ ପ୍ରମୋଦ ଛୋଟରାୟ, ପୂର୍ବତନ ପଞ୍ଚାୟତ ସମିତି ମେମ୍ବର ଭରତ ସେନାପତି, ସୋମନାଥ ଦାସ, ମହିଳା ନେତ୍ରୀ ନିଶାମଣି ସାମନ୍ତରାୟ, ଛବି ରାଉତ, ସୁକାନ୍ତି ରାଉତ, ଅନ୍ତର୍ଯ୍ୟାମୀ ସାହୁ, ପିତାମ୍ବର ସାମନ୍ତରାୟ, ଜୟଦେବ ବେହେରା, ନିତ୍ୟାନନ୍ଦ ପଣ୍ଡା, ଓଡାପଡ଼ା ବ୍ଲକ ସଭାପତି ପିତାମ୍ବର ଦାସ, ଦୀପକ ମହାପାତ୍ର, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଟାଟା ପାୱାର ବିରୁଦ୍ଧରେ ଅଭିଭାଷଣ ଦେଇଥିଲେ ଏବଂ ୨୬ ନଭେମ୍ବର ଟାଟା ପାୱାର ଶୋଷଣ ନୀତି ବିରୁଦ୍ଧରେ ଆନ୍ଦୋଳନ ପାଇଁ ବିଭିନ୍ନ ଅଂଚଳ ବୁଲି ସଚେତନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଶେଷରେ ଚିନ୍ମୟ ସେନାପତି ଧନ୍ୟବାଦ ଦେଇଥିଲେ ।

# ଖୋଲିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ

**ନିଶ୍ଚିନ୍ତକୋଇଲି: ଏକ୍ସପ୍ରେସ ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ଆଭାସୀ ମାଧମରେ ଏହି କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେବା ଘୋଷଣା କରିଥିଲେ । ତହସିଲ କାର୍ଯ୍ୟାଳୟରେ ରିବନ କାଟି ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଏହି ଅଫିସର ଶୁଭାରମ୍ଭ କରିଛନ୍ତି । ତହସିଲଦାର ଦମୟନ୍ତୀ ସାହୁ ଏହି ଅବସରରେ ବିଧାୟକଙ୍କୁ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟାଳୟର ଶୁଭାରମ୍ଭ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । କାର୍ଯ୍ୟକ୍ରମରେ ବହୁ ଦଳୀୟ ନେତା, କର୍ମୀ, ଲୋକପ୍ରତିନିଧି ଏବଂ ସାଧାରଣ ଲୋକ ଅଂଶଗ୍ରହଣ କରିଥିଲେ । ନିଶ୍ଚିନ୍ତକୋଇଲି ଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଖୋଲିବା ଦ୍ୱାରା ସାଧାରଣ ଲୋକେ ଖୁବ୍ ଉପକୃତ ହୋଇପାରିବେ ବୋଲି ସମାଜସେବୀ ତଥା ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ ମତବ୍ୟକ୍ତ କରିବା ସହ ମାହାଙ୍ଗା ବିଧାୟକ, ରାଜସ୍ୱ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ନିଶ୍ଚିନ୍ତକୋଇଲି ଠାରେ ଏହି କାର୍ଯ୍ୟାଳୟ ଆରମ୍ଭ ହେବା ଦ୍ୱାରା ଜମି କିଣାବିକା କାମ ସୁଚାରୁରୂପେ ସମ୍ପାଦିତ ହୋଇପାରିବ ଏବଂ ସାଧାରଣ ଲୋକେ ଖୁବ୍ ଉପକୃତ ହୋଇପାରିବେ ବୋଲି ଲୋକେ ଆଶା ପ୍ରକଟ କରିଛନ୍ତି । ପ୍ରାକ୍ତନ ଉପାଧକ୍ଷ ଅଶୋକ ଓଝା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଲୋକପାଳଙ୍କ ନିର୍ଦ୍ଦେଶକୁ ବିଡ଼ିଓଙ୍କ ବେଖାତିର: ମନରେଗା କେଳେଙ୍କାରୀ ପଦାରେ

**ଖୋର୍ଦ୍ଧା: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବ୍ଲକ ଟାଙ୍ଗି ଅଞ୍ଚଳର ଗରିବ ଅସହାୟ ବ୍ୟକ୍ତିଙ୍କ ରୋଜଗାରକୁ ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାର ୨୦୦୫ ମସିହାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ପାଇଁ ଆଇନ ଆଣିଥିଲେ । ଯାହାକି ସାଧାରଣତଃ ମନରେଗା ଭାବରେ ଜଣାଶୁଣା । କେନ୍ଦ୍ର ସରକାର ଏହି ମନରେଗା ମାଧ୍ୟମରେ ଭାରତୀୟ ସାମାଜିକ କଲ୍ୟାଣ ପଦକ୍ଷେପ ନେଇ ସମାଜରେ ବେଶ ପ୍ରସଂଶିତ ହୋଇଥିଲେ ଏବଂ ଏହି ମନରେଗା ଯୋଜନାର ମୂଳ ଲକ୍ଷ୍ୟ ରହିଥିଲା ପ୍ରତ୍ୟେକ ଭାରତୀୟ ଗ୍ରାମୀଣ ପରିବାରର ଜଣେ ସଦସ୍ୟଙ୍କୁ ଏକ ଆର୍ଥିକ ବର୍ଷରେ ଅତି କମରେ ୧୦୦ ଦିନର ନିଶ୍ଚିତ ମଜୁରୀ ନିଯୁକ୍ତି ପ୍ରଦାନ କରି ଗ୍ରାମୀଣ କ୍ଷେତ୍ରରେ ଜୀବିକା ସୁରକ୍ଷା ବୃଦ୍ଧି କରିବା । ମନରେଗା ଯୋଜନା ମାଧ୍ୟମରେ ରାସ୍ତା, କେନାଲ, ପୋଖରୀ ଏବଂ କୂଅ ଦ୍ୱାରା ଅଞ୍ଚଳର ଗରିବ ଶ୍ରେଣୀର ଲୋକେ କାମଧନ୍ଦା ସହଜରେ ପାଇପାରିବେ । ଏହା ମଧ୍ୟରେ ନିଶ୍ଚିତ ହୋଇଥିଲା ଯେ ମନରେଗାରେ କାର୍ଯ୍ୟ କରିବା ନିମନ୍ତେ ଜବକାର୍ଡ଼ଧାରୀମାନେ ଆବେଦନ କରିପାରିବେ । ଆବେଦନକାରୀଙ୍କ ବାସସ୍ଥାନରୁ ୫ କିଲୋମିଟର ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯିବ ଏବଂ ଆଇନ ଅନୁଯାୟୀ ସର୍ବନିମ୍ନ ଆଇନଗତ ମଜୁରୀ ପ୍ରଦାନ କରାଯିବ । ଏହା ବ୍ୟତୀତ ଆଇନରେ ଉଲ୍ଲେଖ ରହିଛି ଯେ, ଆବେଦନ କରିବାର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆଯିବ ଏହା ବେତିତ ପ୍ରଶାସନ ପକ୍ଷରୁ ଉକ୍ତ ଆବେଦନକାରୀଙ୍କୁ ବେକାରୀ ଭତ୍ତା ଯୋଗାଇଦେବ ପ୍ରଶାସନ, ତେଣୁ ମନରେଗା ଅଧୀନରେ ନିଯୁକ୍ତି ଏକ ଆଇନଗତ ଅଧିକାର ବୋଲି ଆଇନ ପ୍ରଣୟନ ସମୟରେ ନିୟମ ପ୍ରଣୟନ ହୋଇଥିଲା । ତେବେ ଏହାକୁ ସମ୍ପୂର୍ଣ୍ଣ ଉଲଂଘନ କରି ଚାଲିଛନ୍ତି ଟାଙ୍ଗି ବିଡିଓ । ତେବେ ଏହା କେବଳ ବିଡିଓ ଅଣଦେଖା କରିଛନ୍ତି ତାହା ସହଜରେ କହି ହେବନାହିଁ ଏଥିରେ ନିର୍ବାହୀ ଅଧିକାରୀ, ପିଡ଼ି. ଖୋର୍ଦ୍ଧା ମଧ ଅଣଦେଖା କରୁଥିବା ଓମ୍ବଡସପର୍ସନଙ୍କ ପତ୍ରରୁ ଜଣାପଡୁଛି । ସୂଚନା ଯୋଗ୍ୟ ଟାଙ୍ଗି ବ୍ଲକ ଅଧୀନ ଡ଼ିଆ ପଞ୍ଚାୟତ କାଶିପୁରବଡ଼ପାଟଣା ଗ୍ରାମର ୪୬ ଜଣ ପୁରୁଷ ଓ ମହିଳା ଜବକାର୍ଡଧାରୀ କାମ ମାଗିବା ନିମନ୍ତେ ସରକାରୀ ନିୟମ ଅନୁଯାଇ ସି୧ ଫର୍ମକୁ ପୂରଣ କରି ୧୮.୭.୨୦୨୫ ଠାରୁ ଘୁରି ବୁଲୁଛନ୍ତି । କିନ୍ତୁ ଦୁଃଖର ବିଷୟ ବ୍ଲକ ଅଧିକାରୀ, ସରପଞ୍ଚ ଅତିରିକ୍ତ ବ୍ଲକ ଅଧିକାରୀ, ପିଇଓଙ୍କ ସମେତ ସମସ୍ତେ ଏହି ୪୬ ଜଣଙ୍କୁ କାମଦେବା ପରିବର୍ତ୍ତେ ହତାଦର କରୁଥିବା ଅଭିଯୋଗ ଗ୍ରାମବାସୀ ଲୋକପାଳ, ମନରେଗା, ଖୋର୍ଦ୍ଧାଙ୍କ ଠାରେ ଅଭିଯୋଗ କରିଥିଲେ । ଯାହାକୁ ଲୋକପାଳ ହୃଦୟଙ୍ଗମ କରିବା ପରେ ସରକାରୀ ନିୟମ ଅନୁଯାଇ ସି୧ ଫର୍ମ ଗ୍ରହଣ କରିବା ପରେ ଜବକାର୍ଡଧାରୀମାନଙ୍କୁ କାମ ଯୋଗାଇଦେବା ନିହାତି ଆବଶ୍ୟକ । ଯାହାକୁ ଲୋକପାଳ ନିର୍ବାହୀ ଅଧିକାରୀ, ପିଡ଼ି ଖୋର୍ଦ୍ଧା ଏବଂ ବିଡିଓ ଟାଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଏଥିପ୍ରତି ନା ବିଡ଼ିଓ ଟାଙ୍ଗି ଲୋକପାଳଙ୍କ କଥାକୁ ଗୁରୁତ୍ୱ ଦେଲେ କି ନିର୍ବାହୀ ଅଧିକାରୀ, ପିଡ଼ି ଖୋର୍ଦ୍ଧା ଗୁରୁତ୍ୱ ଦେଲେ । ଯାହାଫଳରେ ଏହି ୪୬ ଜଣ ଜବକାର୍ଡଧାରୀ କାମ ମାଗିବା ନିମନ୍ତେ ସରକାରୀ କଳର ଅସାଧୁ ବାବୁମାନଙ୍କ କରୁଣ ଚକ୍ରାନ୍ତରେ ପଡି ହନ୍ତସନ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି । ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବିଡ଼ିଓ ଏହି ୪୬ ଜଣ ଜବକାର୍ଡଧାରୀଙ୍କ ମୁହଁ ବନ୍ଦ କରିବା ନିମନ୍ତେ ଏକ ମୋଷ୍ଟ୍ରୋଲ ପ୍ରଦାନ କରିଥିଲେ ସତ, କିନ୍ତୁ ସରପଞ୍ଚ ଯେଉଁମାନଙ୍କୁ ନେଇ କାର୍ଯ୍ୟ କରୁଥିଲେ ମୋଷ୍ଟ୍ରୋଲରେ ତାଙ୍କ ନାମ ନଥିବା ବେଳେ ନାମ ଥିବା ଲୋକେ କାମରୁ ବାଛନ୍ଦ ହୋଇଥିଲେ । ଯାହାକୁ ନେଇ ଏବାବଦରେ ବିଡ଼ିଓଙ୍କ ନିକଟରେ ଅଭିଯୋଗ ମଧ ହୋଇଥିଲା । ମୋଷ୍ଟ୍ରୋଲ ଥିବା ନାମ ମଧ୍ୟରେ କେବଳ ଦୁଇଜଣଙ୍କୁ ଛାଡିଦେଲେ ସମସ୍ତ ନାମ ଫେକ ରହିଥିବା ଅଭିଯୋଗ ହୋଇଥିଲା । ଯାହାକି ସରକାରୀ ନିଯୁକ୍ତି ଗାଁ ସାଥି ରୁବିରାଣୀ ଦାସ ମୁଖରୁ ପ୍ରକାଶ । ଏହା ବ୍ୟତୀତ ଜଣେ ଅଙ୍ଗନବାଡି ସହାୟକ ମଧ ବିଡ଼ିଓଙ୍କ ମୋଷ୍ଟ୍ରୋଲରେ ନାଁ ଥିବାବେଳେ ଜବକାର୍ଡଧରୀ କାର୍ଯ୍ୟରେ ଯୋଗ ଦେଇଥିଲେ । ଟାଙ୍ଗି ବିଡ଼ିଓଙ୍କ କାରନାମା ଏହିପରି ଜଣେ ସରକାରୀ କର୍ମଚାରୀଙ୍କୁ ମଧ ଜବକାର୍ଡ ପ୍ରଦାନ କରିବା ସହିତ ମୋଷ୍ଟ୍ରୋଲରେ ନାଁ ଭରି ମନରେଗାରେ କାର୍ଯ୍ୟ ଯୋଗାଉ ଥିବା ଦୁର୍ନୀତି ପରି ମନେ ହେଉଛି । ଏହି ଦୁର୍ନୀତିରେ କେବଳ ବିଡ଼ିଓ ନୁହଁନ୍ତି ବରଂ ବ୍ଲକ କର୍ମଚାରୀଙ୍କ ସମେତ ସରପଞ୍ଚଙ୍କ ମିଳିତ ଭାବେ ଏହି ଦୁର୍ନୀତି ଚାଲୁଥିବା ବେଳେ ଗରିବ ଅସହାୟଙ୍କ ପେଟକୁ ଲାତ ମାରୁଥିବା ଦୃଶ୍ୟକୁ ଦେଖି ଅଞ୍ଚଳରେ ନିନ୍ଦାର ବର୍ଷା ହେଉଛି ଜିଲ୍ଲାପ୍ରଶାସନ ଉପରକୁ । ଯାହାକୁ ତୀବ୍ର ବିରୋଧ କରିବା ସହିତ ୪୬ଜଣ ଜବକାର୍ଡଧାରୀ ଜିଲ୍ଲାପ୍ରଶାସନର ମନରେଗା କାର୍ଯ୍ୟରେ କେଳେଙ୍କାରୀକୁ ପଦାରେ ପକାଇବା ନିମନ୍ତେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ଅଭିଯୋଗକାରୀ ଗାଁ ସାଥି ରୁବିରାଣୀ ଦାସଙ୍କ ସମେତ ରାଜୀବ ଜେନା, ଲକ୍ଷ୍ମୀଧର ଭୋଇ, ଶ୍ରୀକାନ୍ତ ନାୟକ, ଅନିତା ବେହେରା, ନବକିଶୋର ବରାଳ, ବିଶ୍ୱନାଥ ଦଳେଇ, ଲକ୍ଷ୍ମୀପ୍ରିୟା ପରିଡାଙ୍କ ସମେତ ସମସ୍ତେ ଅଭିଯୋଗକାରୀ ପ୍ରକାଶ କରିଛନ୍ତି ।

# ଶୌଚାଳୟ ଥାଇ ହଇରାଣ ହେଉଛନ୍ତି ପର୍ଯ୍ୟଟକ, ମିଳୁନି ଆବଶ୍ୟକ ସୁବିଧା

**ଦାରିଙ୍ଗବାଡ଼ି : ଏକ୍ସପ୍ରେସ୍ ନ୍ୟୁଜ୍**

ଏବେ ଆସିଯାଇଛି ପର୍ଯ୍ୟଟନ ଋତୁ । ଖାସ୍‌କରି ଏଥିପାଇଁ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଦୈନିକ ଶହଶହ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ରବିବାର ଛୁଟିଦିନ ଥିବାରୁ ଦାରିଙ୍ଗବାଡ଼ିରେ ସକାଳୁ ସକାଳୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିରେ ପହଞ୍ଚିଛନ୍ତି । ତେବେ ଆବଶ୍ୟକତାଠାରୁ ବହୁତ କମ୍ ଶୌଚାଳୟ ଓ ଆଉ କିଛି ଶୌଚାଳୟ ଅଚଳ ଯୋଗୁ ପର୍ଯ୍ୟଟକଙ୍କୁ ଲମ୍ବାଧାଡ଼ିରେ ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ପଥପ୍ରାନ୍ତ ସେବାକେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି । ସେଠାରେ ମହିଳା ଏବଂ ପୁରୁଷଙ୍କ ପାଇଁ ୬ଟି ଶୌଚାଳୟ ରହିଥିବାବେଳେ ସେଥିମଧ୍ୟରୁ କିଛି ଅଚଳ ହୋଇପଡ଼ିଛି । ଫଳରେ ପର୍ଯ୍ୟଟକ ଘଣ୍ଟାଘଣ୍ଟା ଧରି ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଛି ।

ସେହିପରି ଉକ୍ତ ପଥପ୍ରାନ୍ତ ସେବାକୁ ମିଶନ ଶକ୍ତି ମହିଳାଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଶୌଚାଳୟ ଓ ପଥପ୍ରାନ୍ତ ପରିସରକୁ ସଫେଇ କରିବା ପାଇଁ କୌଣସି କର୍ମଚାରୀ ନିୟୋଜିତ ହୋଇନାହାନ୍ତି । ଫଳରେ ଶୌଚାଳୟ ଗୁଡ଼ିକରେ ସ୍ୱଚ୍ଛତା ରହୁନାହିଁ । ଏହାକୁ ନେଇ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପଥପ୍ରାନ୍ତ ସେବାକେନ୍ଦ୍ରରେ ପଥଚାରୀଙ୍କୁ ମାଗଣା ସୁବିଧା ଯୋଗାଇବାକୁ ନିୟମ ଥିଲେ ମଧ ସରକାରଙ୍କ ପକ୍ଷରୁ କୌଣସି ମାଗଣା ସେବା ମିଳୁ ନ ଥିବା ଭୁବନେଶ୍ୱର ପଟିଆ ଅଞ୍ଚଳର ପର୍ଯ୍ୟଟକ ସମରେନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି । ପର୍ଯ୍ୟଟକ ଶୌଚାଳୟ ବ୍ୟବହାର କରିବାକୁ ଟିକେଟ୍ ଅର୍ଥ ଦେବାକୁ ପ୍ରସ୍ତୁତ କିନ୍ତୁ ଟିକେଟ୍ ବାବଦରେ ଅର୍ଥ ସଂଗ୍ରହ କରାଗଲେ ମଧ୍ୟ ସ୍ୱଚ୍ଛତା ରହୁ ନ ଥିବାରୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଦାରିଙ୍ଗବାଡ଼ିରେ ରହିଥିବା ସମସ୍ତ ଶୌଚାଳୟକୁ ନିୟମିତ ଖୋଲାଯିବା ସହ ମରାମତି ଆଦି କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଏନେଇ ପଥପ୍ରାନ୍ତ ସେବାକେନ୍ଦ୍ରର ଦାୟିତ୍ୱ ନେଇଥିବା ମିଶନଶକ୍ତିର ସଦସ୍ୟା ରଶ୍ମିଦେବୀ ନାୟକ କହିଛନ୍ତି ଯେ, ଜିଲା ପର୍ଯ୍ୟଟନ ବିଭାଗ ଏହାର ଉନ୍ନତି କରିବ ଓ କର୍ମଚାରୀ ନିୟୋଜିତ କରିପାରେ ବୋଲି ସେ କହିବା ସହ ପଥପ୍ରାନ୍ତ ସେବାକେନ୍ଦ୍ର ପରିସର ମଧ୍ୟରେ ଆଉ ଅଧିକ ଶୌଚାଳୟ ନିର୍ମାଣ କରାଯିବା ଜରୁରୀ ବୋଲି ସେ କହିଛନ୍ତି । ସେହିପରି ଉକ୍ତ କେନ୍ଦ୍ର ପରିସରକୁ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ଭାବେ ବ୍ୟବହାର କରାଯାଉଛି । ଫଳରେ ପର୍ଯ୍ୟଟକ ନିଜ କାର୍‌ରେ ଆସିଲେ ସେମାନେ ପାର୍କିଂ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି । ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଅନ୍ୟସ୍ଥାନରେ କରାଯିବାକୁ ସେ ଜିଲ୍ଲା ପର୍ଯ୍ୟଟକ ବିଭାଗକୁ ଜଣାଇଥିବା କହିଛନ୍ତି ।

■ ପ୍ରଶ୍ନ ଉଠିପାରେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା କେମିତି ସୁଦୃଢ଼ ହେବ? ପ୍ରତିଦିନ ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଥିବା ଖବର ପ୍ରକାଶ ପାଉଛି। ଟଙ୍କା ଗଣି ଗଣି ଭିଜିଲାନ୍ସ କର୍ମଚାରୀମାନେ ହାଲିଆ ହୋଇଯାଉଛନ୍ତି। ଧରାପଡୁଥିବା ବାବୁମାନଙ୍କ ଘରୁ କୋଟି କୋଟି ଟଙ୍କା ବାହାରୁଛି। ତେଣୁ ସରକାରଙ୍କ ଯୋଜନା ଯେତେ ଲୋକାଭିମୁଖୀ ହେଲେ ମଧ୍ୟ ତାହା ଲୋକଙ୍କ ପାଖରେ କିଭଳି ପହଞ୍ଚିପାରିବ ?

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୩ ନଭେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

## ଯୋଜନା ତ ଉତ୍ତମ ରୂପାୟନରେ ସାଧୁତା ଦରକାର

ସରକାର ସାଧାରଣ ଲୋକଙ୍କ ପାଇଁ ଭଲ ଭଲ ଯୋଜନା ହାତକୁ ନେଉଛନ୍ତି। ଏଣିକି ତହସିଲ ଅଫିସରେ ମଧ୍ୟ ଜମିଜମା ପଞ୍ଜୀକରଣ ଓ କିଣାବିକା ହୋଇପାରିବ। ଗତକାଲି ଲୋକସଭା ଭବନରେ ରାଜ୍ୟର ୪୪ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ସବ-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଆରମ୍ଭ ହୋଇଛି, ବାକିଥିବା ଅନ୍ୟ ତହସିଲଗୁଡିକରେ ମଧ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସେବା ଉପଲବ୍ଧ ହେବ। ଏହା ପୂର୍ବରୁ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍ ମଧ୍ୟ ଆରମ୍ଭ କରାଯାଇଛି।

ପ୍ରଶାସନିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବା, ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ଜନସାଧାରଣଙ୍କ ନିକଟରେ ସେବା ପହଞ୍ଚିବା ଦ୍ୱାରା ରେଜିଷ୍ଟ୍ରେସନ୍ କାର୍ଯ୍ୟକଳାପ ବୃଦ୍ଧି ପାଇବ, ଯାହା ଫଳରେ ରାଜସ୍ୱ ଆଦାୟରେ ମଧ୍ୟ ଉନ୍ନତି ଆସିବ। ଏହି ସଂସ୍କାରମୂଳକ ପଦକ୍ଷେପ ଜରିଆରେ ଲୋକଙ୍କ ସରକାର ନିଜର ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରୁଛନ୍ତି। ଯାହାଦ୍ୱାରା ନାଗରିକମାନଙ୍କର ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ଅଧିକ ସୁଦୃଢ଼ ହେବ।

ପ୍ରଶ୍ନ ଉଠିପାରେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା କେମିତି ସୁଦୃଢ଼ ହେବ? ପ୍ରତିଦିନ ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଥିବା ଖବର ପ୍ରକାଶ ପାଉଛି। ଟଙ୍କା ଗଣି ଗଣି ଭିଜିଲାନ୍ସ କର୍ମଚାରୀମାନେ ହାଲିଆ ହୋଇଯାଉଛନ୍ତି। ଧରାପଡୁଥିବା ବାବୁମାନଙ୍କ ଘରୁ କୋଟି କୋଟି ଟଙ୍କା ବାହାରୁଛି। ଅନ୍ୟାନ୍ୟା ମୂଲ୍ୟବାନ ଗହଣା ସହ ମାଳ ମାଳ ପ୍ଲଟ ମଧ୍ୟ ବାବୁ ଜଣକ ହାତେଇଥିବାର ଜଣାଯାଉଛି ଖବରରୁ। ତେଣୁ ଏମାନେ ଯେ, ସଚ୍ଚୋଟ କର୍ମଚାରୀ ନୁହନ୍ତି ଏକଥାକୁ କ'ଣ ଅସ୍ୱୀକାର କରିହେବ? ସବୁ ସରକାରୀ ଅଫିସରେ ତ ଏଭଳି କର୍ମଚାରୀଙ୍କ ସଂଖ୍ୟା ମାଳ ମାଳ। ଯେଉ ଅଫିସରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଥାଆନ୍ତି ସେହି ଅଫିସର ବଡବାବୁ ବା ମୁଖ୍ୟ ଅଧିକାରୀଙ୍କ ପାଖରେ କ'ଣ ଏ ଖବର ନଥାଏ? ସରକାରୀ ଯୋଜନା ରୂପାୟନ ଦାୟିତ୍ୱ ତ ଏଇ ଏମାନଙ୍କ ହାତରେ ଥାଏ। ତେଣୁ ଯେତେ ଲୋକାଭିମୁଖୀ ଯୋଜନା ହେଲେ ମଧ୍ୟ ଲୋକେ ଏହାର ସୁଫଳ କେତେପାଇବେ ସେହିଟା ହିଁ ମୂଳ ପ୍ରଶ୍ନ।

ଦୁର୍ନୀତି ନିବାରଣ ସପ୍ତାହ ଭିତରେ ମଧ୍ୟ ଦୁର୍ନୀତିଗ୍ରସ୍ତ ବାବୁମାନେ ଧରାପଡୁଥିବାର ଖବର ପ୍ରକାଶ ପାଉଛି। ଏହିଥିରୁ କ'ଣ ପ୍ରମାଣିତ ହେଉଛି ? ଆଇନ ଏବଂ ଦଣ୍ଡପ୍ରତି ସରକାରୀ କର୍ମଚାରୀଙ୍କ ଭୟ ନାହିଁ। ଏଭଳି ବାବୁ ଏବଂ କର୍ମଚାରୀଙ୍କ ସଂଖ୍ୟା କମିବା ବଦଳରେ ବଢି ବଢି ଚାଲିଛି। ତେଣୁ ସରକାରଙ୍କ ଯୋଜନା ଯେତେ ଲୋକାଭିମୁଖୀ ହେଲେ ମଧ୍ୟ ତାହା ଲୋକଙ୍କ ପାଖରେ କିଭଳି ପହଞ୍ଚିପାରିବ ସେ ଦିଗରେ ସରକାର ଯତ୍ନବାନ ହେଲେ ହିଁ ଅସଲ ଲକ୍ଷ୍ୟ ପୂରଣ ହୋଇପାରିବ।

# ଗୋଟିଏ ଯନ୍ତ୍ର ଛଅଟି ମନ୍ତ୍ର !

[illegible] ...

[illegible]

ତେବେ ଦ୍ରୋଣଙ୍କ ଜନ୍ମ ବୃତ୍ତାନ୍ତ ଜାଣିଲେ ଆପଣ ଆଚମ୍ଭିତ ହୋଇଯିବେ । ଦ୍ରୋଣଙ୍କ ପିତା ଭରଦ୍ୱାଜ ଗଙ୍ଗା ତଟରେ ଆଶ୍ରମ କରି ରହୁଥିଲେ । ଦିନେ ଗଙ୍ଗା ସ୍ନାନ ସାରି ଅପ୍‌ସରା ଘୃତାଚି ଓଦା ଲୁଗା ପିନ୍ଧି ଯାଉଥିବା ବେଳେ ତାଙ୍କର ନଗ୍ନପ୍ରାୟ ଅଙ୍ଗ ଦର୍ଶନ କରିବା ମାତ୍ରେ ଭରଦ୍ୱାଜ ଅତ୍ୟନ୍ତ କାମାତୁର ହୋଇପଡ଼ିବାରୁ ତାଙ୍କର ଶୁକ୍ରପାତ ହୋଇଥିଲା । ତାଙ୍କର ଏହି ଶୁକ୍ରକୁ ଏକ ପାତ୍ରରେ ରଖିବା ପରେ ସେଥିରୁ ଜନ୍ମ ହୋଇଥିଲେ ଦ୍ରୋଣ । ଜଳାଶୟ କିମ୍ବା କୌଣସି ପାତ୍ର ବା ଆଧାରକୁ ଦ୍ରୋଣ କୁହାଯାଉଥିବାରୁ ଦ୍ରୋଣାଚାର୍ଯ୍ୟଙ୍କର ଏହିପରି ନାମକରଣ ହୋଇଛି । ଆଜି ଦିନରେ ସମୁଦ୍ର ବେଳାରେ ଅନେକ ସ୍ନାନରତା ସୁନ୍ଦରୀଙ୍କୁ ଅନେକ କାମାତୁର ଯୁବକ ଦେଖନ୍ତି । ତେବେ ଋଷି ଭରଦ୍ୱାଜଙ୍କ ପରି ଅବସ୍ଥା କାହାର ହୋଇଥିବାର ଶୁଣାଯାଇ ନାହିଁ । ଏଇମାନେ ହେଲେ ମହାଜ୍ଞାନୀ, ମହାତପା ଋଷି, ଯେଉଁମାନଙ୍କଠାରେ ସାଧାରଣ ମଣିଷର ସଂଯମ ନଥିଲା ।

ଦୁଇ ତିନିଦିନ ତଳେ ଆମ ଘରକୁ ଆସିଥିବା ମୋର ଜଣେ ନିକଟ ସମ୍ପର୍କୀୟଙ୍କୁ ଚିନ୍ତିତ ଥିବାର ଦେଖି ଏହାର କାରଣ ପଚାରନ୍ତେ ସେ କହିଲେ- କ'ଣ କହିବି ଆମର ସେଠି କାମ କରିବା ମୁସ୍କିଲ୍ ହୋଇପଡ଼ିଲାଣି । ଟିକେ ଅସତର୍କ ହେଲେ ଷଡ଼ଯନ୍ତ୍ରର ଶିକାର ହେବା ସୁନିଶ୍ଚିତ ।

ମୁଁ ତାଙ୍କୁ ଆଶ୍ୱାସନା ଦେଇ କହିଲି- କାଳେ କାଳେ ଲୋକେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି । ମଣିଷ ତ ଛାଡ଼ ଭଗବାନ ପୁରୁଷୋତ୍ତମ ରାମ ବି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ । ସିଂହାସନ ଛାଡ଼ି ଚଉଦ ବର୍ଷ ଜଙ୍ଗଲରେ ରହିଥିଲେ । ପୁରାଣଠୁ ନେଇ ପଲିଟିକ୍ସ ଯାଏଁ ସବୁଠି ଷଡ଼ଯନ୍ତ୍ରର ଯନ୍ତ୍ରଣାଦାୟକ କାହାଣୀ । ଏଇ କାରଣରୁ ଖୁବ୍ ମଣିଷକୁ ଖୁବ୍ ଜଗିରଖି ଚଳି ଦରକାର । ଏବେ ମୋର ମନେପଡ଼ିଲା ମୀନକେତନର କଥା । ଥରେ ମାମୁଘର ଗାଁରୁ ଫେରୁଥିବା ବେଳେ ସେ ମୋତେ ପଚାରିଥିଲା- ସାର୍, କହିଲେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ଯନ୍ତ୍ରର ନାଁ କ'ଣ?

ମୁଁ ତା' ପ୍ରଶ୍ନର ଉତ୍ତର ଦେଇନପାରି ତା' ମୁହଁକୁ ଚାହିଁ ରହିଥିବା ବେଳେ ସେ ସ୍ମିତ ହସି କହିଥିଲା- ସାର୍, ଏ ଯନ୍ତ୍ର ହେଲା ଷଡ଼ଯନ୍ତ୍ର । ଏଇ ଯନ୍ତ୍ରରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଲୋକଙ୍କୁ ବିନାଶ କରିଦେଇହେବ ।

ମୀନକେତନ ଠିକ୍ କହିଥିଲା ।

ହଁ, ଷଡ଼ଯନ୍ତ୍ର ଏପରି ଏକ କୌଶଳ ଯେଉଁଥିରେ କୋଟିପତି ବି ମୁହୂର୍ତ୍ତକରେ କାଙ୍ଗାଳ ହୋଇଯାଏ । ଚୁଗୁଲି ହେଉଛି ଷଡ଼ଯନ୍ତ୍ରର ଜନ୍ମଦାତା। ତେଣୁ ପିତା-ପୁତ୍ର ଏକାଠି ହେଲେ ସବୁ ଅସମ୍ଭବକୁ ସମ୍ଭବ ହୋଇଯାଏ ।

ଆସନ୍ତୁ ଆଉଥରେ ଷଡ଼ଯନ୍ତ୍ରର ସେଇ ବିନାଶକାରୀ ପ୍ରଭାବ ଉପରେ ଆଲୋକପାତ କରିବା ।

ପ୍ରକୃତ ଯନ୍ତ୍ର ସହିତ ଷଡ଼ଯନ୍ତ୍ର ଶବ୍ଦର ସାମଞ୍ଜସ୍ୟ ନଥିଲେ ବି ଏହାର ପ୍ରୟୋଗାତ୍ମକ ପ୍ରକ୍ରିୟା କିନ୍ତୁ ଯନ୍ତ୍ରର କାର୍ଯ୍ୟକାରିତା ପରି । ଷଡ଼ଯନ୍ତ୍ର ଏପରି ଏକ ପ୍ରକ୍ରିୟା ଯେଉଁଥିରେ ରାଜା, ମହାରାଜା, ସମ୍ରାଟ, ବାଦ୍‌ଶାହାଙ୍କ ସାମ୍ରାଜ୍ୟ ଧୂଳିସାତ୍ ହୋଇଯାଇଛି । ଏହି ଯନ୍ତ୍ରରେ ଦେଶ ଦୁନିଆର ନକ୍ସା ବଦଳି ଯାଇଛି । ଅନେକ ପରିବାର ଉଜୁଡ଼ି ଯାଇଛି । ଅନେକ ଜୀବିକା ଯାଇଛି । ଅନେକ ଜୀବନ ଯାଇଛି । ଷଡ଼ଯନ୍ତ୍ର ଯୋଗୁଁ ଯେମିତି ଅନେକ ହେବା କାମ ହୋଇନାହିଁ ସେମିତି ଅନେକ ନହେବା କାମ ହୋଇପାରିଛି ।

ଷଡ଼ଯନ୍ତ୍ର କ'ଣ ?

ଅନ୍ୟ ବିରୋଧରେ ଚକ୍ରାନ୍ତ କରି ତା'ର କ୍ଷତି ପହଞ୍ଚାଇବା ଯୋଜନାକୁ ଷଡ଼ଯନ୍ତ୍ର କୁହାଯାଏ । ତେବେ ଏହି ଶବ୍ଦରେ ଷଡ଼ ଯୁକ୍ତ ହୋଇଛି କାହିଁକି? ୬ ସଂଖ୍ୟା ସହିତ ଏହାର ସମ୍ପର୍କ କ'ଣ? ଏ ପ୍ରଶ୍ନର ଉତ୍ତରରେ ଯାହା ମିଳେ ତା'ହେଲା ଅନ୍ୟ ପ୍ରତି କ୍ଷତି ପହଞ୍ଚାଇବାର ୬ ପ୍ରକାର ବିଧିକୁ ଷଡ଼ଯନ୍ତ୍ର କୁହାଯାଉଥିବାର ଉଲ୍ଲେଖ ଅଛି । ଏହି ୬ଟି ବିଧି ହେଲା- (୧) ଜାରଣ (ଜାଳିଦେବା), (୨) ମାରଣ (ମାରିଦେବା), (୩) ଉତ୍ପାଟନ (ଉପାଡ଼ି ଫୋପାଡ଼ିଦେବା), (୪) ମୋହନ (ଅନ୍ୟକୁ ସମ୍ମୋହିତ କରିବା), (୫) ସ୍ତମ୍ଭନ (ନିଷ୍କ୍ରିୟ କରିଦେବା) ଏବଂ (୬) ବିଧ୍ୱଂସନ (ସମ୍ପୂର୍ଣ୍ଣ ବିନାସ କରିବା) । ତା'ହେଲେ ଥରେ ଭାବିଦେଖନ୍ତୁ ଏଇ ଗୋଟିଏ ଯନ୍ତ୍ରରେ ୬ଟି ବିନାଶକାରୀ ଶକ୍ତି ଏକତ୍ର ରହିଛି ! ତେଣୁ ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଯନ୍ତ୍ର କହିବାରେ ଅସୁବିଧା କାଇଁ? ମୀନକେତନ ଠିକ୍ କହିଛି ।

ପୁରାଣ ପୃଷ୍ଠା ଆଡ଼େଇଲେ ଦେଖିବେ ଷଡ଼ଯନ୍ତ୍ର ହିଁ ଅଧିକାଂଶ ଘଟଣାର ମୂଳମନ୍ତ୍ର । ରାମାୟଣ ଏବଂ ମହାଭାରତର କଥାବସ୍ତୁର ଆଧାର ତ ଷଡ଼ଯନ୍ତ୍ର । ଷଡ଼ଯନ୍ତ୍ର ମୂଳ ମନ୍ତ୍ର ।

ରାତି ପାହିଲେ ରାମଚନ୍ଦ୍ର ଅଯୋଧ୍ୟାର ରାଜା ହୋଇଥା'ନ୍ତେ । କିନ୍ତୁ ମନ୍ଥରା ଦାସୀର ପରାମର୍ଶ ମୁତାବକ କୈକେୟୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ରାମଚନ୍ଦ୍ର ଅଯୋଧ୍ୟାର ସିଂହାସନରେ ବସିପାରିଲେ ନାହିଁ । ବଦଳରେ ୧୪ ବର୍ଷ ବନବାସରେ ରହିବାକୁ ପଡ଼ିଲା ।

ରାଜା ଦଶରଥ କେବେ କୈକେୟୀଙ୍କ ସେବାରେ ତୃପ୍ତ ହୋଇ ତାଙ୍କୁ ଦୁଇଟି ବର ପ୍ରଦାନ କରିଥିଲେ । ଏହି ଅନୁଯାୟୀ ସେ ଯାହା ମାଗିବେ ତାଙ୍କୁ ସେ ଦେବେ ବୋଲି ଦଶରଥ ସତ୍ୟ କରିଥିଲେ । କୈକେୟୀଙ୍କ ଉଦ୍ଦେଶ୍ୟ ଥିଲା ଅଯୋଧ୍ୟାର ଶାସନ ଭାର ଭରତ ହାତରେ ଦେବା । ତେଣୁ ରାମଚନ୍ଦ୍ରଙ୍କୁ ସସ୍ତ୍ରୀକ ଜଙ୍ଗଲ ପଠେଇବାର ଯୋଜନାକୁ ରାମାୟଣର ସର୍ବବୃହତ ଷଡ଼ଯନ୍ତ୍ର ବୋଲି ଅନେକେ ମତ ଦିଅନ୍ତି ।

ଏହା ତ୍ରେତାର କଥା । ଏବେ ଦ୍ୱାପରକୁ ଆସିବା । ତ୍ରେତାରେ ରାମଚନ୍ଦ୍ରଙ୍କ ବନବାସ ପରି ଦ୍ୱାପରରେ ମଧ୍ୟ ପାଣ୍ଡବଙ୍କ ବନବାସ ଥିଲା ଏକ ଗଭୀର ଷଡ଼ଯନ୍ତ୍ରର ସଫଳ ପ୍ରୟୋଗ । ମାତୁଳ ଶକୁନିଙ୍କ କପଟ ଦ୍ୟୂତକ୍ରୀଡ଼ାର ସର୍ତ୍ତ ଠାରୁ ଆଉ ବଡ଼ ରାଜନୈତିକ ଷଡ଼ଯନ୍ତ୍ର କ'ଣ ଥାଇପାରେ?

ଶକୁନି ତ ପ୍ରତିଶୋଧ ନେବା ପାଇଁ ଷଡ଼ଯନ୍ତ୍ର ରଚନା କରିଥିଲେ, କିନ୍ତୁ ସେଇ ମହାଭାରତର ଦ୍ରୋଣାଚାର୍ଯ୍ୟଙ୍କ ଗୁରୁଦକ୍ଷିଣା ପ୍ରାପ୍ତି ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ଯଦି କିଏ କୁହେ ତାକୁ ଅସ୍ୱୀକାର କରିହେବ କି ? ରାଜପୁତ୍ରଗଣଙ୍କର, ବିଶେଷକରି ଅର୍ଜୁନଙ୍କ ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଏକଲବ୍ୟକୁ ତା' ଡାହାଣ ହାତର ବୁଢ଼ା ଆଙ୍ଗୁଠି କାଟି ଦେବା ପାଇଁ କହିବା ଏକ ବିଧିବଦ୍ଧ ଷଡ଼ଯନ୍ତ୍ରର ଜଘନ୍ୟତମ ନମୁନା ବୋଲି ଅନେକେ ମନେକରନ୍ତି । ଗୁରୁ ହେଉଛନ୍ତି ବ୍ରହ୍ମା, ଗୁରୁ ହେଉଛନ୍ତି ବିଷ୍ଣୁ, ଗୁରୁଦେବ ମହେଶ୍ୱର । ଗୁରୁ ସାକ୍ଷାତ ପରଂବ୍ରହ୍ମ । ଭଗବାନଙ୍କର ଜୀବନ୍ତ ସତ୍ତା । ତା'ହେଲେ ଏହି ପରଂବ୍ରହ୍ମ ସ୍ୱରକ୍ଷଣ ପାଇଁ ଏପରି ଚରମ ନୀତି ଆପଣେଇଲେ କାହିଁକି?

ଏ ପ୍ରଶ୍ନର ଉତ୍ତର- ନୀତି ନୈତିକତାର ବିସର୍ଜନ ଛଡ଼ା ଆଉ କ'ଣ ହୋଇପାରେ? କାଳେ କାଳେ ଏହି କୌଶଳ ଆମ ଦେଶର ଜନଜୀବନକୁ ପ୍ରଭାବିତ କରିଛି । ତଥାପି ଆମେ ଉଚ୍ଚସ୍ୱରରେ ନୈତିକତାର ଜୟଗାନ କରି ଆମ ଉଚ୍ଚ ପରମ୍ପରା ଉପରେ ଦୀର୍ଘ ଭାଷଣ ଦେଉ । ଅପକର୍ମ ଘୋଡ଼ାଇବା ପାଇଁ ଏହା କ'ଣ ଏକ ଷଡ଼ଯନ୍ତ୍ର ?

ଚାଲନ୍ତୁ ଦ୍ରୋଣାଚାର୍ଯ୍ୟଙ୍କ ବିଷୟରେ ଆଉ କିଛି ଆଲୋଚନା କରିବା । ଦ୍ରୋଣାଚାର୍ଯ୍ୟ ହେଉଛନ୍ତି ମହର୍ଷି ଭରଦ୍ୱାଜଙ୍କ ପୁତ୍ର । ଭରଦ୍ୱାଜଙ୍କ ପିତା ହେଉଛନ୍ତି ଦେବଗୁରୁ ବୃହସ୍ପତି । ତେଣୁ ସ୍ୱାଭାବିକ ଭାବେ ଦ୍ରୋଣଙ୍କଠାରେ ଉଚ୍ଚ ଚିନ୍ତାଧାରା ରହିବା କଥା । କିନ୍ତୁ ରାଜପୁତ୍ର ଅର୍ଜୁନଙ୍କୁ ଖୁସି କରିବା ପାଇଁ ସେ ଏକଲବ୍ୟଠାରୁ ତା' ପାରଦର୍ଶୀତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟିକୁ ଶରୀରରୁ ବାଦ୍ ଦେଇଦେଲେ । ତଥାପି ଦ୍ରୋଣ ମହାଭାରତର ଜଣେ ମହାଯୋଦ୍ଧା-ଅନେକଙ୍କର ପୂଜନୀୟ । ତାଙ୍କର ଏହି କୌଶଳ ଆମ ମହାନ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଅଧ୍ୟାୟ !

ତେବେ ଦ୍ରୋଣଙ୍କ ଜନ୍ମ ବୃତ୍ତାନ୍ତ ଜାଣିଲେ ଆପଣ ଆଚମ୍ଭିତ ହୋଇଯିବେ । ଦ୍ରୋଣଙ୍କ ପିତା ଭରଦ୍ୱାଜ ଗଙ୍ଗା ତଟରେ ଆଶ୍ରମ କରି ରହୁଥିଲେ । ଦିନେ ଗଙ୍ଗା ସ୍ନାନ ସାରି ଅପ୍‌ସରା ଘୃତାଚି ଓଦା ଲୁଗା ପିନ୍ଧି ଯାଉଥିବା ବେଳେ ତାଙ୍କର ନଗ୍ନପ୍ରାୟ ଅଙ୍ଗ ଦର୍ଶନ କରିବା ମାତ୍ରେ ଭରଦ୍ୱାଜ ଅତ୍ୟନ୍ତ କାମାତୁର ହୋଇପଡ଼ିବାରୁ ତାଙ୍କର ଶୁକ୍ରପାତ ହୋଇଥିଲା । ତାଙ୍କର ଏହି ଶୁକ୍ରକୁ ଏକ ପାତ୍ରରେ ରଖିବା ପରେ ସେଥିରୁ ଜନ୍ମ ହୋଇଥିଲେ ଦ୍ରୋଣ । ଜଳାଶୟ କିମ୍ବା କୌଣସି ପାତ୍ର ବା ଆଧାରକୁ ଦ୍ରୋଣ କୁହାଯାଉଥିବାରୁ ଦ୍ରୋଣାଚାର୍ଯ୍ୟଙ୍କର ଏହିପରି ନାମକରଣ ହୋଇଛି ।

ଆଜି ଦିନରେ ସମୁଦ୍ର ବେଳାରେ ଅନେକ ସ୍ନାନରତା ସୁନ୍ଦରୀଙ୍କୁ ଅନେକ କାମାତୁର ଯୁବକ ଦେଖନ୍ତି । ତେବେ ଋଷି ଭରଦ୍ୱାଜଙ୍କ ପରି ଅବସ୍ଥା କାହାର ହୋଇଥିବାର ଶୁଣାଯାଇ ନାହିଁ । ଏଇମାନେ ହେଲେ ମହାଜ୍ଞାନୀ, ମହାତପା ଋଷି, ଯେଉଁମାନଙ୍କଠାରେ ସାଧାରଣ ମଣିଷର ସଂଯମ ନଥିଲା ।

ତେବେ ଦ୍ରୋଣଙ୍କ ପିତା ଭରଦ୍ୱାଜଙ୍କ ଜନ୍ମବୃତ୍ତାନ୍ତ ଆହୁରି ଭୟଙ୍କର । ଭରଦ୍ୱାଜ ବୃହସ୍ପତିଙ୍କ ପୁତ୍ର । ବୃହସ୍ପତି ଋଷି ଉତଥ୍ୟଙ୍କର ସାନଭାଇ । ଉତଥ୍ୟଙ୍କର ପତ୍ନୀ ମମତା ଥିଲେ ଅତି ସୁନ୍ଦରୀ । ସେ ସେସମୟରେ ଗର୍ଭବତୀ ଥିଲେ । ତଥାପି ବୃହସ୍ପତି ତାଙ୍କୁ ରମଣ କରିବାକୁ ଚାହିଁଲେ । ହେଲେ ସଫଳ ହୋଇପାରିଲେ ନାହିଁ । ଏହି ବିଫଳତା ଯୋଗୁଁ ତାଙ୍କର ବୀର୍ଯ୍ୟ ମଧ୍ୟ ତଳେ ପଡ଼ି ଯାଇଥିଲା, ଯେଉଁଥିରୁ ଭରଦ୍ୱାଜଙ୍କ ସୃଷ୍ଟି ।

ଏଇସବୁ କଥା ମୁଁ ମନରୁ ଯୋଡ଼ି କହୁନାହିଁ । ଏହା ପୁରାଣରେ ଉଲ୍ଲିଖିତ ତଥ୍ୟ । ତେବେ ଏହା ସତ୍ୟ ନା ପୂର୍ବୋକ୍ତ ପୌରାଣିକ ଚରିତ୍ରମାନଙ୍କୁ ବଦନାମ୍ କରିବାର ଏକ ଷଡ଼ଯନ୍ତ୍ର ଯିଏ ଲେଖିଛି ତାକୁ ବେଶି ଜଣା ।

ଆମେ କଥା କଥାକେ କହୁ- ଏ ଦେଶ ପୁଣ୍ୟଭୂମି-ମୁନିଋଷିଙ୍କ ଜନ୍ମଭୂମି । ଏହା ଠିକ୍ କଥା । କିନ୍ତୁ ଯେଉଁଦେଶର ମୁନିଋଷିମାନଙ୍କର ସୁନ୍ଦରୀଙ୍କ ଦର୍ଶନମାତ୍ରେ ରେତଃପାତ ହୁଏ ସେ ଦେଶର ନାରୀମାନଙ୍କ ସୁରକ୍ଷାକୁ ନେଇ ଭାବିଲେ ମୁଣ୍ଡ ଗୋଳମାଳ ହୋଇଯିବା ସ୍ୱାଭାବିକ ।

କଳିଯୁଗରେ ତ ଷଡ଼ଯନ୍ତ୍ର ସଫଳତା ହାସଲର ମୂଳମନ୍ତ୍ର । ବିଶେଷକରି ରାଜନୈତିକ ସଫଳତା କ୍ଷେତ୍ରରେ ଷଡ଼ଯନ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଷଡ଼ଯନ୍ତ୍ର ଗଣତନ୍ତ୍ରକୁ ଜଣଯନ୍ତ୍ରରେ ରୂପାନ୍ତରିତ କରିଥିବାର ଅଗଣିତ ନଜିର ଆମ ଦେଶରେ ଉପଲବ୍ଧ ।

## ବେପରୁଆ ପ୍ରଶାସନ : ବିଡମ୍ବିତ ଦର୍ଶନ

ସତ କହିବାକୁ କିଆଁ ଡରିବି — ଅମ୍ବିକା ପ୍ରସାଦ ଦାସ

ମହାଶୟ,

ନମସ୍କାର। 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ ପ୍ରକାଶିତ 'ବେପରୁଆ ପ୍ରଶାସନ : ବିଡମ୍ବିତ ଦର୍ଶନ' ଆଲେଖ୍ୟଟି ସମସ୍ତଙ୍କ ମନର ନିଚ୍ଛକ ଅନୁଭବ, ଯାହାକୁ ଆପଣ ଲେଖା ମାଧ୍ୟମରେ ପ୍ରକାଶ କରିଥିବାରୁ ଅଶେଷ ଧନ୍ୟବାଦ।

ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ମନଭରି ଦର୍ଶନ କରିବାର ମନନେଇ କାହିଁ କେତେ ଦୂରରୁ ଭକ୍ତମାନେ ଆସିଥାନ୍ତି, ମାତ୍ର ଶ୍ରୀମନ୍ଦିରରେ ପ୍ରଶାସନର ଅବ୍ୟବସ୍ଥାରେ ଅଣନିଃଶ୍ୱାସୀ ହୋଇ ଦ୍ୱିତୀୟ ବାର ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା କଥା ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେବା ପରେ ମଧ୍ୟ, ସେଇ ଲାଇନ୍ ହେଲେ ମହାପ୍ରଭୁଙ୍କ ପର୍ଯ୍ୟନ୍ତ ଯାଆନ୍ତା, ତାହା ନୁହେଁ ବରଂ ଜଗମୋହନରେ ପାଦ ଦେଉ ଦେଉ ଆରମ୍ଭ ହୋଇଯାଏ "ଜୋର୍ ଯାର୍ ମୁଲକ ତାର' ନୀତି। ଚଢ଼ା-ଭିଡ଼ା- ଯିଏ ଯେଉଁ ଉପାୟ ଅବଲମ୍ବନ କରି କେବଳ ଆଗକୁ ଯିବାର ପ୍ରଚେଷ୍ଟା। ଥରେ ଚିନ୍ତା କରନ୍ତୁ ବୟସ୍କ ବ୍ୟକ୍ତିବିଶେଷ ତଥା ପିଲାଛୁଆଙ୍କୁ ଧରି ଯାଇଥିବା ଜନସାଧାରଣଙ୍କ ଅବସ୍ଥା। କେବଳ ଗୋଟିଏ ଦଉଡ଼ିର ବ୍ୟବସ୍ଥା ମଧ୍ୟ ଯଦି କରାଯାଆନ୍ତା, ଯାତ୍ରୀମାନେ ବେଶ୍ ଶୃଙ୍ଖଳିତ ରୀତିରେ ଯାଇ ଦୁଇ ଧାଡ଼ିରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିପାରନ୍ତେ। ଭକ୍ତମାନେ ଏପରି ତିକ୍ତ ଅନୁଭୂତି ନେଇ ଫେରିବା ବେଳେ ପ୍ରଶାସନ କେଉଁ ମହତ୍ ଉଦ୍ଦେଶ୍ୟରେ ଏ ସାହାଣମେଲା ବ୍ୟବସ୍ଥା ଜାରି ରଖିଛି, ତାହା ବୁଝିହୁଏନା।

ସାଧାରଣ ଜନତା ଏହିପରି ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଥିବାବେଳେ ବଡ଼ବଡ଼ିଆଙ୍କ ପାଇଁ କିନ୍ତୁ ଗଳାବାଟର ବ୍ୟବସ୍ଥା। ଯେ ସମଗ୍ର ଜଗତର ନାଥ ତା'ର ଦରବାରରେ ଏତେ ଥିଲାବାଲା, ନଥିଲାବାଲାର ବାଛବିଚାର କାହିଁକି ?

ପ୍ରତ୍ୟହ ବଡ଼ବଡ଼ିଆଙ୍କ ଗାଡ଼ି ସିଂହଦ୍ୱାର ପର୍ଯ୍ୟନ୍ତ ହିଁ ଆସିଥାଏ, କେହି କେବେ ବଡ଼ଦାଣ୍ଡରେ ସେମାନଙ୍କୁ ଚାଲିବାର ଦେଖିନାହାନ୍ତି। ସେଦିନ ଭାରତବର୍ଷର ପ୍ରଥମ ନାଗରିକ ଭାବେ ପରିଘୋଷିତ ମହାମହିମ ରାଷ୍ଟ୍ରପତି କେତେ ଦୀର୍ଘ ପଥରୁ ଚାଲିଚାଲି ଆସି, ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇ ଆସି କାଳିଆ କଳା ଠାକୁରଙ୍କୁ ଦର୍ଶନ କଲେ, ତେବେ ତାଙ୍କଠାରୁ କ'ଣ ଶିଖିଲା ଏ ଜାତି? ଆମେ ପ୍ରତିମୁହୂର୍ତ୍ତରେ ବର୍ତ୍ତମାନ ସର୍ବସ୍ୱ ହୋଇ ଆମର ପାରିଲାପଣକୁ ଜାହିର କରୁଛୁ, ମାତ୍ର କେବେ ଚିନ୍ତା କରୁନୁ, 'ସବୁ ଦିନେ ନାହିଁ ଚାନ୍ଦିନୀ ରାତି'।

ମନ୍ଦିରର ଶୃଙ୍ଖଳା ନିମନ୍ତେ ବହୁ ସଂଖ୍ୟାରେ ପୋଲିସ ମୁତୟନ କରାଯାଇଥିଲେ ମଧ୍ୟ ଜଗମୋହନର ସେ ଠେଲାପେଲା ସମୟରେ କାହାରିକୁ ଦେଖିବାକୁ ମିଳିନଥାଏ, ଏସବୁ କ୍ଷେତ୍ରରେ ଉପସ୍ଥିତ ରହି ପରିବେଶ ଓ ପରିସ୍ଥିତିକୁ ଶୃଙ୍ଖଳିତ କରିବା କ'ଣ ସେମାନଙ୍କର ଦାୟିତ୍ୱ ନୁହେଁ, ତେବେ ମନ୍ଦିର ପ୍ରଶାସନ ସେମାନଙ୍କୁ ଆଉ କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିଛି ବୁଝିହୁଏନା। ତେବେ ଦେଖାଯାଉ କେବେ ଭାଙ୍ଗୁଛି ଆମର ମନ୍ଦିର ପ୍ରଶାସନର ନିଦ, ଆଉ ମିଳୁଛି ଏ ଯନ୍ତ୍ରଣାରୁ ମୁକ୍ତି। ରହିଲୁ ସେ ସୁଦିନର ଅପେକ୍ଷାରେ।

**ଡକ୍ଟର ଆରତି କର**, ଶତାବ୍ଦୀ ନଗର, ଭୁବନେଶ୍ୱର,
ମୋ. ୮୮୪୭୮୯୨୬୭୨

ମହାଶୟ,

ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଭକ୍ତ ମାନଙ୍କର ଜଗନ୍ନାଥ ଦର୍ଶନ ଅଭିଳାଷ ପୂର୍ଣ୍ଣ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ପୁରୀ ଜଗନ୍ନାଥ ମନ୍ଦିରରେ ଯେପରି ଅବ୍ୟବସ୍ଥା ଦେଖା ଯାଉଛି ବୋଧହୁଏ ଭାରତର ଅନ୍ୟ କୌଣସି ମନ୍ଦିରରେ ସେପରି ଦେଖା ଯାଏ ନାହିଁ । ଏହା ପ୍ରଶାସନ ଆଖିରେ ପଡୁନାହିଁ ନା ଜାଣି ଅଜଣା ରହୁଛନ୍ତି ତାହା ଜଣା ପଡୁନି । ଯୁଗେ ଯୁଗେ ଭକ୍ତଙ୍କ ପାଇଁ ଭଗବାନ । ଭକ୍ତଙ୍କୁ ପୀଡ଼ା ଦେବା, ପ୍ରକାରାନ୍ତରେ ଭଗବାନଙ୍କୁ ପୀଡ଼ା ଦେବା ସହିତ ସମାନ । କେବଳ ଭାଷଣ ବାଜି କଲେ ଚଳିବ ନାହିଁ, ଭକ୍ତର ସାମାନ୍ୟତମ ଅସୁବିଧାକୁ ଅନୁଧ୍ୟାନ କରି ତୁରନ୍ତ ସମସ୍ୟାର ସମାଧାନ କରିବା ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**,
ଅନ୍ତେଇ, ପାଟକୁରା

ମହାଶୟ,

ପ୍ରଶାସନର ଆଖି ଖୋଲୁ ।

**ଡ. ରାମଚନ୍ଦ୍ର ଦାଶ**, ଭୁବନେଶ୍ୱର

ମହାଶୟ,

ମନ୍ଦିର ପରିଚାଳନା କମିଟି ସଭାପତି ସମ୍ପାଦକ ଓ ମୁଖ୍ୟ ପ୍ରଶାସକ ଦେଶର ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିବା ପରେ ଧାଡ଼ି ଦର୍ଶନ ପାଇଁ ବ୍ୟବସ୍ଥା କଲେ ଭଲ ହେବ ।

**ନିର୍ମଳ ଚନ୍ଦ୍ର ସାମଲ**,
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

ମହାଶୟ,

ପ୍ରଶାସନକୁ ସଚେତନା କରି ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଦିଗରେ ସୁବ୍ୟବସ୍ଥା କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏକ ଆହ୍ୱାନ ହିଁ ଏହି ସୁନ୍ଦର ଆଲେଖ୍ୟର ଆଭିମୁଖ୍ୟ । ସୁଚିନ୍ତିତ ସଚେତନତା ଅଭିବ୍ୟକ୍ତି ପାଇଁ ଲେଖକଙ୍କୁ ସାଧୁବାଦ ।

**ଡ. ପ୍ରଦୀପ କୁମାର ଚୌଧୁରୀ**, ଗୁଣୁପୁର

# ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସହ ଦୁଇଟି ସ୍ମରଣୀୟ ଅନୁଭବ

■ କୃଷ୍ଣଚନ୍ଦ୍ର ମହାପାତ୍ର ■

ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ମହାପ୍ରୟାଣ ତ ।୨୪/୧୦/୨୦୨୫ରିଖରେ ହୋଇଯାଇଛି । ଆଜି ସେହି ପୁଣ୍ୟାତ୍ମାଙ୍କର ଏକାଦଶାହ ତିଥିରେ ମୋ ଚାକିରି ଜୀବନରେ ତାଙ୍କ ସହ ଖୁବ୍ ଅଳ୍ପଦିନର କାର୍ଯ୍ୟକାଳ ଭିତରେ ମୋ ସହ ଘଟିଥିବା ଦୁଇଟି ଛୋଟିଆ ଅନୁଭୂତି ଆଜି ମୋର ସ୍ମରଣକୁ ଆସେ ।

ସେତେବେଳେ ମୁଁ ଥିଲି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଉପଖଣ୍ଡର ଉପଜିଲ୍ଲାପାଳ ଓ ଶ୍ରୀଯୁକ୍ତ ପଣ୍ଡା ଥିଲେ ବ୍ରହ୍ମପୁରର ରାଜସ୍ୱ ଡିଭିଜନାଲ କମିଶନର । ଦୁଇଟିଯାକ ଘଟଣା ସେହି ସମୟର । ସ୍ୱର୍ଗତ ପଣ୍ଡା ଥିଲେ ଓଡିଶା ସାରସ୍ୱତ ଜଗତର ଜଣେ ଅସାମାନ୍ୟ ଓ ଅସାଧାରଣ କବି ପ୍ରତିଭା, ଏ କଥା କାହାକୁ ଅଜଣାନୁହେଁ । ପ୍ରଶାସନିକ କାର୍ଯ୍ୟ ବ୍ୟସ୍ତତା ଭିତରେ ବି ସେ ତାଙ୍କ କବିତା ସର୍ଜନାକୁ ଛାଡିପାରିନଥିଲେ । କହିବାକୁ ଗଲେ ତାଙ୍କ ପରି ଜଣେ ସୃଜନଶୀଳ କବିଙ୍କୁ କଲମ ଛାଡୁନଥିଲା ନା କବି କଲମକୁ ଛାଡିପାରୁନଥିଲେ ତା' କେବଳ ସେ ହିଁ ଜାଣିଥିଲେ ।

ବେଳେବେଳେ ଗୋପାଳପୁର ସର୍କିଟହାଉସରେ ଅବସ୍ଥାନ କରି ସେ କବିତା ରଚନା କରୁଥିବାର ମୁଁ ଦେଖିଥିଲି । ଏପରିକି ଶୂନ୍ୟଛାତ ଉପରେ ବସି, ସେ କବିତା ରଚନା କରନ୍ତି । ଉପରେ ଶାନ୍ତ, ସୌମ୍ୟ, ଅନନ୍ତ ଆକାଶର ଅପୂର୍ବ ନୀଳିମା, ସମ୍ମୁଖରେ ଦିଗ୍‌ବଳୟ ବ୍ୟାପୀ ବିକ୍ଷୁବ୍ଧ ବାରିଧି ଓ ଅଦୂରରେ କୋଳାହଳମୟ ସଚିତ୍ର ବେଳାଭୂମିର ବର୍ଣ୍ଣବିଭା କବିଙ୍କ ମନରେ କି ପ୍ରେରଣା ଓ ପୁଲକ ସୃଷ୍ଟି କରେ ତା କେବଳ କବିଙ୍କୁ ହିଁ ଜଣା । କିନ୍ତୁ ସାର୍‌ଙ୍କ ହାତରେ ଥାଏ ତାଙ୍କ ପ୍ରିୟ କଲମ ଓ ପ୍ୟାଡ । ଗୋପାଳପୁର ସର୍କିଟ ଗୃହରେ ସେତେବେଳେ କେବଳ ତିନିଗୋଟି ବଖରା (Suite) ଥାଏ । ଉପର ମହଲା ତିଆରି ହୋଇନଥାଏ । ଆବଶ୍ୟକତା ଦୃଷ୍ଟିରୁ ଉପର ମହଲାରେ ଅନ୍ତତଃ ଗୋଟିଏ ବଖରା ନିର୍ମାଣ କରିବା ପାଇଁ ମୁଁ ଇଚ୍ଛାପ୍ରକାଶ କରି ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲି, ଯେଉଁଠାରେ ସମୁଦ୍ର ସଂପୂର୍ଣ୍ଣଭାବେ ଦୃଶ୍ୟମାନ ହେଉଥିବ । ତଳ ମହଲାରେ ଥିବା ତିନୋଟି ବଖରା ବା ତତ୍‌ସଂଲଗ୍ନ ବାରେଣ୍ଡା ଉପରୁ ସମୁଦ୍ରର ମନୋରମ ଦୃଶ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ନିର୍ବାହୀଯନ୍ତ୍ରୀ ମହୋଦୟ ଦୁଇଦିନ ପରେ ମୋତେ ଜଣାଇଲେ ଯେ ଗୋପାଳପୁର ସର୍କିଟ ଗୃହ ତଳ ମହଲା ଉପରେ ଆଉ ଘର ନିର୍ମାଣ କରିବା ବୈଷୟିକ (Technical) ଦୃଷ୍ଟିକୋଣରୁ ସମ୍ଭବପର ନୁହେଁ । ମୁଁ କିଛି ଦିନ ନିରବ ରହିବାପରେ ସିଧା ଯାଇଥିଲି R.D.C ସ୍ୱର୍ଗତ ପଣ୍ଡାଙ୍କ ପାଖକୁ । ସେ R.D.C ଭାବରେ କାର୍ଯ୍ୟଭାର ଗ୍ରହଣକରିବା ପରଦିନ ମୁଁ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ସେ ମୋତେ 'ଯେତେବେଳେ ଆବଶ୍ୟକ ପଡିବ ତାଙ୍କୁ ସିଧାସଳଖ ସାକ୍ଷାତ କରିବା ପାଇଁ ସ୍ୱାଧୀନତା ଦେଇଥିଲେ । ତେବେ ଯାହାହେଉ, ସେଦିନ ମୁଁ ୧୧ଟା ବେଳକୁ ତାଙ୍କ ବାସଗୃହ ଅଫିସରେ ପହଁଚି ତାଙ୍କୁ ଖବର ପଠାଇବା ପରେ ସାର୍ ଅଳ୍ପସମୟ ମଧ୍ୟରେ ଚାମ୍ବରକୁ ଆସି ବ୍ୟକ୍ତିଗତ କଥା ପଚାରି ମୋର ଆସିବାର କାରଣ ପଚାରିଥିଲେ । ସେହି ଅବସରରେ ଗୋପାଳପୁର ସର୍କିଟ ଗୃହ ଉପର ମହଲାରେ ଗୋଟିଏ ବଖରା ନିର୍ମାଣ କରିବାର ପ୍ରସ୍ତାବ ସହ ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ବୈଷୟିକ (Technical) ଦୃଷ୍ଟିକୋଣରୁ ଏହା ସମ୍ଭବପର ହେବ ନାହିଁ ବୋଲି ମୋତେ କହିବା ବିଷୟ ତାଙ୍କୁ ଜଣାଇଥିଲି । ମୋ ଠାରୁ ଏ ପ୍ରସ୍ତାବ ଶୁଣିସାରିବା ପରେ ସେ ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ (S.E)ଙ୍କୁ ସାଙ୍ଗେ ସାଙ୍ଗେ ତାଙ୍କ ବାସଗୃହ କାର୍ଯ୍ୟାଳୟକୁ ଆସିବାକୁ କହି, 'ଏହା ଗୋଟିଏ ଉତ୍ତମ ପ୍ରସ୍ତାବ' ବୋଲି କହିଥିଲେ । ଅଧୀକ୍ଷଣ ଯନ୍ତ୍ରୀ ମହୋଦୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆସି ପହଞ୍ଚିଥିଲେ ।

R.D.C ସ୍ୱର୍ଗତ ପଣ୍ଡା ତାଙ୍କୁ ଚାଲନ୍ତୁ ଗୋପାଳପୁର ଯିବା କହି ମୁଁ, କମିଶନର, ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଚାଲିଲୁ ଗୋପାଳପୁର ଅଭିମୁଖେ । ସର୍କିଟ ଗୃହଠାରେ ପହଁଚି R.D.C. S.E.ଙ୍କୁ ମୁଁ କହିଥିବା କଥା ଦୋହରାଇ ପ୍ରଥମ ମହଲାରେ ଗୋଟିଏ ବଖରା ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ଯାହା ବାଟରେ ଶୁଣିଥିଲେ ସେହିକଥାକୁ R.D.Cଙ୍କୁ କହିଥିଲେ । ସେଥିରେ R.D.C କାହିଁକି ହୋଇପାରିବନି ବୋଲି ପଚାରିବାରୁ ଅଧୀକ୍ଷଣ ଯନ୍ତ୍ରୀ ଉପରେ ଗୋଟିଏ ବଖରା ଗୃହ ନିର୍ମାଣ କଲେ ଘର ଲୋଡ୍ ନେବନି ଓ ବ୍ୟୟଭାର ବହୁ ଅଧିକ ପଡିବ ବୋଲି R.D.Cଙ୍କୁ ବୁଝାଇବାରୁ ଟଙ୍କା ତ ରାଜସ୍ୱବିଭାଗ ଦେବ ଓ ଟଙ୍କା ସରକାରଙ୍କ ଦ୍ୱାରା ମଞ୍ଜୁର କରାଇବା ଦାୟିତ୍ୱ ତାଙ୍କର ବୋଲି କହି ୭ଦିନ ଭିତରେ ତାର ଆକଳନ (Estimate) ତାଙ୍କ ନିକଟକୁ ପଠାଇ 'ଏକ ମାସ ଭିତରେ କାମ ଆରମ୍ଭ କରନ୍ତୁ ଓ ପ୍ରତି ମାସରେ ମୋତେ ତାର ଅଗ୍ରଗତି ଜଣାଇ ନଦେଖାଇ ଅତିବେଶୀରେ ୬ମାସ ଭିତରେ କାମ ଶେଷକରିବାକୁ ଚେଷ୍ଟା କରନ୍ତୁ' ବୋଲି କହିଥିଲେ । 'ଟଙ୍କା ମଞ୍ଜୁର କରାଇବା ଦାୟିତ୍ୱ ମୋର ଏଥିରେ ଆପଣ ନିଶ୍ଚିତ ରୁହନ୍ତୁ' ବୋଲି କହି ମୋ ସହ ଫେରି ଆସିଥିଲେ । 'ଏ ଉପର ବଖରା ନିଶ୍ଚିତ ହେବ' ବୋଲି କହି ମୁଁ ଏ ପ୍ରସ୍ତାବଟି ଦେଇଥିବାରୁ 'ଏହା ବହୁପୂର୍ବରୁ ହେବାର ଥିଲା' ବୋଲି କହି ମୋତେ ଧନ୍ୟବାଦ ଦେଇଥିଲେ ।



ଦ୍ୱିତୀୟ ଅନୁଭୂତିଟି ଏହିପରି ଯାହା ସମସ୍ତ ପ୍ରଶାସକମାନଙ୍କ ପକ୍ଷରେ ଅତ୍ୟନ୍ତ ଶିକ୍ଷଣୀୟ । ବ୍ରହ୍ମପୁରରେ ଦିନେ ଏକ ବଡଧରଣର ଆଇନଶୃଙ୍ଖଳା ପରିସ୍ଥିତର ଉଦ୍‌ଭବ ହୋଇଥିଲା। ଉତ୍ତେଜିତ ଜନତା ଓ ଅସାମାଜିକ ବ୍ୟକ୍ତିଙ୍କର ଗଣ୍ଡଗୋଳର ଶରବ୍ୟ ମଧ୍ୟରୁ ମୋର ବାସଗୃହ ମଧ୍ୟ ବାଦ୍‌ଯାଇନଥିଲା । ଏସ୍.ପି. ଯଦିଓ ମୋ ସହ ଥିଲେ କୌଣସି ପୁଲିସ ଫୋର୍ସ ସେଠାରେ ମୁତୟନ ନଥିଲେ ଯାହା ଫଳରେ ଅସାମାଜିକ ଲୋକମାନେ ମୋ ବାସଗୃହମଧ୍ୟକୁ ପ୍ରବେଶ କରିପାରିନଥିଲେ ମଧ୍ୟ ଏସ୍.ପି.ଙ୍କ ଗାଡି ସମେତ ମୋର ବାସଗହ୍ ପରିସର (Compound) ଭିତରେ ପ୍ରବେଶ କରି ବହୁ କିଛି ଫୁଲଗଛ ଓ ବଗିଚା ଆଦି ନଷ୍ଟ କରିଦେଇଥିଲେ । ଏହା କିଛିକ୍ଷଣ ପାଇଁ ଘଟିଥିଲେ ମଧ୍ୟ ବହୁକିଛି କ୍ଷତି ସାଧନ କରିଥିଲା । ଏହି ଖବର ଆର୍.ଡି.ସି. ଜାଣିବାକୁ ପାଇଥିଲେ । ଏହି ଗଣ୍ଡଗୋଳ ଏକ ସାଂପ୍ରଦାୟିକ ଦଙ୍ଗା ଆଡକୁ ଗତିକରିବାର ବହୁ ସମ୍ଭାବନା ଥିଲା । ତେବେ ସେ ଯାହା ହେଉନା କାହିଁକି ସେତେବେଳର ପରିସ୍ଥିତି ମନରେ ଭୟ ଉଦ୍ରେକକାରୀ ଥିଲା । ପରମୁହୂର୍ତ୍ତରେ ପୁଲିସ ଫୋର୍ସ ମୋ ବାସଗୃହଠାରୁ ଆରମ୍ଭ କରି ଚତୁଃପାର୍ଶ୍ୱରେ କିଛି ଦୂର ପର୍ଯ୍ୟନ୍ତ ଜଗି ରହିଲେ । ଏସବୁ R.D.C ଜାଣିପାରିଥିଲେ । ଜିଲ୍ଲାପାଳ ଭଞ୍ଜନଗରରୁ ଆସି ପହଞ୍ଚିବାପରେ ପରଦିନ ପାଇଁ ପୁଲିସ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରି ମୁଁ ଘରକୁ ଫେରୁଫେରୁ ବହୁତ ରାତିହୋଇ ଯାଇଥିଲା । ତା' ପରଦିନ ସକାଳୁ ମୁଁ ୬ଟା ବେଳକୁ ସର୍କିଟ ଗୃହ ବାହାରିବା ବେଳକୁ ହଠାତ ମୋତେ ପିଅନ R.D.C ଆସି ମୋ ବାସଗୃହ ଅଫିସ ଚାମ୍ବରରେ ବସିଛନ୍ତି ବୋଲି ଖବର ଦେଲା । ମୁଁ ଯେତେବେଳେ ବାହାରକୁ ଗଲି ଦେଖିଲି ଯେ R.D.C ମୋ ବାସଗୃହ ପରିସରରେ ଗତକାଲି ଆଇନଶୃଙ୍ଖଳା ସମୟରେ ଘଟିଥିବା କ୍ଷୟକ୍ଷତି ସବୁ ବୁଲି ଦେଖୁଛନ୍ତି । ମୋତେ ଦେଖି 'ମୁଁ କିପରି ଅଛି' ବୋଲି ପଚାରିଥିଲେ । ମୁଁ 'ଠିକ୍ ଅଛି ଓ କିଛି ଅସୁବିଧା ହୋଇନି' ବୋଲି କହି ତାଙ୍କ ଆଗରେ ଗଣ୍ଡଗୋଳର କାରଣ ଓ ଏହାର ସମ୍ଭାବ୍ୟ ସାଂପ୍ରଦାୟିକ ଦିଗ ଉପରେ ଆଲୋଚନା ଆରମ୍ଭ କରିବାବେଳେ, 'ମୁଁ ସେଥିପାଇଁ ଆସିନି' । 'ଜିଲ୍ଲାପାଳ, ଡି.ଆଇ.ଜି, ଏସ୍.ପି ଓ ଆପଣଙ୍କୁ ୫ଟା ବେଳେ ମୋ ଅଫିସକୁ ଏବାବଦରେ ଆଲୋଚନା ପାଇଁ ଡାକିଛି' ବୋଲି କହି କମ୍ପାଉଣ୍ଡ ପରିସରରେ ଘଟିଥିବା ଲଙ୍କାକାଣ୍ଡରୁ 'ମୁଁ ସବୁ ଜାଣୁଛି' ବୋଲି କହି ମୁଁ କିଛି 'ଚିନ୍ତିତ କି ବିବ୍ରତ' ନହେବା ପାଇଁ ପରାମର୍ଶ ଦେଇ 'ଯାହା ଘଟିଲେ ମୋତେ ସିଧା ଜଣାଇବ' ବୋଲି କହିଥିଲେ । ଯିବାକୁ ବାହାରିବା ପୂର୍ବରୁ ସେ ମୋତେ ମୋ ଘରକୁ ଯିବାପାଇଁ କହିଥିଲେ ଓ ମୁଁ ଆଗ୍ରହର ସହିତ ତାଙ୍କୁ ମୋ ବାସଗୃହ ମଧ୍ୟକୁ ଡାକି ଡ୍ରଇଁ ରୁମ୍‌ରେ ବସାଇଥିଲି । ସେ ମୋ ପରିବାରକୁ ସାକ୍ଷାତ କରିବାକୁ ଚାହାଁନ୍ତି କହିବାରୁ ମୁଁ ଯାଇ ମୋର ସ୍ତ୍ରୀ ଓ ଛୋଟ, ଛୋଟ ପିଲାମାନଙ୍କ ସହ ପହଁଚିଥିଲି । ସେ ପିଲାମାନଙ୍କ ମୁଣ୍ଡରେ ହାତରଖି 'ଆଇନ ଶୃଙ୍ଖଳା ପରିସ୍ଥିତିରେ ସମ୍ମୁଖୀନ ହେବା ଆମ ପ୍ରଶାସନିକ ସେବାର ଏକ ମାମୁଲି ଓ ସାଧାରଣ ଘଟଣା ବୋଲି କହି ମୋ ପତ୍ନୀଙ୍କୁ ଆଶ୍ୱାସନା ଓ ସାନ୍ତ୍ୱନା ଦେଇ, ଗଣ୍ଡଗୋଳକାରୀମାନେ କିଛି କ୍ଷତି ଘଟାଇଛନ୍ତିକି ବୋଲି ପଚାରି ଥିଲେ । ପୁନର୍ବାର ମନରେ କୌଣସି ଭୟ, ଆଶଙ୍କା ନରଖି ଚିନ୍ତିତ ବା ବିବ୍ରତ ନହେବାକୁ ସାହସ ଓ ପରାମର୍ଶ ଦେଇଥିଲେ ଯାହା ମୋ ଆଶା ବା ବିଶ୍ୱାସର ବାହାରେ ଥିଲା । ମୋ ସ୍ତ୍ରୀ ତାଙ୍କୁ ସେଭଳି କିଛି ଘଟିନାହିଁ କି ଆମେ କେହି ଚିନ୍ତିତ କି ବିବ୍ରତ ନୋହୁ ବୋଲି କହିଥିଲେ ।' ମୁଁ ବେଶ୍ ବୁଝିପାରିଥିଲି ଯେ ସାର୍‌ଙ୍କର ଉଦ୍ଦେଶ୍ୟ ଥିଲା ଏକ ଉଦ୍‌ବେଗଜନକ ପରିସ୍ଥିତିକୁ ହାଲ୍‌କା କରିଦେବା ।

R.D.C ଶ୍ରୀ ପଣ୍ଡା କଫି ପିଇ ପ୍ରାୟ ୧ଘଣ୍ଟାର ରହଣିପରେ ଚାଲିଯାଇଥିଲେ ସତ କିନ୍ତୁ ମୁଁ ଓ ମୋ ପରିବାରଙ୍କ ମନରେ ଏ ଘଟଣାଟି ଏକ ସ୍ମରଣୀୟ ଘଟଣା ହୋଇ ରହିଗଲା । ମୋତେ ଓ ପତ୍ନୀଙ୍କୁ ସେ ଦେଇଥିବା ଧୈର୍ଯ୍ୟ ଓ ଅଭୟର ଆଶ୍ୱାସନା ଭିତରେ ମୁଁ ଏକ ଗତାନୁଗତିକ ଔପଚାରିକ ପ୍ରଶାସନିକ ସଂପର୍କ ଦେଖିନଥିଲି, ଏହା ମୋ ଭିତରେ ଏକ ଅନ୍ତରଙ୍ଗ, ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତାର ଛାପ ଛାଡିଦେଇ ଯାଇଥିଲା ସବୁଦିନ ପାଇଁ । ଧନ୍ୟ ସେ ପ୍ରଶାସକ ।

ସାର୍‌ଙ୍କ ସହ ଆଉ ଦେଖା ହବାର ସୁଯୋଗ ଜୁଟିନି । ତେବେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଥିବା ସମୟରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜାଗା ଦେଖିବା ପାଇଁ ଥରେ ତାଙ୍କ ସହ ଚିହ୍ନଟ ସ୍ଥାନ ନିକଟକୁ ମୋତେ ଯିବାର ସୁଯୋଗ ଜୁଟିଥିଲା ।

ସାର୍ ଆଉ ଫେରିବେନି । କଲମ ବି ତାଙ୍କର ଆଉ ଚାଲିବନି । ସମସ୍ତଙ୍କର ଚିତାଗ୍ନି ଲିଭିଗଲା ଭଳି

ସାର୍‌ଙ୍କ ଚିତା ବି ଲିଭିଗଲା କିନ୍ତୁ ମୋ ମନରେ ଚାକିରି ଆରମ୍ଭରୁ ସେ ଛାଡିଯାଇଥିବା ଛାପ ଅଲିଭା ହୋଇ ରହିଗଲା ପ୍ରସ୍ତର ଗାତ୍ରରେ ଖୋଦିତ ଅକ୍ଷର ପରି ।

ଯେଉଁଠି ଥାଆନ୍ତୁ ଶାନ୍ତିରେ ଥାଆନ୍ତୁ ସାର୍ । ସେଠାରେ ବି ଆପଣଙ୍କ ପ୍ରିୟ କଲମ ଆପଣଙ୍କୁ ନଛାଡୁ । ଏହାହିଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି । ପ୍ରଣାମ ସାର୍ ।

*ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଜଣେ ବରିଷ୍ଠ ଅଧିକାରୀ*

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩ ନଭେମ୍ବର ୨୦୨୫ ସୋମବାର ପୃଷ୍ଠା ୫

ଭୌଗୋଳିକ ବିବିଧତାରେ ଭରପୂର ଦେଶମାନଙ୍କ ମଧ୍ୟରେ ଭାରତ ସବୁଠୁ ଆଗରେ । ଏଠାରେ ଏକ ସଙ୍ଗରେ ମରୁଭୂମି-ତ୍ରିକୋଣଭୂମି, ତପ୍ତ ମରୁଭୂମି-ହେମାଳ ମରୁଭୂମି, ଘଞ୍ଚ ଜଙ୍ଗଲ-ଶୁଷ୍କ ମାଳଭୂମି, ସମୁଦ୍ର-ପର୍ବତରାଜ, ବନ୍ୟା-ଅନାବୃଷ୍ଟି ଆଦି ଅନେକ ବିପରୀତ ଭୌଗୋଳିକ ତଥା ଜଳବାୟୁ ଗତ ବିବିଧତା ଦେଖାଯାଏ । ଏହି ବିବିଧତା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଦିଏ । କେବଳ ସେତିକି ନୁହେଁ ଆମର ଜନ୍ମଭୂମି ଏହି ଭାରତ ଅନେକ ପ୍ରାକୃତିକ ଆଶ୍ଚର୍ଯ୍ୟରେ ମଧ୍ୟ ଭରପୂର । ପ୍ରାକୃତିକ ଆଶ୍ଚର୍ଯ୍ୟ କଥା ଚିନ୍ତା କଲାବେଳେ ଆମ ମନକୁ ଗ୍ରାଣ୍ଡ କ୍ୟାନିଅନ୍, ଗ୍ରେଟ୍ ବ୍ୟାରିଅର୍ ରିଫ୍, ଏଭରେଷ୍ଟ, ଆମାଜନ ବର୍ଷା ଅରଣ୍ୟ, ଆଦି ନାମ ଆସିଯାଏ । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଏମିତି ଅନେକ ପ୍ରାକୃତିକ ବିସ୍ମୟ ରହିଛି ଆମ ଦେଶରେ ଯାହା ଆମ ପାଖରେ ପ୍ରାୟତଃ ଅଜଣା । କାରଣ ଭୂଗୋଳ ବହିରେ ତ ସେସବୁ ମଧ୍ୟରୁ ଅଧିକାଂଶ ସ୍ଥାନ ପାଇନାହିଁ । ଏବେ ସେସବୁ ବିଷୟରେ ଜାଣିଲେ ନିଶ୍ଚୟ ମନେହେବ- ସତରେ ଅନେକ କିଛି ଅଛି ଆମ ଦେଶରେ ଦେଖିବା ଭଳି ।



# ଭୂଗୋଳ ବହିରେ ସ୍ଥାନ ପାଇନଥିବା ପ୍ରାକୃତିକ ବିସ୍ମୟ











## ଲୋନାର ହ୍ରଦ

ପ୍ରାୟ ବାଉନ ହଜାର ବର୍ଷ ପୂର୍ବେ ଦ୍ରୁତଗତିରେ ତଳକୁ ଖସୁଥିବା ଏକ ବିଶାଳ ଉଲ୍କା ପୃଥିବୀ ପୃଷ୍ଠରେ ଧକ୍କା ଖାଇବାର ପରିଣାମ ସ୍ୱରୂପ ସୃଷ୍ଟି ହୋଇଥିଲା ଏହି ବିଶାଳ ଗର୍ତ୍ତ, ଯାହା ଆଜି ଆମ ପାଖରେ ଜଣାଶୁଣା ଲୋନାର୍ ହ୍ରଦ ଭାବରେ । ଖସୁଥିବା ଉଲ୍କାର ଗତି ଥିଲା ପ୍ରାୟ ବୟାନବେ ହଜାର ପ୍ରତିଘଣ୍ଟା । ବାସାଲ୍ଟ ପାହାଡ଼ରେ ସୃଷ୍ଟି ହୋଇଥିବା ଏହି ହ୍ରଦ ପୃଥିବୀରେ ଏହି ଧରଣର ଏକମାତ୍ର ହ୍ରଦ । ତେବେ ଭୌଗୋଳିକ ବିବର୍ତ୍ତନ ଦୃଷ୍ଟିରୁ ଏହି ହ୍ରଦ ଏବେବି ଯୁବାବସ୍ଥାରେ ଅଛି । ଧୀରେ ଧୀରେ ଏହି ଗର୍ତ୍ତ ଆଗପାଖରେ ଚିରହରେତ୍ ଜଙ୍ଗଲ ସୃଷ୍ଟି ହେଲା ଓ ସଦାନୀରା ଝରଣା ଜଳରେ ଏହି ବିଶାଳ ଗର୍ତ୍ତ ହ୍ରଦର ରୂପ ନେଲା । ହ୍ରଦର ଚେହେରା ଖୁବ୍ ସୁନ୍ଦର, ସ୍ୱଚ୍ଛ କିନ୍ତୁ ସବୁଜ । ମହାରାଷ୍ଟ୍ରର ବୁଲ୍‌ଆନା ଜିଲ୍ଲାରେ ଥିବା ଏହି ଜଙ୍ଗଲବନ୍ଦୀ ହ୍ରଦ ବନ୍ୟାପ୍ରାଣୀ ଅଭୟାରଣ୍ୟ ପାଲଟିଛି । ନିକଟସ୍ଥ ଅଞ୍ଚଳ ତୁଳନାରେ ଏହାର ଜୈବ



ପରିସଂସ୍ଥାନ ଆଶ୍ଚର୍ଯ୍ୟଜନକ ଭାବରେ ଭିନ୍ନ । ଏହି ଜଳରେ ଏକ ସ୍ୱତନ୍ତ୍ର ପ୍ରକାର ଅଣୁଜୀବ ମିଳନ୍ତି ଯାହା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ମିଳିବା ବିରଳ । ଏହାର ପରିବେଶ ମଧ୍ୟ ମାସ୍କେଲିନାଇଟ୍ ପରି ବିରଳ ଖଣିଜ ଲବଣରେ ଭରପୂର ।

## ବୋର ଗୁମ୍ଫା

ଯେତେବେଳେ ଜଳ ଚୁନପଥର ପାହାଡ଼କୁ ଛୁଏଁ ସେତେବେଳେ କ'ଣ ହୋଇପାରେ ତାହା ଜାଣିବାକୁ ଚାହୁଁଥିଲେ ଯାଆନ୍ତୁ ଆନ୍ଧ୍ରପ୍ରଦେଶର ଅରାକୁ ଉପତ୍ୟାକାକୁ । ଅନନ୍ତଗିରି ପାହାଡ଼ରେ ଅଛି ଏହି ବୋରା ଗୁମ୍ଫା । ଏହି ଗୁମ୍ଫା ଭାରତର ସବୁଠାରୁ ଗଭୀର ଗୁମ୍ଫା । କେଇ ଅୟୁତ ବର୍ଷ ପୂର୍ବେ ଗୋସ୍ଥାନୀ ନଦୀର ପ୍ରବାହଜନିତ ଆଘାତ ଦ୍ୱାରା ଏହି ଚୂନପଥର ପାହାଡ଼ର ତଳେ ଗୁମ୍ଫା ସୃଷ୍ଟି ହୋଇଥିଲା । ସ୍ଥାନୀୟ ଆଦିବାସୀମାନେ ଏହି ଗୁମ୍ଫା ସହ ଜଡ଼ିତ ଅନେକ କିମ୍ବଦନ୍ତୀ ବର୍ଣ୍ଣନା କରନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ସ୍ଥାନ ବିଶ୍ୱର ଅନ୍ୟତମ



ମୂଲ୍ୟବାନ ନୃତତ୍ତ୍ୱ ଗବେଷଣା କ୍ଷେତ୍ର । ଗୁମ୍ଫାର ସଂରଚନା ମଧ୍ୟ ଖୁବ୍ ଅନନ୍ୟ । ଗୁମ୍ଫା ବିଶେଷଜ୍ଞଙ୍କ ପାଇଁ ଏହା ବିସ୍ମୟ । ପତ୍ନତାତ୍ତ୍ୱିକ ଖନନ ସମୟରେ ମଧ୍ୟ ପ୍ରସ୍ତର ଯୁଗୀୟ ପ୍ରସ୍ତର ଉପକରଣ ଏହି ସ୍ଥାନରୁ ମିଳିଛି । ଏଥିରୁ ସ୍ପଷ୍ଟ ହେଉଛି ୫୦,୦୦୦-୩୦,୦୦୦ ବର୍ଷ ପୂର୍ବେ ଏଠାରେ ମନୁଷ୍ୟ ବସବାସ କରୁଥିଲେ ।

## ନିଘୋଜ ନଦୀ ଶର୍ଯ୍ୟାର ଗର୍ତ୍ତ

ପୁନେଠାରୁ ପ୍ରାୟ ଦୁଇଘଣ୍ଟାର ରାସ୍ତା ନିଘୋଜ ଗ୍ରାମ । ଏଠାରେ ରହିଛି ବାସାଲ୍ଟ ପାହାଡ଼ । ପାହାଡ଼ ଦେଇ କୁକ୍‌ଡି ନଦୀ ବହିଯାଉଛି । ନଦୀର ପଥୁରିଆ ଶର୍ଯ୍ୟାରେ ସ୍ଥାନେ ସ୍ଥାନେ ବିଶାଳ ଗର୍ତ୍ତ । ଦେଖିଲେ ଲାଗିବ ନଦୀ ଭିତରେ ପଥର କାଟି ଏତେ ବଡ଼ ବଡ଼ ଗାତ କିଏ କରିଛି ? ଏ ମଧ୍ୟରୁ କିଛି ଗର୍ତ୍ତ ୪୦ଫୁଟ ଗଭୀର ମଧ୍ୟ । ଏହା ବ୍ୟତୀତ ଅନେକ ଛୋଟ ବଡ଼ ଗର୍ତ୍ତ । ସ୍ଥାନୀୟ ଲୋକଙ୍କ ଭାଷାରେ କୁଣ୍ଡ । ଏଗୁଡ଼ିକରେ ବସି ସେମାନେ ଆରାମରେ ଗାଧୁଆପାଧୁଆ କରନ୍ତି । ଏ ନଦୀ ଅଗଭୀର । ତେବେ ଶୀତଠାରୁ ଖରାଦିନ ପର୍ଯ୍ୟନ୍ତ ଜଳସ୍ତର ଖୁବ୍ କମ୍ ହୋଇଯିବାରୁ ଗର୍ତ୍ତଗୁଡ଼ିକ ସ୍ପଷ୍ଟ ଦେଖାଯାଏ । ଏଗୁଡ଼ିକରେ ପାଣି ଭରପୂର ଥାଏ । ସ୍ଥାନୀୟ ଲୋକଙ୍କ ପାଇଁ ଏହା ପ୍ରାକୃତିକ ଜଳଭଣ୍ଡାରର କାର୍ଯ୍ୟ କରେ । ହଁ ଏହି ଗାଁ ପାଖରେ ରହିଛି ମୋରାଚି ଚିଞ୍ଚୋଲି ଗାଁ, ଯେଉଁଠାରେ ଶହ ଶହ ସଂଖ୍ୟାରେ ମୟୂର ଗାଁ ଲୋକଙ୍କ ସହ ମିଶି ବସବାସ କରନ୍ତି ।

## ଗନ୍ଦିକୋଟା ଗଣ୍ଡ

ଆନ୍ଧ୍ରପ୍ରଦେଶର କଡପ୍ପା ଜିଲ୍ଲାରେ ଅଛି ୩୦୦ ଫୁଟ୍ ଗଭୀର ଏହି ଗଣ୍ଡ । ହଜାର ହଜାର ବର୍ଷ ପୁରୁଣା ଏହି ଗଣ୍ଡ । ଏହି ବିଶାଳ ପାହାଡ଼ ଉପରେ ଅଛି ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଗନ୍ଦିକୋଟା ଦୁର୍ଗ । ଲାଲ୍ ବାଲୁକା ପଥରରେ ନିଖୁଣ କାରୁକାର୍ଯ୍ୟ ବିମଣ୍ଡିତ ଏହି ଦୁର୍ଗ । ଏହି ଦୁର୍ଗର ଝରକାରୁ ମୁଣ୍ଡ ଗଳେଇ ତଳକୁ ଅନେଇଲେ ଗଣ୍ଡ ଦେଇ ବହିଯାଉଥିବା ପେନ୍ନାର ନଦୀର ସୌନ୍ଦର୍ଯ୍ୟ ଗଣ୍ଡର ଗଭୀରତାକୁ ଅନୁଭବ କରିହୁଏ । ଏହି ଦୃଶ୍ୟ ମନରେ ରୋମାଞ୍ଚ ଭରିଦିଏ । ହଁ ଏହି ଗଣ୍ଡ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ।

## ଲୋକ୍‌ଟାକ୍ ହ୍ରଦ

ଉତ୍ତର-ପୂର୍ବ ଭାରତର ସବୁଠାରୁ ବଡ଼ ମଧୁରଜଳ ହ୍ରଦ ଏହା । ଏହି ହ୍ରଦର ବିଶେଷତ୍ୱ କିନ୍ତୁ ସବୁଠାରୁ ଭିନ୍ନ । ଏହି ବିଶେଷତ୍ୱ ହେଉଛି ଫୁମ୍‌ଡି ବା ଛୋଟ ଛୋଟ ଭାସମାନ ମାଟିର ଚକଡ଼ା । ଏହି ଚକଡ଼ାରେ ଗଛପତ୍ର, ଜଳ ଓ ଅନ୍ୟ ଜୀବଜନ୍ତୁ ମଧ୍ୟ ଥାଆନ୍ତି । ଏହି ମାଟିର ଚକଡ଼ା ବା ଫୁମ୍‌ଡି଼ ଗୋଟିଏ ସ୍ଥାନରେ ସ୍ଥିର ହୋଇନଥାଏ, ଭାସୁଥାଏ ହ୍ରଦ ସାରା । ସାରା ହ୍ରଦରେ ଶହ ଶହ ସଂଖ୍ୟକ ଫୁମ୍‌ଡି ଦେଖିବାକୁ ମିଳେ । ଦେଖିଲେ ମନେହୁଏ ହ୍ରଦ ଦେହରେ କୁନି କୁନି ଦ୍ୱୀପ । ଏହି ଫୁମ୍‌ଡି ସ୍ଥାନୀୟ ଲୋକଙ୍କର ଜୀବନଜୀବିକାର ଅନ୍ୟତମ ଦିଗ । ହ୍ରଦର ଦକ୍ଷିଣ-ପଶ୍ଚିମ ଦିଗରେ ରହିଛଇ କେଇବୁଲ୍ ରାମ୍‌ଜାଓ ଜାତୀୟ ଉଦ୍ୟାନ । ଜୈବ ବିବିଧତାରେ ଭରପୂର ଏହି ଜାତୀୟ ଉଦ୍ୟାନ । ଏଠାରେ ୨୩୩ ପ୍ରଜାତିର ଜଳଜ ଉଦ୍ଭିଦ, ୧୦୦ ପ୍ରଜାତିର ପକ୍ଷୀ ଓ ୪୨୫ ପ୍ରଜାତିର ଜୀବଜନ୍ତୁ ଦେଖାଯା'ନ୍ତି । ହଁ ଏହା ବିଲୁପ୍ତ ପ୍ରାୟ ମଣିପୁରୀ ସାଙ୍ଗାଇ ହରିଣର ବାସସ୍ଥଳୀ ।

## ହୋଗେନାକ୍କାଲ୍ ଜଳପ୍ରପାତ

କନ୍ନଡ ଭାଷାରେ ହୋଗେନାକ୍କାଲର ଅର୍ଥ ହେଉଛି 'ଧୁଆଁ ବାହାରୁଥିବା ପାହାଡ଼' । ନାମକରଣର ଯଥାର୍ଥତା ମଧ୍ୟ ରହିଛି । କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ଖୁବ୍ ଶାନ୍ତ ଭାବରେ ଗତି କରୁଥିବା କାବେରୀ ନଦୀ ଏହି ସ୍ଥାନରେ ପ୍ରାୟ ୧୫୦ଫୁଟ୍ ଉଚ୍ଚତାରୁ ତଳକୁ ଲମ୍ଫ ପ୍ରଦାନ କରେ । ପ୍ରପାତର ଦୁଇ ପାର୍ଶ୍ୱ କଳା ମୁଗୁନି ପଥରର ପାହାଡ଼ । ନଦୀ ଜଳ ପଥର ଉପରେ ପଡ଼ିବା ଦ୍ୱାରା ଜଳକଣା ସବୁ ଛିଟିକି ଧୁଆଁର ଭ୍ରମ ସୃଷ୍ଟି କରେ । ଏଠି







କେବଳ ଗୋଟିଏ ଜଳପ୍ରପାତ ନୁହେଁ ବରଂ ଲଗାଲଗି ହୋଇ ଛୋଟ ବଡ଼ ଜଳପ୍ରପାତର ଏକ ଶୃଙ୍ଖଳ ରହିଛି । ତେବେ ତଳେ ପହଞ୍ଚିବା ପରେ ଏହି ଜଳଧାରା ପୁଣି ଶାନ୍ତ ଭାବରେ ବଢ଼ିବା ଆରମ୍ଭ କରିଦିଏ । ତେଣୁ ଉପରୁ ଜଳପ୍ରପାତ ଦେଖିବା ଯେତେ ମନୋରମ, ତଳେ ନଦୀରେ ଜଙ୍ଗଲ ମଧ୍ୟରେ ନୌକାବିହାର ମଧ୍ୟ ସେତିକି ମନୋରମ । ହଁ ଏହି ନଦୀର ଦୁଇ ଧାରରେ ମୁଗୁନି ପଥରର ଛୋଟ ଛୋଟ ମୁଣ୍ଡିଆ ପାହାଡ଼ ଓ ଏହା ମଧ୍ୟରେ ଥିବା ଗୁମ୍ଫା ମଧ୍ୟ ଦେଖିବା ଯୋଗ୍ୟ ।

## ଜୀବନ୍ତ ଗଛ ଚେର ପୋଲ

ପାହାଡ଼ି ନଦୀ ଉପରେ ଜୀବନ୍ତ ଗଛ ଚେରର ପୋଲ, ପୃଥିବୀର ଅନ୍ୟତମ ପ୍ରାକୃତିକ ବିସ୍ମୟ । ମେଘାଳୟର ଚେରାପୁଞ୍ଜିରେ ନିତିଦିନିଆ ବର୍ଷାରେ କାଠପୋଲ ଖୁବ୍‌ଶୀଘ୍ର ନଷ୍ଟ ହୋଇଯାଏ । ତେଣୁ କେହି ଜଣେ ଦୂରଦୃଷ୍ଟି ସମ୍ପନ୍ନ ସ୍ଥାନୀୟ ଅଧିବାସୀ ଗୁଆଗଛର ଗଣ୍ଡିକୁ ସ୍ଥାନୀୟ ଅଞ୍ଚଳରେ ଥିବା ଏକପ୍ରକାର ରବର ଗଛର ଚେର ସହ ଛନ୍ଦି ଏ ପାହାଡରୁ ସେ ପାହାଡ଼କୁ ଯିବା ପାଇଁ ରାସ୍ତାଟିଏ ତିଆରି କଲେ । ଧୀରେ ଧୀରେ ଏହି ପୋଲ ଅଧିକରୁ ଅଧିକ ଦୃଢ଼ ହେଲା । କାରଣ ଗଛର ଚେରଗୁଡ଼ିକ ପରସ୍ପରକୁ ଆହୁରି ନିବିଡ ଭାବରେ ଜଡେଇ ଧରିଲେ । ଛୋଟ ଛୋଟ ଚେରଗୁଡ଼ିକ ପୋଲର ବାଡ଼ ଭଳି କାମ ଦେଲା । ଖାସି ଆଦିବାସୀମାନେ ପ୍ରଥମେ ଏପ୍ରକାର ପୋଲ ତିଆରି କରିଥିଲେ । ଏବେ ଚେରାପୁଞ୍ଜିର ପ୍ରାୟ ସବୁସ୍ଥାନରେ ଏହି ପୋଲ ଛୋଟ ବଡ଼ ଆକାରରେ ଦେଖିବାକୁ ମିଳେ । ତେବେ ଏ ମଧ୍ୟରୁ ୧୮୦ ବର୍ଷ ପୁରାତନ ନନ୍‌ଗ୍ରିଆଡ୍ ଦ୍ୱିମହଲା ପୋଲଣ, ୩୦ମିଟର ଦୀର୍ଘ ରିଟିମ୍ମେନ୍ ଓ ମି'ଶ' ପୋଲ ଅନ୍ୟତମ । ଥରେ ଏହି ପୋଲ ତିଆରି ହୋଇଗଲେ ମଣିଷର ରକ୍ଷଣାବେକ୍ଷଣ ଦାୟିତ୍ୱ ସରିଯାଏ । କାରଣ ପ୍ରକୃତି ଏ ଦାୟିତ୍ୱ ନେଇଯାଏ । ଗଛର ଚେରଗୁଡ଼ିକ ବଢୁଥିବାରୁ ଯେତେ ପୁରୁଣା ହୁଏ ଏ ପୋଲ ସେତେ ବଜଭୁତ ହୁଏ ।

## ଭେଡ୍‌ଘାଟ ମାର୍ବଲ ପାହାଡ଼

ମଧ୍ୟପ୍ରଦେଶର ଜବଲପୁର ସହଜରୁ ୨୫କି.ମି. ଦୂରରେ ନର୍ମଦା ନଦୀ କୂଳରେ ରହିଛି ଛୋଟବଡ଼ ମାର୍ବଲ ପାହାଡ଼ ମୁଣ୍ଡିଆ ସବୁ । ଭୂତତ୍ତ୍ୱ ଦୃଷ୍ଟିରୁ ଖୁବ୍ ପୁରାତନ ଏ ଅଞ୍ଚଳ ଯେଉଁଠି ଚୁନପଥର ପାହାଡ଼ ହଜାର ହଜାର ବର୍ଷ ପରେ ମାର୍ବଲ ପାହାଡ଼ ପାଲଟିଛି । ଏହି ପାହାଡ଼ରେ ମାଗ୍ନେସିୟମ୍‌ର ପରିମାଣ ଅଧିକ ଥିବାରୁ ମାର୍ବଲର ରଙ୍ଗ ଧଳା-ପାଉଁଶିଆ, ଦୂରରୁ ଦେଖିଲେ ଖଦଖଦଢ଼ିଆ ମନେହୁଏ । ଏସବୁ ପାହାଡ଼ ମୁଣ୍ଡିଆ ପ୍ରାୟ ୧୦୦ ଫୁଟ୍ ଉଚ୍ଚ ନଦୀର ଶାନ୍ତ ନୀଳ-ସବୁଜ ଜଳ ମଧ୍ୟରୁ ଏକଦମ୍ ସମକୋଣରେ ଉପରକୁ ଉଠିଛନ୍ତି ଏସବୁ ମୁଣ୍ଡିଆ । ଏସବୁ ପାହାଡ଼ ମୁଣ୍ଡିଆ ମଧଦେଇ ନର୍ମଦା ନଦୀର ଧାରଟିଏ ବହିଯାଉଛି ବଙ୍କାଟଙ୍କା ହୋଇ । ଏହି ଧାର ପ୍ରାୟ ୩କି.ମି. ଦୀର୍ଘ । ନୌକାରେ ବୁଲି ଦେଖିବା ପାଇଁ ଖୁବ୍ ସୁନ୍ଦର ଏହାର ପରିବେଶ । ହଁ ଏଇଠାରୁ ଟିକେ ଆଗକୁ ରହିଛି ଧୁଆଁଧାର ଜଳପ୍ରପାତ ।

## ସାଙ୍ଗେସ୍ତାର ହ୍ରଦ

ମନ୍ତ୍ରମୁଗ୍ଧ କରିଦିଏ ଅରୁଣାଚଳପ୍ରଦେଶର ସାଙ୍ଗେସ୍ତାର ହ୍ରଦର ସୌନ୍ଦର୍ଯ୍ୟ । ହ୍ରଦର ସୃଷ୍ଟି ମଧ୍ୟ ବିଚିତ୍ର ଓ ଆକସ୍ମିକ । ୧୯୭୧ ମସିହାରେ ଆସିଥିବା ଭୂମିକମ୍ପରେ ଶୋକ୍-ସେନ ଗାଁ ଗୋଟିଏ ହ୍ରଦ ପାଲଟି ଯାଇଥିଲା ।



ହ୍ରଦ ପାଲଟିବା ପୂର୍ବରୁ ଏହି ସ୍ଥାନରେ ଥିବା ଗଛଗୁଡ଼ିକ ଆଜି ମୃତ ହେଲେ ସେଗୁଡ଼ିକର ବିଶାଳ ଗଣ୍ଡି ସବୁ ଏବେବି ମୁଣ୍ଡ ଟେକି ରହିଛି ହ୍ରଦର ନୀଳ ଜଳରାଶି ମଧ୍ୟରୁ । ଭାରତ ଓ ତିବ୍ବତର ବୌଦ୍ଧଧର୍ମାବଲମ୍ବୀମାନେ ଏହି ହ୍ରଦକୁ ପବିତ୍ର ମାନନ୍ତି । ହଁ ଏହି ହ୍ରଦ ବୁଲି ଦେଖିବା ପାଇଁ ୩୦କି.ମି. ଦୂରରେ ଥିବା ତାୱାଙ୍ଗ ଜିଲ୍ଲା କମିସନରଙ୍କଠାରୁ ସ୍ୱତନ୍ତ୍ର ଅନୁମତିପତ୍ର ଆଣିବାକୁ ହୋଇଥାଏ ।

## ଫୁଲର ଉପତ୍ୟାକା

ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରର କାସ୍ ମାଳଭୂମିରେ ରହିଛି ବିଶ୍ୱର ସବୁଠାରୁ ସୁନ୍ଦର ପ୍ରାକୃତିକ ଫୁଲର ସମ୍ଭାର । ଉତ୍ତରାଖଣ୍ଡର ନନ୍ଦାଦେବୀ ଜୈବ ସଂରକ୍ଷିତ ଅଞ୍ଚଳରେ ଜୁନ୍‌ରୁ ଅକ୍ଟୋବର ମାସ ମଧ୍ୟରେ ୩୦୦ ପ୍ରଜାତିର ବିଭିନ୍ନ ରଙ୍ଗର ଜଙ୍ଗଲୀ ଫୁଲ ଫୁଟେ । ସତେ ଯେମିତି ପ୍ରକୃତି ହୋଲି ଖେଳୁଛି । ୧୯୩୦ ମସିହାରେ ୩ଜଣ ବ୍ରିଟିଶ ପର୍ବତାରୋହୀ ଅଗମ୍ୟ ପର୍ବତ ଓ ଜଙ୍ଗଲ ମଧ୍ୟରେ ଜଙ୍ଗଲୀ ଫୁଲର ଏହି ଅପରୂପ ସୌନ୍ଦର୍ଯ୍ୟ ଦେଖି ଏହାକୁ ଲୋକଲୋଚନକୁ ଆଣିଥିଲେ । ବର୍ତ୍ତମାନ ଏହା ବିଶ୍ୱ ଐତିହ୍ୟସ୍ଥଳ ତାଲିକାରେ ସ୍ଥାନିତ ହୋଇଛି ।

ଉତ୍ତରାଖଣ୍ଡର ଫୁଲ ଉପତ୍ୟାକା ପରି ମହାରାଷ୍ଟ୍ରର ସତାରା ଜିଲ୍ଲାର କାସ୍ ମାଳଭୂମିରେ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ରଙ୍ଗର ବଜାର ବସିଯାଏ । ବାସାଲ୍ଟ ଖଣିଜ ଥିବା ଏହି ମାଟିରେ ନାନା ରଙ୍ଗର ଫୁଲ ବିଶେଷ କରି ଜଙ୍ଗଲୀ ଓ କୀଟଭୋଜି ଗଛର ଫୁଲ ଏକ ଗାଢ଼ ରଙ୍ଗୀନ ପରିବେଶ ସୃଷ୍ଟି କରିଥାଏ ।

## ସମୁଦ୍ର-ବେଳାଭୂମିର ଲୁଚକାଳି ଖେଳ

ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ସମୁଦ୍ର ବେଳାଭୂମି, ଏକ ଅନନ୍ୟ ପ୍ରାକୃତିକ ବ୍ୟବସ୍ଥାର ସାକ୍ଷୀ । ଏପ୍ରକାର ପ୍ରାକୃତିକ ବ୍ୟବସ୍ଥା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖାଯିବାର ନଜିର ନାହିଁ ଏ ପର୍ଯ୍ୟନ୍ତ । ଏଠି ସମୁଦ୍ର ଆଉ ବେଳାଭୂମିର ଲୁଚକାଳି ଖେଳ ଚାଲିଥାଏ ସବୁଦିନ । ପ୍ରତିଦିନ ଭଟ୍ଟା ସମୟରେ ସମୁଦ୍ର ହଜିଯାଏ ଏଠାରୁ, ଆଖି ପାଏନି । କିନ୍ତୁ ଜୁଆର ଆସିଲେ ସମୁଦ୍ର ପୁଣି ପହଞ୍ଚିଯାଏ ବେଳାଭୂମିରେ । ଦିନରେ ଦୁଇଥର ହୁଏ ଏମିତି, ସମୁଦ୍ର ଚାଲିଯାଏ ପ୍ରାୟ ୫କିଲୋମିଟର ଦୂରକୁ । ଏହି ଅନନ୍ୟ ଭୌଗୋଳିକ ବିବିଧତା ଏହାକୁ କିଛି ସ୍ୱତନ୍ତ୍ର ସାମୁଦ୍ରିକ ପ୍ରଜାତିଙ୍କ ଆବାସସ୍ଥଳୀ କରି ରଖିଛି, ଏ ମଧ୍ୟରେ ଘୋଡାନାଲ କଙ୍କଡ଼ା ଓ ନାଲି କଙ୍କଡ଼ା ଅନ୍ୟତମ । ଆଖି ଆଗରୁ ସମୁଦ୍ର ହଜିଯିବା ଓ ସମୁଦ୍ର ସାମୟିକ ଖାଲି କରିଦେଇଥିବା ଶଯ୍ୟାରେ ଖାଲି ପାଦରେ ଚାଲିବା ସତରେ ଏକ ବିସ୍ମୟକର ଅନୁଭବ ।

## ଚୁମ୍ବକୀୟ ପାହାଡ଼

ଏକ ରହସ୍ୟମୟ ସ୍ଥାନ ଯେଉଁଠି ମାଧ୍ୟାକର୍ଷଣ ଶକ୍ତିର ସବୁ ସୂତ୍ର ଭୁଲ ହୋଇଯାଏ । ଲଦାଖର ଚୁମ୍ବକୀୟ ପାହାଡ଼ ବର୍ଷ ବର୍ଷ ଧରି ପର୍ଯ୍ୟଟକଙ୍କ ଚକ୍ଷୁକୁ ବିସ୍ଫାରିତ କରିଦେଉଛି । ଲେହ-କାର୍‌ଗିଲ୍-ଶ୍ରୀନଗର ଜାତୀୟ ରାଜପଥରେ ଲେହଠାରୁ ପ୍ରାୟ ୩୦କି.ମି. ଦୂରରେ ସମୁଦ୍ରପତ୍ତନରୁ ୧୪୦୦୦ ଫୁଟ୍ ଉଚ୍ଚତାରେ ଅଛି ଏହି ସ୍ଥାନ । ଏହି ସ୍ଥାନରେ ରାସ୍ତାରେ ସୂଚନା ଫଳକ ଅଛି । ସ୍ଥାନର ଅନନ୍ୟତା ପରୀକ୍ଷା କରିବାକୁ ଚାହିଁଲେ ଏହିଠାରେ ଗାଡ଼ିକୁ ନ୍ୟୁଟ୍ରାଲ୍ ଗିୟରରେ ରଖି ଚାବି ବନ୍ଦ କରି ଦିଅନ୍ତୁ । ଗାଡ଼ି ତଳକୁ ନଖସି ପାହାଡ଼ ଉପରକୁ ୧୦-୧୨ କି.ମି.ପ୍ରତି ବେଗରେ ଆଗକୁ ଗଡ଼ିବ । ଏହା ଭୌଗୋଳିକ ସ୍ଥିତିର ଦୃଷ୍ଟିଗତ ଭ୍ରମ ଯୋଗୁଁ ହୋଇଥାଏ । ଆମକୁ ଯାହା ପାହାଡ଼ର ଉଠାଣି ବୋଲି ମନେହୁଏ ତାହା ପ୍ରକୃତରେ ଗଡାଣି । ଠିକ୍ ଏମିତି ପ୍ରକ୍ରିୟା ଘଟେ ଗୁଜୁରାଟର ଭୁଜରେ ଥିବା କାଲୋ ଡୁଙ୍ଗର ପାହାଡ଼ରେ ।

## ୟାନା ପଥର ପାହାଡ଼

କର୍ଣ୍ଣାଟକର ଉତ୍ତରକନ୍ନଡ ଜିଲ୍ଲାର ୟାନା ଗ୍ରାମରେ ରହିଛି ଏହି ବିଶାଳ କଳାରଙ୍ଗର ଏକକ ପଥରମୁଣ୍ଡିଆ । ପଥରମୁଣ୍ଡିଆ ପାହାଡ଼ରେ ଅଛି ଦୁଇଟି ଶିଖର- ଭୈରବେଶ୍ୱର ଶିଖର ଓ ମୋହିନୀ ଶିଖର । କାର୍ଷ୍ଟ ଚୁନପଥରର ପାହାଡ଼ ଏହା । ପାହାଡ଼ର ପାଦଦେଶରେ ରହିଛି ଏକ ଗୁମ୍ଫା ମନ୍ଦିର । ପ୍ରତିବର୍ଷ ଶିବରାତ୍ରୀ ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୁଏ ଏଠାରେ । ପାହାଡ଼ ଶିଖରରେ ପହଞ୍ଚିବା ପାଇଁ ପ୍ରାୟ ୩କିମି ପାହାଡ଼ି ରାସ୍ତା ଚଢ଼ିବାକୁ ହୁଏ । ଏହି ପଥର ମୁଣ୍ଡିଆକୁ ନେଇ ଅନେକ ବିସ୍ମୟକର ଲୋକକଥା ମଧ୍ୟ ଅଛି । ତେବେ କନ୍ନଡ ଫିଲ୍ମ 'ନୁମ୍ମରା ମନ୍ଦାରା ହୁଭ୍'ରେ ସ୍ଥାନ ପାଇବା ପରେ ଅଞ୍ଚଳଟି ଖୁବ୍ ଲୋକପ୍ରିୟ ହୋଇଛି ।



## କ୍ରେମ୍ ଲିଆଟ୍ ପ୍ରାହ ଗୁମ୍ଫା

ମେଘାଳୟର ଜୟନ୍ତିଆ ପାହାଡ଼ରେ ହଜାର ହଜାର ସଂଖ୍ୟକ ଗୁମ୍ଫା ଓ ପାଟ ରହିଛି । ଏ ସବୁକୁ ଏପର୍ଯ୍ୟନ୍ତ ଆବିଷ୍କାର କରାଯାଇପାରିନି । ତେବେ ଏ ମଧ୍ୟରେ ରହିଛି ଭାରତର ବୃହତ୍ତମ ଗୁମ୍ଫା କ୍ରେମ୍ ଲିଆଟ୍ ପ୍ରାହ, ୨୦୦୬ରେ ଏହା ଆବିଷ୍କୃତ ହୋଇଛି । ଏହି ଗୁମ୍ଫା ୩୪କି.ମି. ଦୀର୍ଘ । ସଂଲଗ୍ନ ଗୁମ୍ଫା ମିଶାଇ ଦେଲେ ଏହା ଆହୁରି ଅଧିକ ଦୀର୍ଘ ହେବ । ଏ ଗୁମ୍ଫାରେ ସରୁରାସ୍ତା ଦେଇଗଲେ ଗଭୀର ଜଳାଶୟ ଓ ସେ ଜଳାଶୟରେ ଭୂତଭଳି ଛାଇ ଦେଖିବାକୁ ମିଳିବ । ଏହି ଗୁମ୍ଫା ଦେଖିବାର ଅନୁଭବ କେହି ସହଜରେ ଭୁଲିପାରିବେନି। ଏହି ଗୁମ୍ଫା ଦେଖିବା ପାଇଁ ପ୍ରଥମେ ପାହାଡ଼ ଚଢ଼ିବାକୁ ହେବ, ଚିପି ହୋଇ ଗଳିବାକୁ ହେବ, ନଇଁ ନଇଁ ଯିବାକୁ ହେବ, ଶେଷରେ ଗୁରୁଣ୍ଡି ଗୁରୁଣ୍ଡି କିଛିରାସ୍ତା ଯିବା ପରେ ଅଣ୍ଟା ସଳଖି ଛିଡ଼ା ହୋଇହେବ।

## ସିହ୍ନାଗାଦ୍ ସଂରକ୍ଷିତ ଜଳପ୍ରପାତ

ମହାରାଷ୍ଟ୍ରର ପଶ୍ଚିମଘାଟ ପର୍ବତମାଳାରେ ରହିଛି ମାଲ୍‌ସେଜ୍ ଘାଟ ପର୍ବତ। କଲ୍ୟାଣରୁ ଅହମ୍ମଦନଗରକୁ ଯାଉଥିବା ଏକମାତ୍ର ରାସ୍ତା ପାଖରେ ଅଛି ଏହି ସ୍ଥାନ। ପୁନେ ସହରଠାରୁ ମାତ୍ର ୨୫କି.ମି. ଦୂରରେ ଥିବା ଏହି ପାହାଡ଼ ପୁନେ ବାସିନ୍ଦାଙ୍କ ପାଇଁ ସବୁଠାରୁ ପ୍ରିୟ ପିକ୍‌ନିକ୍ ସ୍ପଟ୍। ପାହାଡ଼ର ପ୍ରାକୃତିକ ଶୋଭାରାଜି ମଧ୍ୟରେ ଏଠାରେ ରହିଛି ସିହ୍ନାଗାଦ୍ ଦୁର୍ଗ। ମୌସୁମୀ ଆସିଲେ ପାହାଡ଼ର ଶୋଭା ଆହୁରି ଆକର୍ଷଣୀୟ ହୋଇଯାଏ। ଘନ ସବୁଜ ଜଙ୍ଗଲ ମଧ୍ୟରୁ ସରୁ ଝରଣା ସବୁ ବୋହି ଆସନ୍ତି, ତଳକୁ ଖସି ପଡ଼ନ୍ତି। ତେବେ ସିହ୍ନାଗାଦ୍ ଦୁର୍ଗ ପାଖରେ ଏକ ବିରଳ ଜଳପ୍ରପାତ ଦୃଶ୍ୟ ଦେଖିବାକୁ ମିଳେ ପ୍ରତି ବର୍ଷାଋତୁରେ। ଏହାକୁ କୁହାଯାଏ ଓଲଟା ଜଳପ୍ରପାତ। ପାଣି ତଳକୁ ନୁହେଁ ବରଂ ଉପରକୁ ଉଠୁଥାଏ ଏଠି। ମାଧ୍ୟାକର୍ଷଣ ଶକ୍ତିକୁ ଅବମାନନା କରିପାରୁଥିବା ବିରଳ ପ୍ରକ୍ରିୟା ଏହା। ଅତ୍ୟଧିକ ବର୍ଷା ସମୟରେ ପବନର ଅତ୍ୟଧିକ ଚାପ ଯୋଗୁଁ ପାହାଡ଼ଣୁ ତଳକୁ ଖସୁଥିବା ଜଳ ଓଲଟି ପୁଣି ଉପରକୁ ଫେରେ। ଏହି ଜଳପ୍ରପାତ ଉପରେ ସୁରକ୍ଷା ଜାଲି ମଧ୍ୟରେ ରହି ଏହି ଦୃଶ୍ୟକୁ ଉପଭୋଗ କରିହେବ। ପ୍ରପାତରୁ ଫେରୁଥିବା ପାଣିରେ ଓଦା ହୋଇହେବ। ତେବେ ଏଥିପାଇଁ ଘୋର ବର୍ଷା କାଳରେ ହିଁ ଏଠାକୁ ଆସିବାକୁ ହେବ।

## କାଦୁଅ ଆଗ୍ନେୟଗିରି

ଆଗ୍ନେୟଗିରିରୁ କାଦୁଅ ବାହାରିବା ବିଷୟରେ କେବେ ଶୁଣିଛନ୍ତି? ଏହା ଏକ ବିରଳ ଭୂତାତ୍ତ୍ୱିକ ପ୍ରକ୍ରିୟା। ଭୂଗର୍ଭରେ ଥିବା ଜଳ, ସଢ଼ିଯାଇଥିବା ଜୈବ ପଦାର୍ଥରୁ ନିର୍ଗତ ପ୍ରାକୃତିକ ଗ୍ୟାସ୍, ବିଶାଳ ବିସ୍ଫୋରଣ ଓ ନିଆଁ ସହ ଉଦ୍‌ଗୀରଣ ହୁଏ ଏପ୍ରକାର ଆଗ୍ନେୟଗିରିରେ ଧୀରେ ଧୀରେ ଉଦ୍‌ଗୀରଣ ହୋଇଥିବା ପାଣି କାଦୁଅ ମିଶି ଆଗ୍ନେୟଗିରିର ମଧ୍ୟରେ ଜମା ହେବାରେ ଲାଗେ। ଭାରତ ମହାସାଗରରେ ଥିବା ବାରଟାଙ୍ଗ ଦ୍ୱୀପର ନୀଳାମ୍ବର ଗ୍ରାମରେ ୧୯୮୩ ମସିହା ମାର୍ଚ୍ଚ ମାସରେ ସର୍ବପ୍ରଥମେ ଏପରି ଏକ ଆଗ୍ନେୟ ଉଦ୍‌ଗୀରଣ ରେକର୍ଡ କରାଯାଇଥିଲା। ସ୍ଥାନୀୟ ଲୋକେ ଏହାକୁ ଜଲ୍‌କି କୁହନ୍ତି। ୨୦୦୪-୦୫ରେ ହିନ୍ଦ୍ ମହାସାଗରରେ ଭୂମିକମ୍ପ ଫଳରେ ପୁନର୍ବାର ଏହି ଆଗ୍ନେୟଗିରିରୁ ନିଆଁ ଓ କାଦୁଅ ଉଦ୍‌ଗୀରଣ ହୋଇଥିଲା।





ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩ ନଭେମ୍ବର ୨୦୨୫ । ସୋମବାର

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**କେନ୍ଦ୍ରାପଡ଼ା:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ଜିଲ୍ଲାସ୍ତରୀୟ ସାଧାରଣ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦ କିଶୋର ପରିଡା ଯୋଗଦେଇ 'ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ' ଶୀର୍ଷକ ଉପରେ ଆଲୋଚନା କରି ଏହାର ବିଭିନ୍ନ ଦିଗପ୍ରତି ଆଲୋକପାତ କରିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭିଜିଲାନ୍ସ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଯୋଗଦେଇ ବକ୍ତବ୍ୟରେ କହିଲେ ଯେ ସତ୍ୟନିଷ୍ଠା ହେଉଛି ପ୍ରଗତିର ମୂଳଆଧାର, ବିଶ୍ୱାସ ଏବଂ ଦାୟିତ୍ୱବୋଦ୍ଧକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଉଚିତ। ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱ ଆମର ପ୍ରତ୍ୟେକ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶିଳତା ନୀତି ଆପଣେଇ ଆଗକୁ ବଢିବା ଉଚିତ। ସମସ୍ତେ ଏକତ୍ର ହୋଇ ଦୁର୍ନୀତି ବିରୋଧରେ ଲଢେଇ କରିବାର ସମୟ ଆସିଛି। ଶେଷରେ ଦୁର୍ନୀତା ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଲିଆରସିଂ ସଭା ପରିଚାଳନା କରିଥିଲେ। ୨୭ ଅକ୍ଟୋବରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଶନିବାର ସକାଳେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏହି ରାଲିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ।

## ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ କରୁଣାକର କରଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଦୀପଦାନ କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାମ୍ବାଦିକମାନେ ସ୍ୱର୍ଗତ କରଙ୍କ ଉତ୍ସର୍ଗୀକୃତ ସମାଜ ସେବା କାଯ୍ୟ ଉପରେ ଆଲୋକ ପାତ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ କର ଡେରାବିଶ ଅଞ୍ଚଳରେ ସାମାଜିକ, ସାଂସ୍କୃତିକ ଓ ସ୍ଥାନୀୟ ଅଞ୍ଚଳର ବିକାଶ କରିବା ପାଇଁ ନିୟମିତ ସମ୍ବାଦ ପରବେଶଣ କରି ଘରେ ଘରେ ପରିଚିତ ଥିଲେ। ସାମ୍ବାଦିକ ସଂଘର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ନାୟକ କାଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଧାକାନ୍ତ ମହାନ୍ତି, ମନୋଜ କୁମାର ସ୍ୱାଇଁ, ମାତୃଦତ୍ତ ମହାନ୍ତି, ରବିନାରାୟଣ ପତି, ଦୁର୍ଗା ପ୍ରସାଦ ପତି, ସନ୍ତୋଷ କୁମାର ପଣ୍ଡା, ସୋମନାଥ ସାହୁ, ଉମାକାନ୍ତ ମହାପାତ୍ର, ସରୋଜ କାନ୍ତ ପରିଡା, ନୟନ ମଣି ସାମଲ, ବିରେନେ ଦାସ, ନମିତା ନାୟକ, ରଞ୍ଜନ ସାହୁ, ପିନାକୀ ସାମନ୍ତ ରାୟ, ସନ୍ତୋଷ ପୋଥାଳ, ମାନସ ମଲ୍ଲ, ଲକ୍ଷ୍ମୀକାନ୍ତ ନାୟକ, ମହେଶ ପାଢି, ଆଇନି ଯିବି ବିଦୁଭୁଷଣ ମହାପାତ୍ର, ଓ ନଗେନ୍ଦ୍ର ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

**କେନ୍ଦ୍ରାପଡ଼ା:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନ ଭାଗବତପୁର ଗ୍ରାମପଞ୍ଚାୟତର ବାଲିଆ ବଜାରରେ ଚଳିତବର୍ଷ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ବାଲିଆ ବଜାର କମିଟି ତତ୍ତ୍ୱାବଧାନରେ ସାରସ୍ୱତ ମାର୍କେଟ କମ୍ପ୍ଲେକ୍ସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ଅଧ୍ୟକ୍ଷ ଦାମୋଦର ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ବଜାର କମିଟି ସଭାପତି ପ୍ରମୋଦ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୯ଟି ପୂଜା କମିଟିର ପ୍ରତିନିଧି ଓ ଶାନ୍ତି କମିଟିର ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶରତ ଚନ୍ଦ୍ର ସ୍ୱାଇଁଙ୍କୁ ନୂତନ ଭାବେ ଶାନ୍ତି କମିଟିର ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଚଳିତବର୍ଷ ପୂଜାଟି କିଭଳି ଶାନ୍ତିପୂର୍ଣ୍ଣ ଭାବେ ହୋଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ପୂଜା ଆସନ୍ତା ୧୬ତାରିଖରେ ଆରମ୍ଭ ହେବା ସହିତ ୨୨ତାରିଖରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ଆଗାମୀ ବୈଠକରେ ପ୍ରଶାସନିକ ଅଧିକାରୀଙ୍କୁ ଯୋଗଦେବା ପାଇଁ ଡକାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଧରଣୀଧର ଭେଷଜ ମହାବିଦ୍ୟାଳୟରେ 'ୱାନ୍ ୱାର୍ଲ୍ଡ ୱାନ୍ ହେଲ୍‌ଥ' ସଚେତନତା

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଧରଣୀଧର ଭେଷଜ ମହାବିଦ୍ୟାଳୟ କେନ୍ଦୁଝର କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ଆଇଏପିଏସ୍‌ଏମ୍ ଏବଂ ଆଇସିଏମ୍‌ଆର୍ ମିଳିତ ସହଯୋଗରେ 'ୱାନ୍ ୱାର୍ଲ୍ଡ ୱାନ୍ ହେଲଥ' ବିଷୟରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ହେଲା ମାନବ, ପଶୁ ଏବଂ ପରିବେଶ ସ୍ୱାସ୍ଥ୍ୟର ଆପସି ସମ୍ପର୍କ ବିଷୟରେ ସଚେତନତା ବୃଦ୍ଧି କରିବା।

ମହାବିଦ୍ୟାଳୟର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ଚିନ୍ମୟୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଭାଗରୀୟ ମୁଖ୍ୟ ଡା.ମୋହୁଆ ବିଶ୍ୱାସ, ରାଜ୍ୟ ନୋଡାଲ୍ ଅଫିସର ଡା. ଦୀପନ୍ୱୀତା ରୌତରାୟ ଏବଂ ମହାବିଦ୍ୟାଳୟର ନୋଡାଲ୍ ଅଫିସର ଡା. ପ୍ରଜ୍ଞା ପରିମିତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡା. ଶ୍ରାବଣୀ, ଡା. ଅନିଲ, ଡା. ମୃତ୍ୟୁଞ୍ଜୟ, ଡା. ସୁମନ, ଡା. ମିନର୍ଭା, ଡା. ଜ୍ୟୋତି, ଡା. ସୁଭମ, ଡା. ସୌମ୍ୟା, ଡା. ସୁଚିସ୍ମିତା, ଡା. ଦେବ ଓ ଶ୍ରୀ ପଦ୍ମଲୋଚନ, ସହିତ ବିଭାଗର ଅନ୍ୟାନ୍ୟ ଶିକ୍ଷକ ଓ ଡିଡିଏମସିଏଚ୍‌ର ଏମବିବିଏସ୍ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ।

'ୱାନ୍ ହେଲ୍ଥ, ୱାନ୍ ୱାର୍ଲ୍ଡ'ର ସ୍ଲୋଗାନ୍ ସହ ହାତରେ ପ୍ଲାକାର୍ଡ ନେଇ ଅଂଶଗ୍ରହୀମାନେ କଲେଜ୍ କ୍ୟାମ୍ପସ୍ ଏବଂ ନିକଟସ୍ଥ ଅଞ୍ଚଳରେ ରାଲି କରି ସଚେତନତା ପ୍ରସାର କରିଥିଲେ।

ଅବସରରେ ପ୍ରଫେସର ଡା.ମହାପାତ୍ର କହିଥିଲେ ଯେ, ମାନବ ଓ ପଶୁ ସ୍ୱାସ୍ଥ୍ୟ ସହ ପରିବେଶର ସମ୍ବନ୍ଧକୁ ବୁଝି ସହଯୋଗୀ ଯୋଜନା ଦ୍ୱାରା ରୋଗ ପ୍ରତିରୋଧ ସମ୍ଭବ। ଡା.ବିଶ୍ୱାସ ଓ ଡା.ରୌତରାୟ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରି ସେମାନଙ୍କୁ ଏହିପରି ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ନିୟମିତ ଅଂଶଗ୍ରହଣ ପାଇଁ ଉତ୍ସାହିତ କଲେ।

ୱାନ୍ ୱାର୍ଲ୍ଡ ୱାନ୍ ହେଲଥ ମାସ ଉପଲକ୍ଷେ, ବିଭାଗ ପକ୍ଷରୁ ଏକ ଶୃଙ୍ଖଳାବଦ୍ଧ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, କୁଇଜ୍ ପ୍ରତିଯୋଗିତା, ସିଏମ୍‌ଇ (ସିଏମଇ), ରିଲ୍ ପ୍ରତିଯୋଗିତା ଏବଂ ଫୋଟୋଗ୍ରାଫି ପ୍ରତିଯୋଗିତା। କେନ୍ଦୁଝର ଜିଲ୍ଲାର ସମସ୍ତ ଏଲାଇଡ୍ କଲେଜ୍‌ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉତ୍ସାହିତ କରାଯାଉଛି। ଇଚ୍ଛୁକ କଲେଜ୍‌ମାନେ ଡା. ଶ୍ରାବଣୀ ଓ ଡା. ପ୍ରଜ୍ଞାନଙ୍କ ସହିତ ସଂଯୋଗ ସାଧନ କରିପାରିବେ । ଶେଷରେ ଅଂଶଗ୍ରହଣକାରୀ 'ୱାନ୍ ହେଲ୍ଥ, ୱାନ୍ ଫ୍ୟୁଚର୍'ର ଶପଥ ନେଇ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

## ସାକ୍ଷୀଗୋପିନାଥଙ୍କ ଲକ୍ଷ୍ମୀନାରାୟଣ ବେଶ ଓ ରାଧାଙ୍କ ସୁନାବେଶ

**ସାକ୍ଷୀଗୋପାଳ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ, କାର୍ତ୍ତିକ ବଡ଼ ଏକାଦଶୀ ତଥା ଦେବ ଉତ୍ଥାପନ ଏକାଦଶୀ ତିଥି, ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ସହିତ ଶ୍ରୀରାଧାଙ୍କ ସୁନାବେଶ ଦର୍ଶନ ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଛି। ମନ୍ଦିର ବେଢାରେ ଠାକୁରଙ୍କ ଭୋଗଲାଗି କରିବାକୁ ଚୁଡାଘସା ମହକ ଏବଂ ଶହ ଶହ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମରେ ଆଧ୍ୟାତ୍ମିକମୟ ପରିବଶ ସୃଷ୍ଟି ହୋଇଥିଲା ।

ପୂର୍ବ ରାତ୍ର ୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ଲକ୍ଷ୍ମୀ ନାରାୟଣ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୁପ ଓ ଆଳତି ଦେବନୀତି ପରେ ସକାଳ ୬ଟାରୁ ସାହଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଭିଡ ଲଗାଇଥିଲେ। ଏକାଦଶୀର ଭିଡ ନିୟନ୍ତ୍ରଣ କରିବା ନିମନ୍ତେ ମନ୍ଦିର ସମ୍ମୁଖରେ କରାଯାଇଥିବା ଛାୟାପ୍ରଦ ବାରିକେଟ ମଧ୍ୟରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡି ଲଗାଇଥିବା ଦେଖାଯାଇଥିଲା। ନୁଆଚୁଡାରେ ଚୁଡାଘସା, ଖିର କଦଳୀ ଚକଟା ପ୍ରସ୍ତୁତ କରି ଠାକୁରଙ୍କୁ ଅର୍ପଣ କରିବା ସହ ଦଳଦଳ ହୋଇ ଲୋକେ ପ୍ରସାଦ ସେବନ କରିଥିଲେ।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଆରକ୍ଷୀ ଅଧିକ୍ଷକ ପ୍ରତିକୀ ସିଂ, ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସହକାରୀ ଦେବୋତ୍ତର ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର, ଅତିରିକ୍ତ ଏସ୍‌ପି ଏସଡିପିଓ, ଦେବାଶିଷ ମିଶ୍ର, ବିଡ଼ିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷେ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର, ଓମ୍ ପ୍ରକାଶ ପରିଡ଼ା, ସତ୍ୟବାଦୀ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଥାନା ଆଇଆଇସି ବିଜୟ କେତନ ବେହେରା, ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ, ଡ଼ିଆଇପିଆରଓ ସନ୍ତୋଷେ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ହେମନ୍ତ ବେହେରା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସେବାୟତ ସଂଘ ସଭାପତି ବିଜୟ ମହାପାତ୍ର, ସଂପାଦକ ପ୍ରତାପ କୁମାର ମହାପାତ୍ର ଓ ଉପସଭାପତିଙ୍କ ସହିତ ସମସ୍ତ ସଦସ୍ୟ, ବରିଷ୍ଠ ସେବାୟତ ଓ କର୍ମକର୍ତ୍ତା, ବୃନ୍ଦ ଉପସ୍ଥିତ ରହି ଶୃଙ୍ଖଳିତ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସେଇପରି ସଂଧ୍ୟା ସମୟରେ ସଂସ୍କୃତିକ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପାଣି, ଖାଦ୍ୟ ବଣ୍ଟନ କରାଯାଇଛି।

## ଜଗନ୍ନାଥଙ୍କ ପାଖରେ ଭକ୍ତଙ୍କ ଭିଡ଼



**ଖଲ୍ଲିକୋଟ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ଦ୍ୱିତୀୟ ବୃହତ୍ତମ ଜଗନ୍ନାଥ ମନ୍ଦିର ଖଲ୍ଲିକୋଟ ଠାରେ ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ରବିବାର ଦେବୋତ୍ଥାପନୀ ବଡ ଏକାଦଶୀ ଠାରୁ ଅଶୁଦ୍ଧ କାଳ ଓ ଚାତୁର୍ମାସିଆ ସରୀ ସୁଦ୍ଧ କାଳ ଓ ଶୁଭ କାର୍ଯ୍ୟ ଏ ବର୍ଷ ପାଇଁ ଆରମ୍ଭ ହେଉଛି। ଏହା ହିନ୍ଦୁ ଧର୍ମର ଏକ ବଡ ପର୍ବ। ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରରେ ସଖାଳ ଭୋର ୫ଘଣ୍ଟା ଠାରୁ ହଜାର ହଜାର ଭକ୍ତଙ୍କ ଭିଡ଼ ପ୍ରାୟ ଦିନ ୨ଘଣ୍ଟା ପର୍ଯ୍ୟନ୍ତ ଲାଗିରହିଥିଲା। ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ, ବେଗୁନିଆପଡା, ପୁରୁଷୋତ୍ତମପୁର, ଗଞ୍ଜାମ, ଛତ୍ରପୁର, କବିସୂର୍ଯ୍ୟନଗର, ଆସ୍କା, ଧରାକୋଟ ବ୍ଲକର ଜଗନ୍ନାଥ ପ୍ରେମୀମାନଙ୍କ ଦର୍ଶନ ପାଇଁ ଗହଳି ଚାଲିଥିଲା ବେଳେ ପୋଡସି ଖୋର୍ଦ୍ଧା ଜିଲ୍ଲାର ଚିଲିକା ଓ ବାଣପୁର ବ୍ଲକର ଭକ୍ତମାନେ ଜଗନ୍ନାଥ ଦର୍ଶନପାଇଁ ଭିଡ଼ ଜମାଇଥିଲେ। ରାଜ୍ୟ ରାଜପଥର ଦୁଇ ପଟରୁ ପ୍ରାୟ ଦୁଇ କିଲୋମିଟର ରାସ୍ତା ଆଶାତୀତ ଯାନବାହାନ (ଅଟୋ, ମଟର ସାଇକେଲ) ଦ୍ୱାରା ଦୁଇ ପାଖ ଯାମ ହୋଇଯାଇଥିଲା। ସ୍ଥାନୀୟ ଖଲ୍ଲିକୋଟ ଥାନା ଅଧିକାରୀ ଓ ଷ୍ଟାପମାନେ ସହଯୋଗ କରି ଟ୍ରାଫିକ ସମସ୍ୟା ଦୁରକରୀ, ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଯାହା ଫଳରେ ଭକ୍ତମାନେ ବିନା ଅଘଟଣରେ ଜଗନ୍ନାଥ ଦର୍ଶନ କରି ଫେରିଥିଲେ।

## ବହୁ ଚର୍ଚ୍ଚିତ ସଲମନ ରାଉତ ହତ୍ୟାକାଣ୍ଡ

# ୮ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଢେଙ୍କାନାଳ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବହୁ ଚର୍ଚ୍ଚିତ ଢେଙ୍କାନାଳ ତରଭା ସଲମନ ରାଉତ ହତ୍ୟାକାଣ୍ଡ ମାମଲାର ଢେଙ୍କାନାଳ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ମୋଟ ୧୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୮ଜଣଙ୍କୁ ଆଜୀବନ କାରାଦଣ୍ଡ ଓ ପ୍ରତେକଙ୍କୁ ୨୦ହଜାର ଟଙ୍କା ଜୋରିମାନା ଦଣ୍ଡ ଦିଆଯାଇଛି। ମାମଲାରେ ଅନ୍ୟ ୬ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଗତ ୨୦୧୭ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତରଭା ପଞ୍ଚାୟତ ସରପଞ୍ଚ ନିର୍ବାଚନକୁ ନେଇ ଘଟିଥିଲା ଏହି ହତ୍ୟାକାଣ୍ଡ। ଗତ ୪.୨.୨୦୧୭ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ତରଭା ଗ୍ରାମର ଗୋଡି ସାହି ଠାରେ ପୋଷ୍ଟର ଚିରାକୁ ନେଇ ବିବାଦରୁ ବିଜେପି ଯୁବନେତା ତରଭା ଗ୍ରାମର ସଲମନ ରାଉତଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ୮ବର୍ଷ ବିତିଯାଇଛି। ତେବେ ଜିଲ୍ଲା ଦୌରାଜଜ୍‌ଙ୍କ ରାୟ ଘୋଷଣା ମୁତାବକ ଏହି ହତ୍ୟାକାଣ୍ଡରେ ୩୬ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ରାୟ ଘୋଷଣା କରାଯାଇଛି। ସେତେବେଳର ତରଭା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ କୁଳମଣି ରାଉତ, ସ୍ଥାନୀୟ ସାଂକୁଳେଇ ପଚାୟତର ସମିତି ସଭ୍ୟ ହୃଦାନନ୍ଦ ବିଶ୍ୱାଳ, ବ୍ୟମକେଶ ବିଶ୍ୱାଳ, ତ୍ରୟମ୍ବକ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ ଓ ଦେବେନ୍ଦ୍ର ସ୍ୱାଇଁ ଏପରି ୮ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜିବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ବ୍ୟତୀତ ପ୍ରମାଣ ଅଭାବରୁ ଅଭିଯୁକ୍ତ ସଞ୍ଜୟ ବିଶ୍ୱାଳ, ଗଦାଧର ବିଶ୍ୱାଳ, ରାଜେନ୍ଦ୍ର ବେହେରା, ଅଜିତ ମଲ୍ଲିକ, ବିଜୁ ମଲ୍ଲିକ ଓ ଚିତରଞ୍ଜନ ବିଶ୍ୱାଳଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି ବୋଲି ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ପ୍ରଣବ ପ୍ରକାଶ ରାଉତରାୟ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଏହି ହତ୍ୟାକାଣ୍ଡ ପରେ ଜଣେ ବିଜେପି ଯୁବନେତାଙ୍କୁ ଗୁଳିକରି ହତ୍ୟା କରାଯାଇଥିବାରୁ ବ୍ୟାପକ ଉତ୍ତେଜନା ପୋଡାଜଳା ହୋଇ ରାଜ୍ୟରେ ବେଶ ଚର୍ଚ୍ଚାକୁ ଆସିଥିଲା।

## ବୁଲା ଗାଇଗୋରୁ, ଷଣ୍ଢ ଓ କୁକୁର ରାସ୍ତା ଅବରୋଧ ଯୋଗୁ ବଢୁଛି ଦୁର୍ଘଟଣା

**ମାହାଙ୍ଗା:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା ସଡକରେ ବୁଲା ଗାଇଗୋରୁ, ଷଣ୍ଢ ଓ କୁକୁର ଅବରୋଧ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଅଛି । ବିଶେଷ କରି ସାଲେପୁର-ଛତିଆ, ବାଲିଚନ୍ଦ୍ରପୁର-ପାଗା, କୁଆଁପାଳ-ବରଅଠା, ବାଲିଚନ୍ଦ୍ରପୁର-ନୂଆହାଟ ଆଦି ପୂର୍ତ୍ତରାସ୍ତା ସହ ଗ୍ରାମ୍ୟ ଉନ୍ନୟନ ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ହୋଇଥିବା ରାସ୍ତା ଉପରେ ଦୈନନ୍ଦିନ ବୁଲା ଗାଇଗୋରୁ, ଷଣ୍ଢ ଓ କୁକୁର ରାସ୍ତା ଉପରେ ଅବାଧରେ ଚଲାବୁଲା କରିବା ସହ ଶୋଇ ରହି ଅବରୋଧ କରିବା ଦ୍ୱାରା ଯାତାୟତରେ ବାଧା ହେବା ସହ ଦୁର୍ଘଟଣାମାନ ଘଟୁଥିବା ନଜିର ରହୁଛି। ସେହିପରି ଗାଁ ଗହଳି ରାସ୍ତା ଉପରେ ଗାଇ, ଛେଳି ଆଦିକୁ ବେକରେ ପଘା ଲଗାଇ ଖୁଣ୍ଟ ପୋତି ରାସ୍ତା ଅବରୋଧ କରୁଥିବାରୁ ଅନେକ ସମୟରେ ଦୁଇ ଚକିଆ ଯାନ ପଘାରେ ଲାଗିଯାଇ ଦୁର୍ଘଟଣା ମାନ ଘଟୁଛି। ଏପରିକି ସେମାନଙ୍କ ମଳ, ମୂତ୍ର ରାସ୍ତା ଜମା ହେବାରୁ ଚକା ସ୍ଲିପ କରି ଆରୋହୀ ପଡି ଗୁରୁତର ଆହତ ହେଉଥିବା ଜଣାଯାଇଛି । ତେଣୁ ପ୍ରଶାସନ ପକ୍ଷରୁ ଏହି ସବୁ ସ୍ଥାନରେ ରହୁଥିବା ବୁଲା ଗାଇଗୋରୁ, ଷଣ୍ଢ ଓ କୁକୁରକୁ ଏକ ନିରାପଦ ସ୍ଥାନରେ ରଖିବାକୁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲାସ୍ତରୀୟ ମଡେଲ ପର୍ଲିଆମେଣ୍ଟ



**ଜଗତସିଂହପୁର:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାର ୧୦ଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ମଡେଲ ପାଲ୍ୟାମେଣ୍ଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ମନୋଜ କୁମାର ମିଶ୍ର, ଲକ୍ଷ୍ମୀଧର ପ୍ରଧାନ ଓ ଶିକ୍ଷକ ତ୍ରିଲୋଚନ ସାହୁ ବିଚାରକ ଭାବରେ ଯୋଗଦେଇ ୨ଜଣ ଛାତ୍ରୀଙ୍କୁ ଶ୍ରେଷ୍ଠ ବକ୍ତା ଭାବରେ ମନୋନୀତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦଘାଟନ କରିଥିବା ବେଳେ ସମସ୍ତ ୧୦ଟି ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍ଗ ଦର୍ଶନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ଓ ଅଭିଭାବକ ବୃନ୍ଦ ଯୋଗ ଦେଇଥିଲେ। ଡିଜିଟାଲ ଲର୍ଣ୍ଣ ଉପରେ ଶାସକକୁ ସମଗ୍ର ମଶିକ୍ଷା ସଂଯୋଜକ ଚନ୍ଦ୍ରଜିତ ପରିଜା ପରିଚାଳନା କରିଥିଲେ ଓ ମଧୁସ୍ମିତା ପାଟି, ବିଇଓ, ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଡଭାର ଗ୍ରାମରେ ବାବା ଐଶାନେଶ୍ୱରଙ୍କ ଜନ୍ମବାର୍ଷିକ ଉତ୍ସବ

**ଗୋପ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗ୍ରାମରେ ଦିର୍ଘ ୧୦ ବର୍ଷ ଧରି ଆରାଧ୍ୟ ଦେବତା ବାବା ଐଶାନେଶ୍ୱରଙ୍କ ଜନ୍ମ ବାର୍ଷିକ ପାଳନ କରାଯାଉଛି। ଚଳିତବର୍ଷ ଗ୍ରାମର ସଭାପତି ଜିତେନ୍ଦ୍ରିୟ ବେହେରାଙ୍କ ନେତୃତ୍ୱ ରେ ଉକ୍ତ ଜନ୍ମଉତ୍ସବ ମହାଆଡମ୍ବରେ ପାଳନ କରାଯାଇଛି। ଗ୍ରାମର ଲୋକକଳା, ସଂସ୍କୃତି ଓ ଐତିହ୍ୟକୁ ଗ୍ରାମବାସୀମାନଙ୍କ ତରଫରୁ ବିଭିନ୍ନ ସଂକିର୍ତ୍ତନ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଦୁଇ ଦିନ ଧରି ଏହି ଜନ୍ମ ଉତ୍ସବରେ ବିଭିନ୍ନ ଅଞ୍ଚଳର ସଂକିର୍ତ୍ତନ ମଣ୍ଡଳୀ ସେମାନଙ୍କ କଳାନୈପୁଣ ପ୍ରଦର୍ଶନ କରିଥିଲେ। ଗ୍ରାମର ଭାଇଚାରା ଓ ଏକତା ତଥା ବିକାଶ ପାଇଁ ଗ୍ରାମବାସୀମାନେ ସମୁହ ସପଥ



ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ସୁରଭୀ ଭାବରେ ନିରଞ୍ଜନ ବରାଳ, ଦାଶରଥୀ ସାହୁ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବାହାରୁ ଆସିଥିବା କଳାକାରମାନଙ୍କୁ ଗ୍ରାମର ସଭାପତି ଜିତେନ୍ଦ୍ରିୟ ବେହେରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ରୋଟାରୀ କ୍ଲବ୍ ତରଫରୁ ଶିକ୍ଷକ ସମ୍ବର୍ଦ୍ଧନା



**ବେତନଟୀ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ରୋଟାରୀ କ୍ଲବ୍ ଦ୍ୱାରା ବର୍ଷବ୍ୟାପୀ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ଅଂଶ ବିଶେଷ ଭାବେ ରବିବାର ବେତନଟୀର ବନ୍ଧନ କଲ୍ୟାଣ ମଣ୍ଡପଠାରେ ନଅ ଜଣ କୃତୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଷ୍ଟ୍ର ନିର୍ମାଣରେ ଅଂଶୀଦାର ହୋଇଥିବା ବଛାବଛା ଶିକ୍ଷକମାନଙ୍କୁ ଏକ କମିଟି ମାଧ୍ୟମରେ ନିର୍ବାଚନ ଏଥିପୂର୍ବରୁ କରାଯାଇଥିଲା। ଏଥିନିମନ୍ତେ ଅନୁଷ୍ଠିତ ସଭାରେ ରୋଟାରିଆନ ସଭାପତି ଗିରିଧାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସହକାରୀ ଗର୍ଭର୍ଣ୍ଣର ଡାକ୍ତର ଦିପ୍ତୀମୟୀ ମହାପାତ୍ର, ପୂର୍ବତନ ଚାଟାର୍ଡ ସଭାପତି ଶୈଳେନ୍ଦ୍ର ଖଣ୍ଡେଲୱାଲ, ରୋଟାରିଆନ ରବୀନ୍ଦ୍ରନାଥ ମିଶ୍ର ସମ୍ପାଦକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ ଓ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚପରିଚାଳନା କରିଥିଲେ, ରୋଟାରିଆନି ଅରୁଣ କୁମାର ଓତା। ମଞ୍ଚାସୀନ ଅତିଥିଙ୍କ ସମେତ ନିମନ୍ତ୍ରିତ ପ୍ରଧାନଶିକ୍ଷକ ଅର୍ଜ୍ଜୁନ ସିଂହ , ଅଜିତ୍ କୁମାର ଜେନା, ଆଜିନୁନ ନିଶା, ଭବାନୀଶଙ୍କର ବାଗ, ପାର୍ବତୀ ବେଶ୍ରା, ବାସନ୍ତୀ ରାଉତ, ପ୍ରଶାନ୍ତ କୁମାର ନାୟକ ଦୟାନିଧି ମହାନ୍ତ, ନୀଳକଣ୍ଠ ଦାସଙ୍କୁ ରାଷ୍ଟ୍ର ନିର୍ମାଣ ପ୍ରମାଣପତ୍ର, ଉପଢୌକନ ଓ ଚାରାଗଛ ପ୍ରଦାନ କରାଯାଇଥିଲା।

## ଅବସରକାଳୀନ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

**ରାୟଗଡ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଆର୍‌ଏସ୍‌ଇ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ମୁଖ୍ୟବକ୍ତା ଭାବେ ଶଶୀଭୂଷଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଅବସରକାଳୀନ ଗୋଷ୍ଠୀ ଶିକ୍ଷାଧିକାରୀ ଭିଭି ଭାସ୍କର ରାଓ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ଓ ଆୟୋଜକ ଇଶ୍ୱର ଟିମିଟି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକତା ଏକ ପବିତ୍ର ବୃତ୍ତି। ମଣିଷ ତିଆରି କାରଖାନାର କୌଶଳୀ ବିନ୍ଧାଣୀ। ଶିକ୍ଷା କ୍ଷେତ୍ରରେ ଗଠନମୂଳକ ପରିବର୍ତ୍ତନ ନିମନ୍ତେ ସମସ୍ତ ଶିକ୍ଷକଙ୍କୁ କର୍ତ୍ତବ୍ୟନିଷ୍ଠ ହେବାସହ ସମାଜରେ ଏକ ଉଦାହରଣ ସୃଷ୍ଟି କରିବାକୁ ଅତିଥିବୃନ୍ଦ ଉତ୍ସାହିତ କରିଥିଲେ। ଏହି ଅବସରରେ ଛୟାଳିଶି ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମକୁ ସସ୍ମିତା ମିଶ୍ର ସଂଯୋଜନାକରିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଶିକ୍ଷକ ଶ୍ରୀ ଇଶ୍ୱର ଟିମିଟି ଅନେକ ପ୍ରସଂଶା ସାଉଁଟିଛନ୍ତି।

## ଶିକ୍ଷକମାନଙ୍କୁ ଉପଯୁକ୍ତ ସୁବିଧା ନ ଯୋଗାଇ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବାକୁ ବାଧ୍ୟକରିବା ଯୁକ୍ତିଯୁକ୍ତ ନୁହେଁ : ସମନ୍ୱୟ ସମିତି

**କଟକ:୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଉପଯୁକ୍ତ ସୁବିଧା ନ ଯୋଗାଇ ବିଦ୍ୟାଳୟସ୍ତରରେ ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଲାଗୁକରିବା କେତେ ଯୁକ୍ତିଯୁକ୍ତ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ଇତ୍ୟାଦି ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି।

ସୂଚନାଥାଉକି, ୟୁଏଏସ୍ ବ୍ୟବସ୍ଥା ମାଧ୍ୟମରେ ମୋବାଇଲ୍ ଫୋନ୍‌ରୁ ଡିଟେଲ ଡାଟା ତୃତୀୟ ପକ୍ଷକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ୟୁଏଏସ୍ ମାଧ୍ୟମରେ ତଥ୍ୟ ପ୍ରେରଣ ସମୟରେ ମୋବାଇଲ ହ୍ୟାକ୍ ହୋଇ ଆକାଉଣ୍ଟରୁ ଟଙ୍କା କଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହି ଆପ୍ ମାଧ୍ୟମରେ ମୋବାଇଲରେ ଥିବା ବ୍ୟକ୍ତିଗତ ଡାଟା କେତେ ସୁରକ୍ଷିତ ରହିପାରିବ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆପ୍ ଦ୍ୱାରା ନିଜର ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ପ୍ରଘଟ ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ସରକାର ସ୍ୱତନ୍ତ୍ର ମୋବାଇଲ ଫୋନ୍ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଯୋଗାଇ ଦେଇ ଏହାକୁ କାର୍ଯ୍ୟକାରୀ କଲେ ଏହା ଫଳପ୍ରଦ ହେବ। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ଏକ ବୃହତ୍ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି।

ରାଜ୍ୟସରକାର ବିଦ୍ୟାଳୟ ସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦୈନିକ ଉପସ୍ଥାନ ଏକ ନିର୍ଦ୍ଦିଷ୍ଟ ସମୟରେ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ପ୍ରଶ୍ନ ଉଠେ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ନାହିଁ। ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ପାଇଁ ମୋବାଇଲ୍, ଟାବଲେଟ୍ ଭଳି କୌଣସି ଭ୍ରାମ୍ୟ ଉପକରଣ ଯୋଗାଇ ଦେଇନାହାନ୍ତି। ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱାର୍କ ନଥିବାରୁ ଇଣ୍ଟରନେଟ୍ କାର୍ଯ୍ୟକାରୀ କରିବା ଦୂରୁହ ବ୍ୟାପାର। ସେହିପରି ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି। ବିଦ୍ୟାଳୟ ଗୁଡ଼ିକ ଶିକ୍ଷକ ଶୂନ୍ୟ ହୋଇଗଲାଣି। ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାଁନ୍ତି। ଏହା ସହିତ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏମ୍‌ଡିଏମ୍, ଉଲ୍ଲାସ ଭଳି ଅନ୍ୟାନ୍ୟ ଅଣଶୈକ୍ଷିକ କାର୍ଯ୍ୟରେ ସରକାର ବାରମ୍ବାର ନିୟୋଜନ କରୁଛନ୍ତି। ଶିକ୍ଷକମାନଙ୍କୁ ପ୍ରଥମେ ଏହିସବୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରାଯାଉ। ଇଣ୍ଟରନେଟ୍ ସୁବିଧା ନଯୋଗାଇ କିମ୍ବା ସେଥିନିମନ୍ତେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ନକରି ଏବଂ ସର୍ବୋପରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରିବାଦ୍ୱାରା ଶିକ୍ଷକମାନେ ମାନସିକସ୍ତରରେ ଚାପଗ୍ରସ୍ତ ହେବା ସହିତ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ କୁହାଯାଇଛି। ଓଷ୍ଟା, ଅଲୋଷ୍ଟା, ସଂସ୍କୃତ ଟୋଲ୍, ମଦ୍ରାଶା, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ସମସ୍ତ ପ୍ରାଥମିକ ଶିକ୍ଷକ ସଂଗଠନ ମାନଙ୍କ ସହିତ ବିଚାର ବିମର୍ଷ ଓ ଆଲୋଚନା ନକରି ଏହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରୁ ସରକାର କ୍ଷାନ୍ତ ହୁଅନ୍ତୁ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେଉଁ ମସୁଧା ଚଳାଇଛନ୍ତି ସେଥିପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ସରକାର ଅନ୍ୟାନ୍ୟ ବର୍ଗର କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରୁଥିଲା ବେଳେ ଶିକ୍ଷକମାନେ ସେହିସବୁ ସୁବିଧାରୁ ବଞ୍ଚିତ ରହିଛନ୍ତି। ୟୁଏଏସ୍ ଯୋଜନା କାର୍ଯ୍ୟକାରୀ କରାଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାନା ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବେ। ସରକାର ପ୍ରଥମେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତାରତମ୍ୟ ଦୂର କରନ୍ତୁ ଓ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ସହ ସମସ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରି ଏହାକୁ ଲାଗୁ କରନ୍ତୁ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ପ୍ରତାରଣାର ଶିକାର ହୋଇ ନବମ ଶ୍ରେଣୀ ଛାତ୍ରୀର ଆତ୍ମହତ୍ୟା

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରେମ ସମ୍ପର୍କର ଜାଲ୍ ନେଇଥିବା ଏକ ଦୁଃଖଦ ଘଟଣା ଯାଜପୁର ଥାନା ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଘଟିଛି। ପ୍ରେମିକଙ୍କ ବ୍ଲାକମେଲ ଓ ଧମକ ବାଗରେ ଜଣେ ୧୫ ବର୍ଷୀୟା ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ଉଠିଛି। ଘଟଣାରେ ମୃତା ହେଉଛନ୍ତି ପଙ୍କପାଳ ଗ୍ରାମର ମାମୁନି (୧୫-ଛଦ୍ମନାମ)। ସେ ବାଣୀପାଣି ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଥିଲେ। ମାମୁନି ଶନିବାର ସ୍କୁଲରୁ ଫେରି ଖାଇସାରି ଘରେ ପଡାଘରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଅପରାହ୍ଣରେ ଘରଲୋକ ଦେଖିଥିଲେ କବାଟ ଖୋଲୁନାହିଁ। ପରେ କବାଟ ଭାଙ୍ଗି ଭିତରେ ପ୍ରବେଶ କରି ମାମୁନିଙ୍କୁ ଫେନରେ ପଙ୍ଖାରେ ଝୁଲିଥିବା ଅବସ୍ଥାରେ ଦେଖିଥିଲେ। ଘଟଣା ଦେଖି ଘରେ ହାହାକାର ସୃଷ୍ଟି ହୋଇଥିଲା।

ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ, ନାଗନାଥିଦେଇପୁର ଶାସନ ଗ୍ରାମର ରବିନ୍ଦ୍ର ବିଶ୍ୱାଳଙ୍କ ପୁଅ ସୋନୁ ବିଶ୍ୱାଳ (୧୯) ମାମୁନିଙ୍କୁ ଦୀର୍ଘ ଦିନ ଧରି ହଇରାଣ କରୁଥିଲେ। ସେ ଝିଅ ସ୍କୁଲକୁ ଯିବା ସମୟରେ ତାଙ୍କ ଫୋଟୋ ଓ ଭିଡିଓ ଉତ୍ତୋଳନ କରି ସେଗୁଡିକୁ ବିଭିନ୍ନ ଆପରେ ଭାଇରାଲ କରିଦେବା ଧମକ ଦେଇ ଭୟଭୀତ କରୁଥିଲେ। ପୋଲିସ ତଥ୍ୟ ଅନୁସାରେ, ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ ମିଳିଛି। ଯେଉଁଥିରେ ମାମୁନି ଲେଖିଥିବା ଜଣାପଡିଛି, ଯେଉଁଠି ସେ ସୋନୁଙ୍କ ବାରମ୍ବାର ଧମକ ଓ ଫୋଟୋ ଭାଇରାଲ ଚାପ ଦେଇ ଆତ୍ମହତ୍ୟା କରିଥିବା ଉଲ୍ଲେଖ ଅଛି। ତଥାପି ସେହି ଚିଠିରେ ମାମୁନିଙ୍କ ଦସ୍ତଖତ ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପରିବାର ଅଭିଯୋଗ ଉପରେ ଯାଜପୁର ଥାନା ପୋଲିସ କେସ ନଂ-୧୬୭୩/୨୫ ଅନୁଯାୟୀ ଧାରା ୧୦୮, ୩୫୧(୨) ବି.ଏନ୍.ଏସ୍. ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଅଧିକାରୀ ରବିନ୍ଦ୍ର ପ୍ରଧାନ ଜଣାଇଛନ୍ତି ସେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଅନୁସନ୍ଧାନ କରିଛି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ସୋନୁ ବିଶ୍ୱାଳଙ୍କ ଘରେ ତାଲା ଲାଗିଥିବା ଏବଂ ସେ ଏପର୍ଯ୍ୟନ୍ତ ଫେରାର ଅଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ। ଏହି ଘଟଣା ନେଇ ଅଞ୍ଚଳରେ ଉତ୍ତାର ଶୋକ ଓ ଅସନ୍ତୋଷ ପ୍ରକାଶ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତ ବିରୋଧରେ ଶୀଘ୍ର ଗିରଫ ଓ କଠୋର ଶାସ୍ତି ଦାବି କରୁଛନ୍ତି।

## ଏମସିଏଲକୁ କୋଲ୍ ଇଣ୍ଡିଆର ୮ ପୁରସ୍କାର




**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ କୋଲ୍ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ମୋଟ ଆଠଟି କୋଲ୍ ଇଣ୍ଡିଆ ପୁରସ୍କାର ପାଇଛି, ଯେଉଁଥିରେ ଛଅଟି କର୍ପୋରେଟ୍ ଏବଂ ଦୁଇଟି ବ୍ୟକ୍ତିଗତ ପୁରସ୍କାର ଅନ୍ତର୍ଭୁକ୍ତ।

କୋଲ୍ ଇଣ୍ଡିଆର ୫୧ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ କୋଲ୍ ଇଣ୍ଡିଆ ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଏମସିଏଲ କର୍ପୋରେଟ୍ ସୁରକ୍ଷା, କର୍ପୋରେଟ୍ ପ୍ରଦର୍ଶନ ଏବଂ ଆଇସିସିସି ଏବଂ ଆଇଟି ପଦକ୍ଷେପର ସମନ୍ୱୟ ପାଇଁ ତିନୋଟି ପ୍ରଥମ ପୁରସ୍କାର ପାଇଛି, ସହିତ ଭୂମି ଅଧିଗ୍ରହଣ ଏବଂ ପୁନର୍ବାସ, ସ୍ୱଚ୍ଛତା ପଖୱାଡା ଏବଂ ଷ୍ଟାର ରେଟିଂ – ଶ୍ରେଷ୍ଠ ପ୍ରଦର୍ଶନକାରୀ ସହାୟକ ବିଭାଗରେ ତିନୋଟି ଦ୍ୱିତୀୟ ପୁରସ୍କାର ପାଇଛି।

ଏହି ସଫଳତାଗୁଡ଼ିକୁ ପୂରଣ କରିବା ପାଇଁ, ଏମସିଏଲ ଦୁଇଟି ବ୍ୟକ୍ତିଗତ ଉତ୍କର୍ଷତା ପୁରସ୍କାର ମଧ୍ୟ ପାଇଛି। ଏ.କେ. ଧଳ, ଆଞ୍ଚଳିକ ମହାପ୍ରବନ୍ଧକ (ଜଗନ୍ନାଥ କ୍ଷେତ୍ର)ଙ୍କୁ ଶ୍ରେଷ୍ଠ ଆଞ୍ଚଳିକ ମହାପ୍ରବନ୍ଧକ ଭାବରେ ସମ୍ମାନିତ କରାଯାଇଥିଲା, ଏବଂ ଏ.କେ. ଲାକ୍ରା, ମହାପ୍ରବନ୍ଧକ (ମାର୍କେଟିଂ ଏବଂ ବିକ୍ରୟ), ଏମସିଏଲ ମୁଖ୍ୟାଳୟକୁ ଶ୍ରେଷ୍ଠ ବିଭାଗ ମୁଖ୍ୟ ଭାବରେ ସମ୍ମାନିତ କରାଯାଇଥିଲା।

ଉଦୟ ଅନନ୍ତ କାଓଲେ, ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ, ଏହି ପୁରସ୍କାର ସଫଳତା ପାଇଁ ଏମସିଏଲ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି, 'ଏହି ମାନ୍ୟତା ଏମସିଏଲର ଉତ୍ସର୍ଗୀକୃତତା ଏବଂ ଦଳଗତ କାର୍ଯ୍ୟର ପ୍ରମାଣ ଏବଂ ଏହା ସ୍ମରଣ କରାଉଛି ଯେ ଆମ ପାଖରେ ଶିଳ୍ପ ନେତୃତ୍ୱ ବଜାୟ ରଖିବା ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଆସନ୍ତୁ ଏହି ସଫଳତାକୁ ପାଳନ କରିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଉଚ୍ଚ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରେରଣା ପାଇବା।'

## ଜନ୍ମ ମାଟିରେ ପହଞ୍ଚିଲା ମୃତ ଯବାନଙ୍କ ପାର୍ଥିବ ଶରୀର



**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ-ପାକିସ୍ତାନ ସୀମା ଜମ୍ମୁ ଅଖନୁର ସେକ୍ଟର କ୍ୟାମ୍ପରେ ସୈନିକ ଭାବେ କାର୍ଯ୍ୟରତ ଯାଜପୁର ଜିଲା ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ଖଣ୍ଡରା ଗ୍ରାମର ରବୀନ୍ଦ୍ର ଦାସଙ୍କ ପୁଅ ଚିତ୍ତରଞ୍ଜନ ଦାସ ଓରଫ ପିଣ୍ଟୁ(୩୨)ଙ୍କର ଗତ ୩୦ତାରିଖ ସକାଳେ ସେନା କ୍ୟାମ୍ପରେ ଅନୁଷ୍ଠିତ ଶାରୀରିକ ଫିଟ୍‌ନେସ ଅଭ୍ୟାସ ବେଳେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିଲା। ୩୧ ତାରିଖ ଅପରାହ୍ଣରେ ଜମ୍ମୁରୁ ସ୍ୱତନ୍ତ୍ର ବିମାନରେ ମୃତ ଯବାନଙ୍କ ପାର୍ଥିବ ଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ବିମାନ ବନ୍ଦରରେ ଉପସ୍ଥିତ ଉଚ୍ଚ ସେନା ଅଧିକାରୀ ଏବଂ ମୃତ ଯବାନ ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କ ଗହଣରେ ପାର୍ଥିବ ଶରୀରକୁ ଭୁବନେଶ୍ୱର ସେନା କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ସେନା ବାହିନୀର ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ଗାର୍ଡ୍ ଅଫ୍ ଅନର ଦିଆଯାଇଥିଲା। ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଯବାନଙ୍କ ପାର୍ଥିବ ଶରୀରକୁ ଯାଜପୁରକୁ ରାତ୍ର ୧୧ ଟା ସମୟରେ ଅଣାଯାଇ ଜିଲା ପ୍ରଶାସନର ଅନୁମତି କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟର ଶୀତ ତାପ ନିୟନ୍ତ୍ରଣ ଗୃହରେ ରଖାଯାଇଥିଲା। ଶନିବାର ସକାଳ ୮ ଘଟିକା ସମୟରେ ଏକ ବିରାଟ ଶୋଭାଯାତ୍ରାରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଖଣ୍ଡରା ସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ଜନ୍ମ ମାଟିରେ ଯବାନ ଚିତ୍ତ ରଞ୍ଜନଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହିତ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁ ଦାଣ୍ଡ। ପରିବାରବର୍ଗ, ବନ୍ଧୁପରିଜନ ସମସ୍ତେ ଚିତ୍ତରଞ୍ଜନଙ୍କ ମୃତ ଶରୀରକୁ ଦେଖିବା କ୍ଷଣି କ୍ରନ୍ଦନର ସୁଅ ଛୁଟିଥିଲା। ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲାପାଳ ଅମ୍ବର କୁମାର କର, ଏସ୍‌ପି ଯଶପ୍ରତାପ ଶ୍ରୀମାଲ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯବାନଙ୍କ ମର ଶରୀରକୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଯବାନଙ୍କ ମର ଶରୀର ନିକଟରେ ଯାଜପୁର ପୁଲିସ ପକ୍ଷରୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହାପରେ ମୃତ ଚିତ୍ତରଞ୍ଜନଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଖଣ୍ଡରା ଗ୍ରାମ ବୁଲାଯାଇ ଗାଁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ସେନାବାହିନୀ ପକ୍ଷରୁ ଯବାନଙ୍କ ମର ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ତୋପ ସଲାମୀ ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁତୁରା ମୁଖାଗ୍ନି ପ୍ରଦାନ କରିଥିଲେ। ବୀର ଯବାନ ଅମର ରହେ, ସହିଦ ଚିତ୍ତରଞ୍ଜନ ଅମର ରହେ ନାରାରେ ଖଣ୍ଡରା ଗ୍ରାମ ପ୍ରକମ୍ପିତ ହେଉଥିଲା।

# ପୁଣି ବିଜେପିକୁ ଯିବା ନେଇ ପ୍ରକାଶଙ୍କ ଇଶାରା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ରାଜନୀତିରେ ହଲଚଲ । ପୂର୍ବତନ ସାଲେପୁର ବିଧାୟକ ପ୍ରକାଶ ବେହେରା ବିଜେପିକୁ ଯିବା ନେଇ ପରୋକ୍ଷରେ ଇଶାରା ଦେଇଛନ୍ତି । ସରକାରୀ ଦଳ ପ୍ରତି ସମର୍ଥନ ଥିବା ପ୍ରକାଶ ବେହେରା କହିଛନ୍ତି । ବିଜେପି ପ୍ରତି ସମର୍ଥନ ରହିଥିବା ଇଶାରା ଦେଇଛନ୍ତି ପ୍ରକାଶ । ଗତ ନିର୍ବାଚନରେ ବାରବାଟୀ କଟକରୁ ବିଜେଡ଼ି ଟିକେଟରେ ଲଢ଼ି ପ୍ରକାଶ ନିର୍ବାଚନ ହାରିଥିଲେ। ପରେ ବିଜେଡ଼ିରୁ ପ୍ରକାଶ ବେହେରା ଇସ୍ତଫା ଦେଇଛନ୍ତି ।



ସାଲେପୁର ନିର୍ବାଚନ ମଣ୍ଡଳୀ ବିକାଶକୁ ନେଇ ଆକ୍ସନ ମୁଡ଼ରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା। ଚଳିତ ନିର୍ବାଚନରେ କଟକ ବାରବାଟୀରୁ ବିଜେଡ଼ି ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହେବା ପରେ ଦଳରୁ ସ୍ୱଇଚ୍ଛାରେ ପ୍ରକାଶ ଇସ୍ତଫା ଦେଇଥିଲେ। ହଜାର ହଜାର ସମର୍ଥକଙ୍କୁ ନେଇ ମନ୍ଥନ କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ପାଗା ଗୋଲଡେନ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ନିର୍ବାଚନ ମଣ୍ଡଳୀରେ ନେତୃତ୍ୱର ଅଭାବ ପାଇଁ ବିକାଶ ପଛେଇ ଯାଇଛି । ସାଲେପୁରକୁ ଆଗେଇ ନେବା ପାଇଁ ନିଜର ସମର୍ଥକଙ୍କୁ କାର୍ଯ୍ୟ କରିବାକୁ ପ୍ରକାଶ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କୁ ଭଲ ପାଉଥିବା ସାଲେପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ । ପଂଚାୟତ, ୱାର୍ଡ଼, ସରକାରୀ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସମୟ ଦେଇ ବିକାଶକୁ ଆଗେଇ ନେବା ସହ ଜନସାଧାରଣଙ୍କ ସେବା କରିବା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ମୋହନ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରିବା ସହ ସ୍ଥାନୀୟ ସାଂସଦଙ୍କ କାର୍ଯ୍ୟକଳାପକୁ ମଧ୍ୟ ପ୍ରଶଂସା କରିଥିଲେ । ସରକାରୀ ଅନୁଦାନ ଲୋକଙ୍କ ପାଖରେ ସତ ପ୍ରତିଶତ ପହଞ୍ଚିବା ଦରକାର । ସାଲେପୁର ଅଂଚଳରେ ବିକାଶକୁ ନେଇ ସେ ଖୁବ ଶିଘ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଥିଲେ । ସେ ଖୁବ ଶିଘ୍ର ବିଜେପିରେ ଯୋଗ ଦେବେ ବୋଲି ପରୋକ୍ଷରେ ସଂକେତ ଦେଇଛନ୍ତି । ଆଶା ବିଶ୍ୱାସ, ସେ ନିଜର ସମର୍ଥକଙ୍କର କେବେ ହରାଇବାକୁ ଦେବେନି । ସୋସିଆଲ ମିଡ଼ିଆରେ ନିନ୍ଦା ଅପବାଦକୁ କେବେ ପ୍ରଶୟ ଦେବେ ନାହିଁ ବୋଲି ପରୋକ୍ଷରେ ବିରୋଧୀଙ୍କୁ ସେ ଚେତାଇ ଦେଇଛନ୍ତି । ବିନା ଦଳରେ ରାଜନୀତି କରିହେବ, କିନ୍ତୁ ଗୋଟିଏ ରାଜନୀତି ଦଳରେ କାମ କରିବାକୁ ପଡ଼ିବ । ଖୋଲା ସମର୍ଥନ ଲୋଡ଼ିବା ସହ ନିଷ୍ପତ୍ତି ସମର୍ଥକଙ୍କର ବୋଲି ପ୍ରକାଶ କହିଥିଲେ ।

## ସାଇବର ସୁରକ୍ଷା ସଚେତନତା ୱାକାଥନ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳେ ଖୋର୍ଦ୍ଧା ପୁଲିସ ଦ୍ୱାରା "ସାଇବର ସୁରକ୍ଷା ସଚେତନତା ୱାକାଥନ୍" ଆୟୋଜିତ କରାଯାଇଥିଲା। ଯାହାର ଉଦ୍ଦେଶ୍ୟ ଥିଲା ନାଗରିକମାନଙ୍କ ମଧ୍ୟରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ, ମଡେଲ୍ ପୁଲିସ ଷ୍ଟେସନ୍ ମାର୍ଗରେ ଗତି କରି, ପୁନଃ ସେହି ସ୍ଥାନରେ ସମାପ୍ତ ହେଲା। ଖୋର୍ଦ୍ଧା ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଏହି ଅବସରରେ ଉପସ୍ଥିତ ହୋଇ ୱାକାଥନ୍‌କୁ ନେତୃତ୍ୱ ନେଇଥିଲେ ଓ ଅଂଶଗ୍ରହଣିମାନଙ୍କୁ ଡିଜିଟାଲ୍ ଜଗତରେ ସଚେତନ ଓ ସତର୍କ ରହିବା ପାଇଁ ପ୍ରେରିତ କରିଥିଲେ।

ପୁଲିସ କର୍ମଚାରୀ, ସିଭିଲ୍ ଅଧିକାରୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ସାଇବର ହାଇଜିନ୍, ଅନଲାଇନ୍ ଠକେଇ ପ୍ରତିରୋଧ ଓ ଦାୟିତ୍ୱପୂର୍ଣ୍ଣ ସୋସିଆଲ୍ ମିଡିଆ ବ୍ୟବହାର ବିଷୟରେ ସଚେତନତା ସନ୍ଦେଶ ସହ ପ୍ଲାକକାର୍ଡ ଧାରଣ କରି ସ୍ଲୋଗାନ୍ ଦେଇଥିଲେ। ଏହି ୱାକାଥନ୍ ଖୋର୍ଦ୍ଧା ପୁଲିସଙ୍କ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରିଛି। ଏକ ସୁରକ୍ଷିତ ଓ ସାଇବର ସଚେତନ ସମାଜ ଗଠନ ପାଇଁ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ପୁଲିସ ସୁଚାର ରୂପେ ପାଳନ କରିଥିଲେ।

## ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୪ ଦିନିଆ ଓଡ଼ିଶା ଗସ୍ତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ମାନବବାଦୀ, ଆଧ୍ୟାତ୍ମିକ ଗୁରୁ ଏବଂ 'ଆର୍ଟ ଅଫ୍ ଲିଭିଂ' ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ଆଜୀବନ ଅଧ୍ୟକ୍ଷ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଆସନ୍ତା ନଭେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାରି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ଓଡ଼ିଶା ସରକାର ତାଙ୍କୁ ରାଜ୍ୟ ଅତିଥିର ମାନ୍ୟତା ପ୍ରଦାନ କରିଛନ୍ତି। ତାଙ୍କର ଓଡ଼ିଶା ରହଣୀ ସମୟରେ ଗୁରୁଦେବ ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ସାମିଲ ହେବା ସହ ଅନ୍ୟାନ୍ୟ ବହୁ କାର୍ଯ୍ୟକ୍ରମରେ ଯୋଗଦେବେ। ନଭେମ୍ବର ୮ ତାରିଖ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ହଜାର ହଜାର ବିଦ୍ୟାର୍ଥୀଙ୍କୁ ପ୍ରେରଣା ଯୋଗାଇବେ। ଏହି ଅବସରରେ ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୬ ତାରିଖ ଗୁରୁବାର ଦିନ ଝାରସୁଗୁଡ଼ାରେ ଏକ ମହା ସତସଂଗ କାର୍ଯ୍ୟକ୍ରମରେ ଯୋଗଦାନ ସହ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ ଆରମ୍ଭ ହେବ। ତାଙ୍କ ରହଣୀ କାଳରେ ସେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିବାକୁ ଥିବା ଏସିଆ ମହାଦେଶର ସର୍ବପ୍ରଥମ 'ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନସନ୍'କୁ ଉଦଘାଟନ କରିବା ସହ ଓଡ଼ିଶା ରାଜ୍ୟ ଲୋକସେବା ଭବନରେ ଆୟୋଜିତ ବ୍ୟୁରୋକ୍ରାଟ୍ ସମ୍ମିଳନୀ "ବିକଶିତ ଓଡ଼ିଶା ୨୦୪୭-ଏଥିକ୍ସ ଇନ୍ ଗଭର୍ଣ୍ଣାନ୍ସ"କୁ ମଧ୍ୟ ସମ୍ବୋଧିତ କରିବେ। ଏଥିସହିତ ଗୁରୁଦେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ 'ନବୋନ୍ମେଷ' ଶୀର୍ଷକରେ ଏକ ପ୍ରଦର୍ଶନୀର ଉଦଘାଟନ କରିବେ, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା ସମେତ ବିଦ୍ୟାର୍ଥୀ ଓ ଅଧ୍ୟାପକମାନଙ୍କର ବହୁ ଶିକ୍ଷଣୀୟ, ଗବେଷଣାଧର୍ମୀ କୃତିସବୁ ସ୍ଥାନ ପାଇବ। ଖାଲି ସେତିକି ନୁହେଁ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଓ ଶିକ୍ଷା ଜଗତର ଶୀର୍ଷ ନେତୃତ୍ୱମାନଙ୍କ ପାଇଁ ଉଦ୍ଦିଷ୍ଟ କନକ୍ଲେଭ୍ 'ସଂକଳ୍ପ'କୁ ମଧ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଉଦଘାଟନ କରିବେ। ଇନଷ୍ଟିଚ୍ୟୁଟ୍ ଅଫ୍ ରିସ୍କ ମ୍ୟାନେଜମେଣ୍ଟ ସହ ମିଳିତ ଭାବରେ ଗଠିତ "ଶ୍ରୀ ଶ୍ରୀ ସେଣ୍ଟର ଫର୍ ଏଣ୍ଟରପ୍ରାଇଜ୍ ରିସ୍କ ମ୍ୟାନେଜମେଣ୍ଟ"କୁ ମଧ୍ୟ ଉଦଘାଟନ କରିବେ। ଏହାବ୍ୟତୀତ ବିଭିନ୍ନ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ଚୁକ୍ତି ସ୍ୱାକ୍ଷର (ଏମଓୟୁ) କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଏଗୁଡ଼ିକୁ ସମ୍ବୋଧିତ କରିବେ। ଆସନ୍ତା ୭ ତାରିଖ ସନ୍ଧ୍ୟାରେ ସର୍ବସାଧାରଣଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ମଧ୍ୟ ଏକ ଭବ୍ୟ ମହା ସତସଂଗର ଆୟୋଜନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ, ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସାନିଧ୍ୟ ପ୍ରାପ୍ତ ହୋଇ ଆଧ୍ୟାତ୍ମିକ ଶକ୍ତି, ପ୍ରେରଣା ଏବଂ ଆନ୍ତରିକ ସାନ୍ତ୍ୱନାର ଅନୁଭୂତି ସାଉଁଟିବେ ବୋଲି ବିଶ୍ୱବିଦ୍ୟାଳୟ ଲିଡରଶିପ୍ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।



## ଆରଏସ୍‌ଏସ୍ ପକ୍ଷରୁ ଯୁବ ସମାବେଶ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାର୍ଶାଘାଇ ଠାରେ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ସମ୍ମିଳନୀରେ ମାର୍ଶାଘାଇ, ମହାକାଳପଡ଼ା ଏବଂ ଗରଦପୁର ବ୍ଲକର ଶତାଧିକ ଯୁବକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ସହ ଜିଲ୍ଲା ସଂଘ ଚାଳକ ସଂଜ୍ଞୟ କୁମାର ପତ୍ରୀ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ସମାଜରେ ରାଷ୍ଟ୍ରର ସୁରକ୍ଷା ପାଇଁ ଯୁବକମାନଙ୍କ ଭୂମିକା ଏବଂ ଯୁବକମାନଙ୍କର ରାଷ୍ଟ୍ର ପାଇଁ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିବା ସହିତ ଭାରତର ଗୌରବମୟ ଇତିହାସ ବିଷୟରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକର୍ତ୍ତା ସୁରେଶ ଚନ୍ଦ୍ର ନାୟକ, ତ୍ରୀନାଥ ରାୟ, ପ୍ରଶନ୍ନଜିତ୍ ଦାସ, ପ୍ରିୟବ୍ରତ ପରିଡା, ସୁଲେଖ ଚନ୍ଦ୍ର ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବ୍ଲକ କାର୍ଯ୍ୟକର୍ତ୍ତା ରଜନୀକାନ୍ତ ନାୟକ, କାବୁଲି ରାଉତ, ବିଜୟ ରାଉତ, ତନୁଜ ଜେନା, ବିପିନ ବେହେରା, ମଣ୍ଟୁ ସିଂ, ହିମାଂଶୁ ଶେଖର ନାୟକ, ମନ୍ମଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱୟଂ ସେବକମାନଙ୍କ ଦ୍ୱାରା ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ବିଭିନ୍ନ ସେବା କାର୍ଯ୍ୟଗୁଡିକର ଫଟୋ ପ୍ରଦର୍ଶନୀ କରାଯାଇଥିଲା।

## ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ତ୍ତିକ ମାସର ପବିତ୍ର ଏକାଦଶୀ ତିଥିରେ ଖଣ୍ଡପଡ଼ା ସହରର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଲକ୍ଷ୍ମୀନାରାୟଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କର ଏହି ମନୋଲୋଭା ବେଶ ଦର୍ଶନ ନିମନ୍ତେ ସନ୍ଧ୍ୟା ଆଳତି ସମୟରେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କର ନୀତିକାନ୍ତି ଶେଷ ହେବା ପରେ ମନ୍ଦିରର ପୂଜକମାନେ ମହାପ୍ରଭୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ରାତି ୧୦ ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ତ୍ରିଲୋଚନେଶ୍ୱରଙ୍କ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ସଡାନ୍ଦ ପଂଚାୟତରେ ଗତ ଶୁକ୍ରବାରଠାରୁ ଓଁ ଶ୍ରୀ ଶ୍ରୀ ତ୍ରିଲୋଚନେଶ୍ୱର ମହାଦେବଙ୍କ ୨୫ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଦେବୀ ନଦିର ପବିତ୍ର ଜଳ କଳସ ଧରି ଶତାଧିକା ପୁରୁଷ ମହିଳାମାନେ ବାଜା ବାଣ ଘଣ୍ଟ ସଂକୀର୍ତ୍ତନ ମଣ୍ଡଳୀ ସହିତ ବିରାଟ ଶୋଭାଯାତ୍ରା ସହିତ ଆସି ତ୍ରିଲୋଚନଶ୍ୱର ପିଠରେ ପହଁଚିଥିଲେ। ମନ୍ଦିରର ମୁଖ୍ୟ ପୂଜକ ସବିତ ପୁଷ୍ପାଳକଙ୍କ ତତ୍ତ୍ୱାବଧନରେ ସମସ୍ତ କାଯ୍ୟ ସୂଚାରୁ ରୂପେ ସମ୍ପାଦନ କରାଯାଇଛି। ତ୍ରିଲୋଚନେଶ୍ୱର ଯଜ୍ଞ କମିଟିର ସଭାପତି ଅମରେସ୍ୱର ସ୍ୱାଇଁଙ୍କ ପରିଚାଳନା କ୍ରମେ, ଶତୃଘ୍ନ ନାୟକ, ଧରଣୀଧର ରାଉତ, ବ୍ରଜବନ୍ଧୁ ସ୍ୱାଇଁ, ତୁଷାର ସ୍ୱାଇଁ, ସୁରେନ୍ଦ୍ର ସାମନ୍ତରାୟ, ଧନେଶ୍ୱର ଭୋଳଙ୍କ ସହଯୋଗରେ ଏବଂ ସମସ୍ତ କର୍ତ୍ତାକର୍ତୀ ଓ ଗ୍ରାମର ଯୁବ ସମୂହଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରାଗଲା। ଚଳିତ ବର୍ଷ ମୁଖ୍ୟ କର୍ତ୍ତା ଭାବେ ରଞ୍ଜିତ କୁମାର ପ୍ରଧାନ, ଉପ କର୍ତ୍ତା ଭାବେ ସନ୍ତୋଷ କୁମାର ବାରିକ ଓ ଅକ୍ରୁର ଚରଣ ବାରିକ ଯଜ୍ଞ କାଯ୍ୟ ପାଇଁ ମନୋନୀତ ହୋଇଛନ୍ତି। ପ୍ରତେକ ଦିନ ସନ୍ଧ୍ୟାରେ ସଡାନ୍ଦ ପଂଚାୟତର ଅଖପାଖରୁ ଶତାଧିକ ଭକ୍ତଙ୍କ ସମାଗମ ହେଉଛି।

## ଉପଯୁକ୍ତ ସୁବିଧା ନଯୋଗାଇ ୟୁଏଏସ୍ ଲାଗୁ କରିବାକୁ ବାଧ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଉପଯୁକ୍ତ ସୁବିଧା ନ ଯୋଗାଇ ବିଦ୍ୟାଳୟ ସ୍ତରରେ ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଲାଗୁକରିବା କେତେ ଯୁକ୍ତିଯୁକ୍ତ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ଇତ୍ୟାଦି ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି।

ସୂଚନାଥାଉକି, ୟୁଏଏସ୍ ବ୍ୟବସ୍ଥା ମାଧ୍ୟମରେ ମୋବାଇଲ୍ ଫୋନ୍‌ରୁ ଡିଟେଲ ଡାଟା ତୃତୀୟ ପକ୍ଷକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ୟୁଏଏସ୍ ମାଧ୍ୟମରେ ତଥ୍ୟ ପ୍ରେରଣ ସମୟରେ ମୋବାଇଲ ହ୍ୟାକ୍ ହୋଇ ଆକାଉଣ୍ଟରୁ ଟଙ୍କା କଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହି ଆପ୍ ମାଧ୍ୟମରେ ମୋବାଇଲରେ ଥିବା ବ୍ୟକ୍ତିଗତ ଡାଟା କେତେ ସୁରକ୍ଷିତ ରହିପାରିବ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆପ୍ ଦ୍ୱାରା ନିଜର ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ପ୍ରଘଟ ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ସରକାର ସ୍ୱତନ୍ତ୍ର ମୋବାଇଲ ଫୋନ୍ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଯୋଗାଇ ଦେଇ ଏହାକୁ କାର୍ଯ୍ୟକାରୀ କଲେ ଏହା ଫଳପ୍ରଦ ହେବ। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ଏକ ବୃହତ୍ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି।

ରାଜ୍ୟ ସରକାର ବିଦ୍ୟାଳୟ ସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦୈନିକ ଉପସ୍ଥାନ ଏକ ନିର୍ଦ୍ଦିଷ୍ଟ ସମୟରେ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ପ୍ରଶ୍ନ ଉଠେ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ନାହିଁ। ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ପାଇଁ ମୋବାଇଲ୍, ଟାବଲେଟ୍ ଭଳି କୌଣସି ଭ୍ରାମ୍ୟ ଉପକରଣ ଯୋଗାଇ ଦେଇନାହାନ୍ତି। ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱାର୍କ ନଥିବାରୁ ଇଣ୍ଟରନେଟ୍ କାର୍ଯ୍ୟକାରୀ କରିବା ଦୂରୁହ ବ୍ୟାପାର। ସେହିପରି ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି। ବିଦ୍ୟାଳୟ ଗୁଡ଼ିକ ଶିକ୍ଷକ ଶୂନ୍ୟ ହୋଇଗଲାଣି। ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାଁନ୍ତି। ଏହା ସହିତ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏମ୍.ଡି.ଏମ୍., ଉଲ୍ଲାସ ଭଳି ଅନ୍ୟାନ୍ୟ ଅଣଶୈକ୍ଷିକ କାର୍ଯ୍ୟରେ ସରକାର ବାରମ୍ବାର ନିୟୋଜନ କରୁଛନ୍ତି। ଶିକ୍ଷକମାନଙ୍କୁ ପ୍ରଥମେ ଏହିସବୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରାଯାଉ। ଇଣ୍ଟରନେଟ୍ ସୁବିଧା ନଯୋଗାଇ କିମ୍ବା ସେଥିନିମନ୍ତେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ନକରି ଏବଂ ସର୍ବୋପରି ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରିବାଦ୍ୱାରା ଶିକ୍ଷକମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ହେବା ସହିତ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ କୁହାଯାଇଛି। ଓଷ୍ଟା, ଅଲୋଷ୍ଟା, ସଂସ୍କୃତ ଟୋଲ୍, ମଦ୍ରାଶା, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ସମସ୍ତ ପ୍ରାଥମିକ ଶିକ୍ଷକ ସଂଗଠନ ମାନଙ୍କ ସହିତ ବିଚାର ବିମର୍ଷ ଓ ଆଲୋଚନା ନକରି ଏହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରୁ ସରକାର କ୍ଷାନ୍ତ ହୁଅନ୍ତୁ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେଉଁ ମସୁଧା ଚଳାଇଛନ୍ତି ସେଥିପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ସରକାର ଅନ୍ୟାନ୍ୟ ବର୍ଗର କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରୁଥିଲା ବେଳେ ଶିକ୍ଷକମାନେ ସେହିସବୁ ସୁବିଧାରୁ ବଞ୍ଚିତ ରହିଛନ୍ତି। ୟୁଏଏସ୍ ଯୋଜନା କାର୍ଯ୍ୟକାରୀ କରାଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାନା ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବେ। ସରକାର ପ୍ରଥମେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତାରତମ୍ୟ ଦୂର କରନ୍ତୁ ଓ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ସହ ସମସ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରି ଏହାକୁ ଲାଗୁ କରନ୍ତୁ।

ରାଜ୍ୟ ସରକାର ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟିକରି ସବୁ ବିଦ୍ୟାଳୟଗୁଡ଼ିକରେ ବିଜୁଳି ବ୍ୟବସ୍ଥା, ଇଣ୍ଟରନେଟ୍ ପ୍ୟାକେଜ୍ ଏବଂ ସମସ୍ତ ବିଦ୍ୟାଳୟ ଗୁଡ଼ିକର ସରକାରୀକରଣ କରି ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରାଗଲେ ଏହା ଫଳପ୍ରଦ ହେବ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ରମାକାନ୍ତ ଲେଙ୍କା, ପ୍ରସନ୍ନ ତ୍ରିପାଠୀ, ଗଦାଧର ଶତପଥି ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ପାରିବାରିକ କଳହରୁ ବଧୂହତ୍ୟା !

**ମାର୍ଶାଘାଇ:** ମାର୍ଶାଘାଇ ଥାନା ଦଶମୌଜି ଅଞ୍ଚଳ ଗୋପିନାଥପୁର ଗ୍ରାମରରେ ପାରିବାରିକ କଳହରୁ ବଧୂହତ୍ୟା ହୋଇଥିବା ନେଇ ଶନିବାର ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବଡକୂଳ ଗ୍ରାମର ସତ୍ୟାନନ୍ଦ ଲେଙ୍କାଙ୍କ ଝିଅ କବିତା (୨୮) ଦଶବର୍ଷ ତଳେ ଗୋପିନାଥପୁର ଗ୍ରାମର ସୁଶିଲ ସାମନ୍ତରାୟଙ୍କ ପୁଅ ମହେନ୍ଦ୍ରଙ୍କୁ ବିବାହ କରିଥିଲେ। ତାଙ୍କର ୮ବର୍ଷ ଓ ୪ ବର୍ଷର ଦୁଇଟି ଝିଅ ଅଛନ୍ତି। ସ୍ୱାମୀ ସ୍ତ୍ରୀ ମଧ୍ୟରେ ବାରମ୍ବାର କଳହ ଲାଗୁଥିବା ବେଳେ ଦୁଇ ଦିନତଳେ କଳହ ଲାଗିଥିଲା। କଳହକୁ ନେଇ ଝିଅର ମା ନଳୀନି ଯାଇ ବୁଝାସୁଝା କରି ଆସିଥିବା ବେଳେ ଶନିବାର ହଠାତ କବିତା ଫାସିଲଗାଇଥିବା ଶାଶୁ ଘର ଲୋକେ କହିଥିଲେ। କବିତାର ବାପଘର ଲୋକେ ଆସି ପହଞ୍ଚି ଦେଖିଲା ପରେ ମରିଯାଇଥିବା ଜାଣିବାକୁ ପାଇ ତାଙ୍କୁ ମାରିଦେଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ପୋଲିସ ଥାନା କେଶ ନମ୍ବର (୩୩୩/୨୫)ରେ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇବା ସହିତ ସ୍ୱାମୀ ମହେନ୍ଦ୍ରଙ୍କୁ ଅଟକ ରଖି ତଦନ୍ତ କରୁଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

## ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ନବୀନଙ୍କ ଗସ୍ତର ଉଦ୍ଦେଶ୍ୟ: କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ଭବନଠାରେ ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ଦିନ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଉଛି ଏବଂ କଂଗ୍ରେସର ବରିଷ୍ଠ ନେତାଗଣ ନିଜ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ସେଇ କ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଆଜିର ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଲେ ଯେ, ଯେଉଁ ନୂଆପଡାକୁ ନବୀନ ବାବୁ ଦୀର୍ଘ ୨୪ ବର୍ଷ ଭୁଲି ଯାଇଥିଲେ ଆଜି ନିର୍ବାଚନ ପାଇଁ ନୂଆପଡାକୁ ମନେ ପଡିଲା। ନବୀନଙ୍କ ସେଇ ରଙ୍ଗ ଆଉ ନାହିଁ। ହାତ ହଲାଇ ଦେଲେ ଭୋଟ ଝଡି ପଡୁଥିଲା। ବର୍ତ୍ତମାନ ବିଜେଡିର ଠକାମୀକୁ ଲୋକେ ବୁଝି ସାରିଲେଣି।

ଏହି ନିର୍ବାଚନ ଲାଗୁଛି ତ୍ରିମୁଖୀ ବୋଲି କିନ୍ତୁ ପ୍ରକୃତରେ ଏହା ଦ୍ୱିମୁଖୀ। ଗୋଟିଏ ପଟେ ବିଜେପି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଜେଡିର ମୁଖ୍ୟ ପାଣ୍ଡିଆନ ଏକତ୍ର ମିଶି କଂଗ୍ରେସ ବିରୁଦ୍ଧରେ ନିର୍ବାଚନ ଲଢୁଛନ୍ତି ବୈଷ୍ଣବ ଏବଂ ପାଣ୍ଡିଆନଙ୍କ ବୁଝାମଣା ଅନୁଯାଇ ବିଜେଡି ର ପ୍ରାର୍ଥୀ ଙ୍କୁ ବିଜେପି ପ୍ରାର୍ଥୀ କଲା ଏବଂ ବିଜେଡି ଜାଣିଶୁଣି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ ନ ଦେଇ ବାହାର ଜିଲ୍ଲାର ନେତ୍ରୀଙ୍କୁ ପ୍ରାର୍ଥୀ କଲା ଉଭୟ ଦଳର ଲକ୍ଷ୍ୟ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ଏହା ସେମାନଙ୍କର ରଣନୀତି। ନିର୍ବାଚନ ଯୁଦ୍ଧରେ ଗୋଟିଏ ପଟେ ଅଶ୍ୱିନୀ ବୈଷ୍ଣବ, ପାଣ୍ଡିଆନ, ନବୀନ ପଟ୍ଟନାୟକ, ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମିଳିତ ହୋଇ ଲଢୁଥିବା ବେଳେ ଅନ୍ୟ ପଟେ କଂଗ୍ରେସ ଏକାକୀ ଲଢେଇ ମଇଦାନରେ ଅବତୀର୍ଣ୍ଣ ହୋଇଛି। କଂଗ୍ରେସର ନେତୃତ୍ୱ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସର



ସମସ୍ତ ବରିଷ୍ଠ ଓ କନିଷ୍ଠ ନେର୍ତ୍ତୃବୃନ୍ଦ ଲଢୁଛନ୍ତି। ଶ୍ରୀ ଜେନା ସାମ୍ବାଦିକଙ୍କୁ କହିଲେ ଯେ ଆମକୁ ନିର୍ବାଚନ ରଣନୀତିର ରହସ୍ୟ କହିବାରେ କିଛି ଦ୍ୱିଧା ନାହିଁ। ପୂର୍ବରୁ ବିଜେଡି ବିଜେପି ର ମିଳିତ ସରକାର ଓ ମହାଶକ୍ତିଶାଳୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ତଳସାରା ଓ ଲକ୍ଷ୍ମୀପୁର ଉପନିର୍ବାଚନ କଂଗ୍ରେସ ଜିତିଥିଲ। ଏଥର ମଧ୍ୟ ଘାସିରାମ ମାଝୀ ନୂଆପଡାରେ ଜିତିବେ। ପୂର୍ବରୁ ଆମ ସଭାପତି ଶ୍ରୀ ଦାସ କହିସାରିଛନ୍ତି ଆମ ପାଖରେ ଅର୍ଥବଳ ନାହିଁ କିନ୍ତୁ ଯଥେଷ୍ଟ ଲୋକବଳ ଅଛି। ନବୀନ ପଟ୍ଟନାୟକ କେବଳ ଦୋଷ ଘୋଡାଇବା ପାଇଁ ବା ବିଜେପି ସହିତ ଆମେ ନାହୁଁ ବୋଲି ଲୋକଙ୍କ ଆଗରେ ଦେଖେଇବା ପାଇଁ ନୂଆପଡା ଗସ୍ତ କରୁଛନ୍ତି।

ସମ୍ମିଳନୀର ଅନ୍ୟତମ ବକ୍ତା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ନୂଆପଡା ନିର୍ବାଚନ ପାଇଁ ନୂଆଦିଲ୍ଲୀରେ କେବେଠୁ ଡିଲ ସରିଯାଇଛି। ବିଜେଡି ନିର୍ବାଚନ ଲଢ଼ିବାର କେବଳ ଯାହା ଅଭିନୟ କରୁଛି। କେମିତି କିଛି ସମ୍ମାନଜନକ ଭୋଟ ସଂଖ୍ୟା ହାସଲ ହେବ ସେଥିପାଇଁ ତାଙ୍କର ପ୍ରଚାର ପ୍ରସାର। କିନ୍ତୁ କଂଗ୍ରେସ ଏକ ଲୋକପ୍ରିୟ ସ୍ଥାନୀୟ ଆଦିବାସୀ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରି ସାମାଜିକ ନ୍ୟାୟ ଏବଂ ସାମୁହିକ ବିକାଶର ମୁଦ୍ଦାକୁ ନେଇ ସତ୍ୟର ସହିତ ନିର୍ବାଚନ ଲଢୁଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଏବଂ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ।

## ପାଇପ୍ ଫାଟି କେନାଲରେ ଭାସୁଛି ପାଣି: ଲୋକଙ୍କ ପାଖରେ ପହଞ୍ଚୁନି



**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ରାଇବଣିଆର କାଳିକ ପଞ୍ଚାୟତର ଉପରତୋଟ ଗାଁର ସାମଲା ଟୁଡୁଙ୍କ ଘର ପାଖରେ ପାଇପ ଫାଟି ପାଖ କେନାଲରେ ବ୍ୟାପକ ମାତ୍ରାରେ ପାଣି ବହି ନଷ୍ଟ ହେଉଛି। ସୂଚନାଯୋଗ୍ୟ, ବସୁଧା ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ କରି ଘରେଘରେ ପିଇବା ପାଣି ପହଞ୍ଚିବାର ସରକାରଙ୍କ ବ୍ୟବସ୍ଥା ପ୍ରହସନ ପାଲଟିଛି। ମାଟି ତଳେ ପୋତା ହୋଇଥିବା ମୁଖ୍ୟ ପାଇପରୁ କ୍ୟାପଟି କେହି ଖୋଲି ନେବା ଓ ପାଇପକୁ କାଟି ଦେବା ଫଳରେ ଲୋକଙ୍କ ପାଖକୁ ପିଇବା ପାଣି ପହଞ୍ଚିବା ପରିବର୍ତ୍ତେ ନିକଟରେ ଥିବା କେନାଲରେ ବହି ଧାନ କ୍ଷେତରେ ମିଶୁଛି। ଏହା ସହିତ ପାଇପ ଖୋଲା ରହିଥିବାରୁ ପିଇବା ପାଣି ସଂସ୍ପର୍ଶରେ, ବିଭିନ୍ନ ବିଷାକ୍ତ ସରୀସୃପ ରହିଛନ୍ତି। ଅପରିଷ୍କାର ସାମଗ୍ରୀ ଓ ମାଟି ଇତ୍ୟାଦି ପଶିବା ଦ୍ୱାରା ପାଣି ଦୂଷିତ ହୋଇ ବ୍ୟବହାର କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା ରହିଛି। ଦୂଷିତ ପାଣିରୁ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ପିଇବା ବଦଳରେ ଲୋକେ ଅଜଣାତରେ ରୋଗ କିଣୁଛନ୍ତି। କେତେକ ଲୋକେ ପାଣିକୁ ଗାଧୋଇବା ଓ ସଫା କରିବାରେ ଅଯଥା ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେହିପରି ସାମଲା ଟୁଡୁଙ୍କ ଘର ବାଡିରେ ପାଣି ଟ୍ୟାପ ବସିଥିଲେ ମଧ୍ୟ ମୁଖ୍ୟ ପାଇପରେ ଆଦୌ ପାଣି ଆସୁନାହିଁ। ବିଶୁଦ୍ଧ ପିଇବା ପାଣି ଅପବ୍ୟବହାର ନହେବା ସହିତ ନଷ୍ଟ ନହେଉ ବୋଲି ରଘୁନାଥ ମୁର୍ମୁ କହିଛନ୍ତି। ପାଣି ନଷ୍ଟ ହେଉଥିବାରୁ ଗ୍ରାମର ଅଧିକାଂଶ ଲୋକ ଠିକ୍ ଭାବେ ପାଣି ପାଇପାରୁ ନାହାଁନ୍ତି। ଏ ନେଇ ସରପଞ୍ଚଙ୍କ ପ୍ରତିନିଧି ସନୁ ଦାସଙ୍କୁ ପଚାରିବାର ଖୁବ୍ ଶୀଘ୍ର ପାଇପ ମରାମତି ସହିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 3rd November, 2025 Monday | RNI Regd. No. ODIODI/2009/28880

## ଭାରୀ କିଏ ?




କ୍ଲାସ୍‌ରେ ସେଦିନ ଶିକ୍ଷକ ପଚାରିଲେ- ଗୋଟିଏ କେଜି ତୁଳା ବେଶୀ ଭାରି ନା ଗୋଟିଏ କେଜି ଲୁହା ବେଶୀ ଭାରୀ ?

ଗୋଟିଏ ପିଲା କହିଲ- ସାର୍, ଗୋଟିଏ କେଜି ଲୁହା ଗୋଟିଏ କେଜି ତୁଳା ଅପେକ୍ଷା ଅଧିକ ଭାରୀ।

ସାର୍ ବିରକ୍ତ ହୋଇ କହିଲେ- ତୁ ଏଇଆ ବୁଝିଛୁ ? କିରେ ଦୁଇଟିଯାକ ଓଜନ ତ ସମାନ, ତେଣୁ ଲୁହା ବେଶୀ ଭାରୀ ହେବ କେମିତି ?

ପିଲାଟା କହିଲା- ସାର୍, ଠିକ୍ ଅଛି। ଆପଣ ମୋ ମୁଣ୍ଡ ଉପରକୁ ଗୋଟିଏ କେଜି ତୁଳା ଫିଙ୍ଗନ୍ତୁ, ମୁଁ ଆପଣଙ୍କ ମୁଣ୍ଡ ଉପରକୁ ସମାନ ଓଜନର ଲୁହା ଫିଙ୍ଗିବି। ତା'ହେଲେ ଜାଣିପାରିବେ କିଏ ବେଶୀ ଭାରୀ ?

# ତୃତୀୟ ଟି-୨୦ : ଭାରତକୁ ମିଳିମିଶି ଜିତାଇଲେ

**ହୋବାର୍ଟ,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତୃତୀୟ ଟି-୨୦ରେ ବାଜି ମାରିଲା ଭାରତ। ୬ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ହରାଇଲା। ଏହା ସହିତ ସିରିଜ୍ ୧-୧ ସ୍ଥିତିକୁ ନେଇଆସିଛି ଭାରତ। ଭାରତ ଆଜି ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୧୮୬ ରନ୍ କରିଥିଲା। ଏହାର ଜବାବରେ ଭାରତ ୫ ୱିକେଟ୍‌ରେ ମ୍ୟାଚ୍ ଜିତି ଯାଇଥିଲା। ଦଳ ୧୮.୩ ଓଭରରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା।

ଯଦିଓ ୱାଶିଂଟନ ସୁନ୍ଦର ଅପରାଜିତ ରହି ସର୍ବାଧିକ ୪୯ ରନ୍ କରିଥିଲେ, ତଥାପି କୁହାଯାଇପାରେ ଭାରତୀୟ ଦଳର ସମସ୍ତ ବ୍ୟାଟର ଭଲ ଖେଳିଛନ୍ତି। ଏମିତି ବି କୁହାଯାଇପାରେ, ସମସ୍ତେ ମିଶି ମ୍ୟାଚ୍ ଜିତାଇଛନ୍ତି। ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ଓପନିଂ କରିବାକୁ ଆସିଥିଲେ। ସେମାନେ ଦଳକୁ ଭଲ ପ୍ରାରମ୍ଭ ଦେଇଥିଲେ। ୩.୩ ଓଭରରେ ୩୩ ରନ୍ ହୋଇଥିବା ବେଳେ ଅଭିଷେକ ଆଉଟ୍ ହୋଇଥିଲେ। ସେ ୧୬ଟି ବଲ୍‌ରୁ ୨ଟି ଚୌକା ଓ ୨ଟି ଛକା ସହାୟତାରେ ୨୫ ରନ୍ କରିଥିବା ବେଳେ ନାଥନ ଇଲିସଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ସତ୍ତ୍ୱେ ରନ୍ ହାର ପ୍ରଭାବିତ ହୋଇନଥିଲା। ଶୁମ୍‌ବନ ଗିଲ ଓ ଅଧିନାୟକ ସୂର୍ଯ୍ୟକାନ୍ତ ଯାଦବ ମ୍ୟାଚ୍‌କୁ ଆଗେଇ ନେଇଥିଲେ। ୫.୩ ଓଭରରେ ଗିଲ୍ ଆଉଟ୍ ହୋଇଥିଲେ। ସେ ୧୫ ରନ୍ କରି ଆଉଟ୍ ହେବା ବେଳକୁ ଦଳର ସ୍କୋର ୬୧ ରନ୍‌ରେ ପହଞ୍ଚିଥିଲା।

ଶୁବମନ ଆଉଟ୍ ହେବା ପରେ ୪ ନମ୍ବରରେ ଆସିଥିବା ତିଳକ ବର୍ମା ମଧ୍ୟ ଭଲ ଖେଳିଥିଲେ। ୭.୩ ଓଭରରେ ଦଳର ସ୍କୋର ୭୬ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ଆଉଟ୍ ହୋଇଥିଲେ। ସେ ୧୧ ବଲ୍‌ରୁ ୨୪ ରନ୍ (୧ ଚୌକା, ୧ ଛକା) କରିଥିଲେ। ଅକ୍ଷର ପଟେଲ ୧୨ଟି ବଲ୍‌ରୁ ୧୭ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ଆସିଥିବା ୱାଶିଂଟନ ସୁନ୍ଦରଙ୍କ ପ୍ରଦର୍ଶନ ଅତି ସୁନ୍ଦର ଥିଲା। ତିଲକ ବର୍ମା ୨୯ ରନ୍ କରିଥିବା ବେଳେ ଆଉଟ୍ ହୋଇଥିଲେ। ଏହା ପରେ ଜୀତେଶ ଶର୍ମା ଓ ୱାଶିଂଟନ ସୁନ୍ଦରଙ୍କ ଯୋଡି କ୍ରିଜ୍‌ରେ ଜମି ଯାଇଥିଲା। ଦୁହେଁ ଭାରତକୁ ବିଜୟ ଦ୍ୱାର ନିକଟରେ ପହଞ୍ଚାଇ ଦେଇଥିଲେ। ୱାଶିଂଟନ ସୁନ୍ଦର ୨୩ଟି ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୯ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଜୀତେଶ ୧୩ଟି ବଲ୍‌ରୁ ୨୨ ରନ୍ କରି ନଟ୍ ଆଉଟ୍ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଇଲିସ ୩ଟି ୱିକେଟ୍ ନେଇଥିବା ବେଳେ ଜାଭିୟର ବାର୍ଟଲେଟ୍ ଓ ମାରକସ ଷ୍ଟୋଇନିସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୬ ରନ୍ କରିଥିଲା। ଦଳର ପ୍ରାରମ୍ଭ ଭଲ ନଥିଲା। ପ୍ରଥମ ଓଭରରେ ଦଳ ଟ୍ରାଭିସ ହେଡ୍‌ଙ୍କୁ ହରାଇଥିଲା। ସେ ୬ ରନ୍ କରି ଅର୍ଶଦୀପ ସିଂହଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୨.୪ ଓଭରରେ ଦଳ ଜୋଶ ଇଂଲିସଙ୍କ ୱିକେଟ୍ ହରାଇଥିଲା। ସେ ମାତ୍ର ୧ ରନ୍ କରିଥିବା ବେଳେ ଅର୍ଶଦୀପ ସିଂହଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ।

ତେବେ ଟିମ୍ ଡାଭିଡ କ୍ରିଜ୍‌କୁ ଆସିବା ପରେ ସ୍ଥିତିରେ ବଡ ସୁଧାର ଆସିଥିଲା। ସେ ବିସ୍ଫୋରକ ବ୍ୟାଟିଂ



କରିଥିଲେ। ଅଧିନାୟକ ମିଚେଲ ମାର୍ଶଙ୍କ ସହ ମିଶି ସେ ଟିମ୍‌ର ସ୍କୋରକୁ ଆଗେଇ ନେଉଥିବା ବେଳେ ସେଥିରେ ବ୍ରେକ୍ ଦେଇଥିଲେ ବରୁଣ ଚକ୍ରବର୍ତ୍ତୀ। ତାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ମିଚେଲ ମାର୍ଶ। ସେ ୧୧ ରନ୍ କରି ଆଉଟ୍ ହୋଇଥିଲେ। ସେ ୮.୨ ଓଭରରେ ଆଉଟ୍ ହୋଇଥିବା ବେଳେ ୮.୩ ଓଭରରେ ଦଳକୁ ପୁଣି ଲାଗିଥିଲା ଝଟକା। ଆସୁ ଆସୁ ଆଉଟ୍ ହୋଇଯାଇଥିଲେ ମିଚେଲ ଓୱେନ। ସେ ଖାତା ଖୋଲିପାରି ନଥିଲେ। ତାଙ୍କୁ ବୋଲ୍ଡ କରିଦେଇଥିଲେ ବରୁଣ ଚକ୍ରବର୍ତ୍ତୀ।

କିନ୍ତୁ ମାରକସ ଷ୍ଟୋଇନିସ ଆସିବା ପରେ ପୁଣି ଦଳ ପାଇଥିଲା ବଳ। ଟିମ୍ ଡାଭିଡ ଓ ମାରକସ ମିଶି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଏହି ଯୋଡି କ୍ରିଜ୍‌ରେ ଜମି ଯାଇଥିବା ବେଳେ ୧୩ ଓଭରରେ ପଡିଥିଲା ଡାଭିଡଙ୍କ ୱିକେଟ୍। ଶିବମ ଦୁବେଙ୍କ ବଲରେ ତିଲକ ବର୍ମାଙ୍କ ହାତରେ ସେ ହୋଇଥିଲେ କ୍ୟାଚ୍ ଆଉଟ୍। ସେ ୩୮ଟି ବଲ୍‌ରେ ୮ ଚୌକା ଓ ୫ ଛକା ବଳରେ ୭୪ ରନ୍ କରିଥିଲେ। ତେବେ ସେ ଆଉଟ୍ ହେବା ସତ୍ତ୍ୱେ ଦଳକୁ ଫରକ ପଡି ନଥିଲା। ମାରକସ୍ ଭଲ ଖେଳିଥିଲେ। ସେ ୩୯ଟି ବଲ୍‌ରେ ୮ ଚୌକା ଓ ୨ ଛକା ବଳରେ ୬୪ ରନ୍ କରିଥିବା ବେଳେ ୧୯.୩ ଓଭରରେ ଅର୍ଶଦୀପ ସିଂହଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ମ୍ୟାଟ୍ ଶର୍ଟ ୧୫ଟି ବଲ୍‌ରୁ ୨୬ ରନ୍ କରି ନଟ୍ ଆଉଟ୍ ରହିଥିଲେ।

ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ୨ ଓ ଶିବମ ଦୁବେ ଗୋଟିଏ ୱିକେଟ୍ ନେଇଥିଲେ। ଅର୍ଶଦୀପ ସିଂହଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଆହୁରି ୨ଟି ମ୍ୟାଚ୍ ବାକି ଅଛି।

## ପ୍ରଚାରରେ ଯାଇ ଚାଷୀଙ୍କ ସହ ମାଛ ଧରିଲେ ରାହୁଲ



**ବେଗୁସରାୟ,୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାହୁଲ ଗାନ୍ଧି ବିହାର ବିଧାନସଭା ନିର୍ବାଚନ ପ୍ରଚାରରେ ରବିବାର ବେଗୁସରାୟରେ ରାଲିକୁ ସମ୍ବୋଧିତ କରିଛନ୍ତି। କାର୍ଯ୍ୟକ୍ରମ ପୂର୍ବରୁ ରାହୁଲଙ୍କୁ ଜଣେ ମାଛ ଚାଷୀଙ୍କୁ ପୋଖରୀରେ ପାରମ୍ପରିକ ମାଛ ଧରାରେ ସହାୟତା କରୁଥିବା ଦେଖାଯାଇଛି। ଏହି ସମୟରେ ତାଙ୍କ ସହ କହ୍ନେୟା କୁମାର ଓ ମୁକେଶ ସାହାଣୀ ଉପସ୍ଥିତ ଥିଲେ।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏବେ ମହାମେଣ୍ଟ ପାଇଁ ବିହାରରେ ବିଧାନସଭା ନିର୍ବାଚନ ପ୍ରଚାର କରୁଛନ୍ତି। ଏହି ଅବସରରେ ରବିବାର ସେ ବେଗୁସରାୟରେ ଏକ ରାଲିକୁ ସମ୍ବୋଧିତ କରିବାକୁ ଯାଇଥିବା ବେଳେ ଏପରି କାମ କରିଛନ୍ତି ଯାହା ଏବେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନୀ ସଭାକୁ ଯିବା ରାସ୍ତାରେ ରାହୁଲ ମାଛ ଚାଷ କରୁଥିବା ଚାଷୀଙ୍କ ସମୂହଙ୍କୁ ଭେଟିଥିଲେ ଓ ପୋଖରୀକୁ ଡେଇଁ ମାଛ ଧରୁଥିବା ଲୋକଙ୍କ ସହ ମିଶି ପାରମ୍ପରିକ ଭାବେ ମାଛ ଧରିଥିଲେ।

ରାହୁଲଙ୍କ ଏହି କାର୍ଯ୍ୟରେ ମହାମେଣ୍ଟର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶ ସାହାଣୀ ଓ କଂଗ୍ରେସ ଯୁବ ନେତା କହ୍ନେୟା କୁମାର ମଧ୍ୟ ସାମିଲ ହୋଇଥିଲେ, ଯାହା ମାଛ ଧରୁଥିବା ଲୋକଙ୍କୁ ବେଶ୍ ଉତ୍ସାହିତ କରିଥିଲା। କିଛି ଦିନ ପୂର୍ବରୁ ବିହାରରେ ରାଜନୈତିକ ଦଳ ସେମାନଙ୍କ ଘୋଷଣାପତ୍ର ଜାରି କରିଥିଲେ। ଏଥିରେ ମହାମେଣ୍ଟର ଘୋଷଣାପତ୍ର ମଧ୍ୟ ଜାରି ହୋଇଛି। ମହାମେଣ୍ଟ ମତ୍ସ୍ୟଜୀବୀଙ୍କ ନିମନ୍ତେ ଅନେକ ପ୍ରତିଶ୍ରୁତି ରଖିଛି। ଏହାଛଡା ମହାମେଣ୍ଟର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶ ସାହାଣୀ ମତ୍ସ୍ୟ ଜୀବୀ ସମୂଦାୟଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିରେ ରାହୁଲଙ୍କ ମାଛ ଧରା ଏବେ ରାଜ୍ୟରେ ମହ୍ଲା ଓ ନିଷାଦ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି।

ମହାମେଣ୍ଟ ମତ୍ସ୍ୟଜୀବୀଙ୍କୁ ଲିନ ପିରିୟଡ (ମାଛ ଧରା ନିଷିଦ୍ଧ ସମୟ)ରେ ପ୍ରତି ପରିବାର ୫ ହଜାର ଟଙ୍କା ସହାୟତାର ପ୍ରତିଶ୍ରୁତି ଦେଇଛି। ଏହାଛଡା ରାଜ୍ୟରେ ମହାମେଣ୍ଟ ସରକାର ହେଲେ ମତ୍ସ୍ୟ ପାଳନ ବୀମା ଯୋଜନା ଓ ବଜାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମଧ୍ୟ ପ୍ରତିଶ୍ରୁତି ରହିଛି। ମାଛଧରା ପରେ ରାହୁଲ ଜନସମାବେଶକୁ ସମ୍ବୋଧିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି। କହିଛନ୍ତି ୧୯୭୧ ମସିହାରେ ଆମେରିକା ଇନ୍ଦିରା ଗାନ୍ଧିଙ୍କୁ ଧମକେଇଥିଲା। ହେଲେ ସେ ଡରି ଯାଇ ନଥିଲେ ଯାହା କରିବା କଥା କରି ଦେଖାଇଥିଲେ।

ହେଲେ ଆମେରିକା ରାଷ୍ଟ୍ରପତି ଯେବେ ନରେନ୍ଦ୍ର ମୋଦିଙ୍କୁ କହିଲେ ଅପରେସନ ସିନ୍ଦୂର ବନ୍ଦ କର ସେ ଦୁଇ ଦିନରେ ଅପରେସନ ରୋକି ଦେଇଛନ୍ତି। ଏଥିରୁ ଟ୍ରମ୍ପଙ୍କୁ ମୋଦି ଡରୁଥିବା ଜଣାପଡିଛି। କେବଳ ଟ୍ରମ୍ପ ନୁହେଁ ସେ ଆଦାନୀ ଓ ଅମ୍ବାନୀଙ୍କୁ ମଧ୍ୟ ଡରନ୍ତି ବୋଲି ରାହୁଲ ସମାବେଶରେ କହିଛନ୍ତି।

## ଏବେବି ଲୋକଙ୍କ ପାଖରେ ଅଛି ୫୦୦୦ କୋଟିର ଗୋଲାପୀ ନୋଟ୍

**ନୂଆଦିଲ୍ଲୀ,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏବେବି ଫେରିନି ଅନେକ ୨ ହଜାର ଟଙ୍କିଆ ନୋଟ୍। ନୋଟବନ୍ଦୀର ଅଢେଇ ବର୍ଷ ପରେ ବି ସବୁ ନୋଟ୍ ଆରବିଆଇ ପାଖରେ ପହଁଚି ପାରିନି। ଏତେ ଦିନ ପରେ ମଧ୍ୟ ନୋଟକୁ ଲୋକେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ନଦେଇ ନିଜ ପାଖରେ ରଖିଛନ୍ତି। ଏମିତି ପ୍ରାୟ ୫ହଜାର କୋଟି ଟଙ୍କାର ନୋଟ୍ ଲୋକଙ୍କ ପାଖରେ ମହଜୁଦ ରହିଛି।

ସୂଚନା ଅନୁସାରେ, ୨୦୨୩ ମସିହା ମେ ୧୯ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୦୦ ନୋଟ୍ କରେନ୍ସିର ପ୍ରଚଳନ ବନ୍ଦ ପାଇଁ ଘୋଷଣା କରିଥିଲା। ଏହି ଘୋଷଣାର ଏତେ ବର୍ଷ ପରେ ମଧ୍ୟ ଲୋକଙ୍କ ପାଖରେ ୫୮୧୭ କୋଟି ମୂଲ୍ୟର ୨ ହଜାର ଟଙ୍କିଆ ନୋଟ୍ ରହିଛି। ଯାହା ବ୍ୟାଙ୍କରେ ଜମା ହୋଇ ନାହିଁ। ଯାହା ଆଗକୁ ଫେରିପାରେ ବୋଲି



ଆଶା କରୁଛି ରିଜର୍ଭ ବ୍ୟାଙ୍କ।

ଆରବିଆଇ ପକ୍ଷରୁ କୁହାଯାଇଛି ଯେ, ୯୮.୩୭ ପ୍ରତିଶତ ନୋଟ୍ ଜମା ହୋଇ ସାରିଛି। କିନ୍ତୁ ୧.୬୩ ପ୍ରତିଶତ ନୋଟ୍ ଏବେବି ବଜାରରେ ବୁଲୁଛି। ଯାହାକୁ ଆରବିଆଇ ଲିଗାଲ ଟେଣ୍ଡର ଭାବେ ଗ୍ରହଣ କରିବ। ଅର୍ଥାତ ଆପଣ ଚାହିଁଲେ ଏହା ବଦଳରେ ରିଜର୍ଭ ବ୍ୟାଙ୍କରୁ ଅନ୍ୟ ପ୍ରଚଳନ୍ତି ନୋଟ୍ ଆଣିପାରିବେ।

ଯେତେବେଳେ ଆରବିଆଇ ଗୋଲାପୀ ନୋଟର ପ୍ରଚଳନ ବନ୍ଦ କରିଥିଲା, ସେତେବେଳେ ପ୍ରାୟ ୩ ଲକ୍ଷ ୫୬ ହଜାର କୋଟି ମୂଲ୍ୟର ନୋଟ୍ ବଜାରରେ ଥିଲା। ଏବେ ଏହା ୫୮୧୭ କୋଟିରେ ପହଁଚିଛି। ଏହା ପୂର୍ବରୁ ୨୦୧୬ରେ ବଡ ଧରଣର ନୋଟବନ୍ଦୀ ହୋଇଥିଲା । ଯେଉଁଥିରେ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟକୁ ବନ୍ଦ କରାଯାଇଥିଲା। ତାହା ବଦଳରେ ନୂଆ ୨୦୦,୫୦୦ ଓ ୨୦୦୦ ମୂଲ୍ୟର ନୋଟ୍ ପ୍ରଚଳନ କରାଯାଇଥିଲା।

## ତିନି ଦିନ ହାଇକୋର୍ଟ ଛୁଟି



**କଟକ,୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ହାଇକୋର୍ଟ କାର୍ତ୍ତିକ ବ୍ରତ ଉପଲକ୍ଷେ ଛୁଟି ରହିବ । ଏହି ଛୁଟି ପ୍ରତିବଦଳରେ ନଭେମ୍ବର ୨୯ (ଶନିବାର)କୁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି । ଏ ସଂକ୍ରାନ୍ତରେ ରେଜିଷ୍ଟାର (ନ୍ୟାୟିକଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ହାଇକୋର୍ଟ କ୍ୟାଲେଣ୍ଡରରେ ନଭେମ୍ବର ୪ ଧବଳେଶ୍ୱର ପୂଜା ବା ବଡ଼ଓଷା ଏବଂ ୫ରେ ରାସ ପୂର୍ଣ୍ଣିମା ହେତୁ ପୂର୍ବରୁ ଛୁଟି ରହିଛି । ତେଣୁ ହାଇକୋର୍ଟ ୩ରୁ ୫ ତାରିଖ ଯାଏ ୩ଦିନ ଛୁଟି ରହିବ।

## ଟ୍ରେନ୍ ଧକ୍କାରେ ଦନ୍ତାର ମୃତ୍ୟୁ



**ବେତନଟୀ,୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ରେଳ ଷ୍ଟେସନଠାରୁ ୫୦୦ ମିଟର ଦୂର ଆଗ୍ରିଆ ରେଳ ଫାଟକ ନିକଟରେ ଶନିବାର ରାତି ଟ୍ରେନ ଧକ୍କାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ ଶନିବାର ରାତି ୧୧.୩୦ ମିନିଟ ସମୟରେ ସାଲିମାର-ଭଞ୍ଜପୁର ଏକ୍ସପ୍ରେସ ଟ୍ରେନ ରୁପ୍ସା ବାହାରି ବାଙ୍ଗିରିପୋଷି ଅଭିମୁଖେ ଗମନ କରିଥିଲା। ଏଥିମଧ୍ୟରେ ଯୁଗଳ ଷ୍ଟେସନ ପରେ ଆଗ୍ରିଆ ଠାରେ ଥିବା ଲେବଲ କ୍ରସିଂ ପାରିହେବାକୁ ଚେଷ୍ଟା କରୁଥିବା ଏକ ଦନ୍ତାହାତୀ ରେଳଫାଟକ ଭିତରେ ଫସି ରହିଯାଇଥିଲା। ଟ୍ରେନ ଡ୍ରାଇଭର ଟ୍ରେନ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଟ୍ରେନର ଗତି ଦ୍ରୁତ ଥିବାହେତୁ ଟ୍ରେନକୁ ଅଟକାଇ ପାରି ନଥିଲା। ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ରେଳ ଆସୁଥିବା ଯୋଗୁଁ ଏଭଳି ସ୍ଥିତିରେ ଫାଟକ ଉଠାଇବାକୁ ରାଜି ହୋଇନଥିଲେ ରେଳ ଫାଟକ କର୍ମଚାରୀ। ଯାହା ଫଳରେ ଆଖିପିଛୁଳାକେ ଏକ୍ସପ୍ରେସ ଟ୍ରେନ ଆସି ଦନ୍ତା ହାତୀଟିକୁ ଧକ୍କା ଦେଇଥିଲା। ହାତୀଟିକୁ ଧକା ଦେବା ପରେ ଅନତି ଦୂରରେ ଟ୍ରେନଟି ଅଟକିଥିଲା। ଏହାର ଲୋକ ପାଇଲଟ୍ ଉପରିସ୍ଥ ଅଧିକାରୀଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇବା ପରେ ଗାଡ଼ି ଆଗେଇ ଯାଇଥିଲା। ଘଟଣା ବାବଦରେ ଖବର ପାଇ ବେତନଟୀ ଫରେଷ୍ଟ ରେଞ୍ଜର ବନବିଭାଗ ଅଧିକାରୀ ଧୃବେନ୍ଦ୍ର ନାଥ ନାଏକ ଏବଂ ଅନ୍ୟ କର୍ମଚାରୀମାନେ ପହଞ୍ଚି ମୃତ ହାତୀର ଶବକୁ ରାତି ସାରା ଜଗି ରହିଥିଲେ। ସକାଳ ହେବା ପରେ ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ସମ୍ବନ୍ଧରେ ବିବରଣୀ ସଂଗ୍ରହ କରିଥିଲେ। ଏଥି ସହିତ ଭୁବନେଶ୍ୱରରୁ ଜେଟିଏଫ୍ ଟିମ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡାକ୍ତରୀ ଦଳ ପହଞ୍ଚିବା ପରେ ମୃତ ହାତୀର ମର ଶରୀରକୁ କ୍ରେନ୍ ଓ ଡମ୍ପର ସାହାଯ୍ୟରେ ବ୍ୟବଚ୍ଛେଦ ପାଇଁ ଦୁର୍ଗାପୁର ଜଙ୍ଗଲକୁ ନେଇ ଯାଇଥିଲେ। ବ୍ୟବଚ୍ଛେଦ ପରେ ସେହିଠାରେ ଗାତ ଖୋଳି ପୋତି ଦିଆଯାଇଥିଲା। ଜନୈକ ଗଜସାଥିଙ୍କ କହିବାନୁଯାଇ ବହୁ ସମୟ ପୂର୍ବରୁ ଏହି ହାତୀଟି ରେଳ ଧାରଣା ଉପରେ ବୁଲୁଥିଲା। ହେଲେ ତା'କଥାକୁ କେହି କର୍ଣ୍ଣପାତ କରିନଥିଲେ। ଅନ୍ୟପଟେ ଉପସ୍ଥିତ ଆଖପାଖ ଗ୍ରାମର ଲୋକମାନେ ହାତୀ ମୃତ୍ୟୁର ଦୋଷ ସମ୍ପୂର୍ଣ ଭାବେ ବନବିଭାଗର ଉପରିସ୍ଥ କର୍ମଚାରୀଙ୍କୁ ଦେଇଥିଲେ। ଏଥିପାଇଁ ଗ୍ରାମବାସୀ ଏବଂ ବନ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ ଏହି ହାତୀ ମୃତ୍ୟୁ ପାଇଁ ପ୍ରକୃତ ଦୋଷୀକୁ ଦଣ୍ଡ ମିଳିବା ଉଚିତ୍ ବୋଲି ସର୍ବସାଧାରଣରେ ଆଲୋଚନା ହେଉଛି।

## ଛାତ୍ରୀଛାତ୍ରଙ୍କୁ ଖରାରେ ବସାଇ ଅତିଥି ବସିଲେ ଛାଇରେ

**ପଟ୍ଟାମୁଣ୍ଡାଇ,୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇରେ ଶୁକ୍ରବାର ଆଦର୍ଶ ଥାନା, ଏମ ଏନ ହାଇସ୍କୁଲ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିଲା । ଏଥିନେଇ ସକାଳ ୮ଟାରେ ପଟ୍ଟାମୁଣ୍ଡାଇ ବାଇପାସ ଠାରୁ ଏମ ଏନ ହାଇସ୍କୁଲ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଏମ ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଲେଜ ଏନ ସି ସି, ସ୍କାଉଟ, ଛାତ୍ରୀଛାତ୍ର ଓ ବିଭିନ୍ନ ବର୍ଗର ଲୋକମାନେ ସାମିଲ ହୋଇଥିଲେ । ଗଣଦୌଡ ପରେ ଏମଏନ ହାଇସ୍କୁଲ ଠାରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ପାଖାପାଖି ଦେଢଘଂଟା ଧରି ଚାଲିଥିଲା । ଅତିଥିମାନେ ସ୍କୁଲ ସମ୍ମୁଖ ପଟିକ ତଳେ ଛାୟା ସ୍ଥାନରେ ବସିଥିଲେ । ମାତ୍ର ଏକାଧିକ ଛାତ୍ରୀଛାତ୍ର ମାନେ ଖରାରେ ପାଲ ଉପରେ ବସିଥିବା ବେଳେ ସେହି ଖରାରେ ବିଭିନ୍ନ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସ୍କୁଲରେ ଏତେ ବଡ ପାର୍ଥନା ପଡିଆଥିଲା ବେଳେ ପିଲା ମାନଙ୍କୁ ଏପରି ଖରାରେ ବସାଇବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ବିଇଓ ଅଜିତ ବାରିକଙ୍କୁ ଏ ବାବଦରେ ପଚାରି ବାରେ ପିଲାଙ୍କ ପ୍ରତ ଏପରି ଅବହେଳାକୁ ସହ୍ୟ କରାଯିବନାହିଁ କାର୍ଯ୍ୟନୁଷ୍ଠାନ ନିଆଯିବ ।

## ପ୍ରଥମ ପୃଷ୍ଠାରୁ...

### ବଢ଼ିଲା ରାସନ୍‌କାର୍ଡ...

ଇ-କେୱାଇସି ନକରି ମଧ୍ୟ ଚାଉଳ ପାଉଛନ୍ତି, ଆସନ୍ତାମାସରୁ ଏହାକୁ ବନ୍ଦ କରିଦିଆଯିବ। ଗତ ୭-୮ ମାସ ଧରି ଇ-କେୱାଇସି ପ୍ରକ୍ରିୟା ଚାଲିଥିଲା। ତେଣୁ ଆଉ ବଢ଼ିବାର ନାହିଁ। କେନ୍ଦ୍ର ସରକାର ଯଦି ଇ-କେୱାଇସି ଅବଧି ବଢ଼ାଇବେ ତା'ହେଲେ ରାଜ୍ୟ ସରକାର ମଧ୍ୟ ଏହି ଅବଧିକୁ ବୃଦ୍ଧି କରିବେ। ଏହା ସହ ଯେଉଁମାନେ ରାସନ କାର୍ଡରୁ ବାଦ୍ ପଡିଥିବେ ସେମାନେ ଲିଖିତ ଭାବେ ଜଣାଇଲେ ସେମାନଙ୍କ କଥା ବିଚାର କରାଯିବ। ରାଜ୍ୟରେ ଏବେ ବି ୧୫ ଲକ୍ଷ ୬୭ ହଜାରରୁ ଅଧିକ ରାସନକାର୍ଡଧାରୀ ଇ-କେୱାଇସି କରି ନଥିବା ସେ ସୂଚନା ରହିଛି।

ଉଲ୍ଲେଖଯୋଗ୍ୟ ଯେ ଗତ ସେପ୍ଟେମ୍ବର ୩୦ ତାରିଖ ଇ-କେୱାଇସି କରିବାର ଶେଷ ତାରିଖ ରହିଥିଲା। କେନ୍ଦ୍ର ସରକାର ଏହି ପ୍ରକ୍ରିୟାକୁ ବନ୍ଦ କରିଦେଇଛନ୍ତି। ପୂର୍ବ ସରକାର ସମୟରେ ଅନେକ ଭୂତ ହିତାଧିକାରୀ ଚାଉଳ ଉଠାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଧରପଗଡ ଆରମ୍ଭ ହୋଇଥିଲା। ରାଜ୍ୟର ଲକ୍ଷାଧିକ ଲୋକ ଇ-କେୱାଇସି ନକରିବା ପଛରେ ଅନେକ କାରଣ ରହିଛି। ଅଯୋଗ୍ୟ ହିତାଧିକାରୀ ଧରାପଡିବା ଭୟରେ ଇ-କେୱାଇସି କରୁନାହାନ୍ତି। ଉପାନ୍ତ ଅଞ୍ଚଳରେ ନେଟୱାର୍କ ସମସ୍ୟା ପାଇଁ ବହୁ ହିତାଧିକାରୀ ଅପଡେଟ୍ କରିପାରିନାହାନ୍ତି। ଏହା ସହ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିନାହାନ୍ତି।

ତାରିଖ ପରେ ତାରିଖ ଗଡୁଛି ହେଲେ ଶେଷ ହୋଇପାରୁନି ଇ-କେୱାଇସି ପ୍ରକ୍ରିୟା। ଯାହା ରାସନ କାର୍ଡ ହିତାଧିକାରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ୫୧ ହଜାର ୧୭୬ ଗାଁରୁ ୨୬୦୩ ଗାଁରେ ନାହିଁ ମୋବାଇଲ ନେଟୱର୍କ। ଏମିତିକି ଆଦିବାସୀ ପ୍ରବଣ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ୩୭୫ ଗାଁରେ ନେଟୱର୍କ ନାହିଁ ରାୟଗଡା, କୋରାପୁଟ, ମାଲକାନଗିରି ଭଳି ଜିଲ୍ଲାର ବହୁ ଗାଁରେ ଆଜି ବି ପାଇପାରୁନି ନେଟୱର୍କ। ଯାହା ରାସନକାର୍ଡ ଇ-କେୱାଇସିରେ ବଡ ସମସ୍ୟା ସୃଷ୍ଟି କରିଛି। ଖାଲି ନେଟୱର୍କ ସମସ୍ୟା ନୁହେଁ, ହିତାଧିକାରୀଙ୍କ ଟିପ ଚିହ୍ନ ଓ ଆଧାର ଲିଙ୍କ୍ ମଧ୍ୟ ଇ-କେୱାସିରେ ସାଜିଛି ବାଧକ।

### ୮ଲକ୍ଷର ବ୍ରାଉନସୁଗାର...

ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୋବାଇଲ ସ୍କ୍ୱାର୍ଡର ନେତୃତ୍ୱରେ ଏକ ଅବକାରି ବିଭାଗ ଟିମ ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ବାଲିପଡା ଛକ ନିକଟରେ ପୂର୍ବ ଖବର ଅନୁଯାଇ ପହଚିଂଥିଲେ। ସେହି ଡିଜେଆର କାର ଯୋଗେ ୩ ଜଣ ଯୁବକ ସେହି ସ୍ଥାନରେ ଅଟକିବାରୁ ଲୁଚି ରହିଥିବା ଅବକାରୀ ଟିମ ତାଙ୍କୁ କାବୁ କରିବା ବେଳେ ଜଣେ ଯୁବାକ ଖସି ପଳାଇଥିଲେ। ମାତ୍ର ଅବକାରି ଟିମ ଗାଡି ଯାଂଚ କରିବାରୁ ତାଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନ ସୁଗାରକୁ ଜବତ କରିଥିଲେ। ଏଥରସହ ଦୁଇ ବ୍ରାଉନ ସୁଗାର ବେପାରୀ ପିଂଟୁ ମଲିକ ଓ ଚନ୍ଦ୍ର କାନ୍ତ ମଲିକକୁ ଗିରଫ କରିବା ସହିତ ୮ ଲକ୍ଷ ଟଙ୍କାର ଉକ୍ତ କାର ଗାଡିକୁ ଜବତ କରିଛନ୍ତୁ। ଉଭୟଙ୍କୁ ଶନିବାର ରାତିରେ ପଟ୍ଟାମୁଣ୍ଡାଇ କୋଟ ଚାଲାଣ କରାଯାଇଥିଲା । ତାଙ୍କ ଜାମିନ ନାମଂଜୁର ହେବାରୁ ଉଭୟଙ୍କୁ ବାରିମୁଳ ଜେଲ ହାଜାତକୁ ପଠାଇ ଦିଆଯାଇଛି।

### ତୁଳସୀକ୍ଷେତ୍ରାଧିପତିଙ୍କ...

ନୀତି ସମ୍ପନ୍ନ ପରେ ଅନ୍ୟ ନୀତି କରାଯାଇଥିଲା। କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ କୃଷ୍ଣ ବଳରାମ ଦୁଇ ଭାଇ ଗୋପାଳଙ୍କ ସହିତ ଥିବାରୁ ଦୁଷ୍ଟ ପ୍ରଳମ୍ବାସୁର ସହ ମୁହା ମୁହିଁ ହୋଇଥିଲେ। ବଡ଼ ଭାଇ ବଳରାମ ନିଜ ମୁଷଳରେ ପ୍ରଳମ୍ବାସୁରକୁ ସଂହାର କରିଥିଲେ। ଫଳରେ ଶ୍ରୀକୃଷ୍ଣ ତାଙ୍କ କାନ୍ଧରୁ ଉତ୍ତରୀୟ ବସ୍ତ୍ର ବାହାର କରି ବଳରାମଙ୍କ ମସ୍ତକରେ ପିନ୍ଧାଇଥିଲେ। ସେହି ପ୍ରଥା ପରମ୍ପରା ଉଭୟ ଶ୍ରୀକ୍ଷେତ୍ର ଓ ତୁଳସୀକ୍ଷେତ୍ରରେ ରହିଛି। ଶ୍ରୀ ମନ୍ଦିର ସତ୍ୱଲିପି ଅନୁଯାୟୀ ପ୍ରତ୍ୟେକ ବର୍ଷ ତିନି ଖଣ୍ଡ ପାଟ ଶାଢ଼ୀ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ତୁଳସୀକ୍ଷେତ୍ରକୁ ନେଇ ଆସିଥାନ୍ତି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ପ୍ରଳମ୍ବାସୁର ବଧ ନୀତି ଅନୁଷ୍ଠିତ ହୋଇଥାଏ। ସେହି ପାଟଶାଢୀ ପରିଧାନ କରି ଶ୍ରୀବଳଦେବଜୀଉ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

### ରିଟେଲରଙ୍କୁ କାରଣ...

ଚଢାଉ କରିଥିଲା । ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ତିନି ଜଣିଆ ସ୍କ୍ୱାର୍ଡ ଯାଂଚ କରିଥିଲା । ନଗଡ ଗାଁର ରିଟେଲର ପଏଟଂରେ ରାସନ ସାମଗ୍ରୀ ମହଜୁଦ ରଖାନଯାଇ ରାଜପୁର ପଚାଂୟତର ବାଲିଚନ୍ଦ୍ରପୁର ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଓ ଚନ୍ଦନପୁର ଗାଁର ଜଣେ ବ୍ୟକ୍ତିଙ୍କ ଘରେ ବେଆଇନ ଭାବେ ରାସନ ଚାଉଳ ଗଛିତ ଥିବା ଦେଖିବା ପରେ ମେସିନ ସହ ସାମଗ୍ରୀକୁ ଜବତ କରିଥିଲେ।

### ହତ୍ୟା ଅଭିଯୋଗରେ...

ପୁଷ୍ଟି କରିଥିଲେ। ମୋକାମାରୁ ଅନନ୍ତ ସିଂହଙ୍କୁ ଗିରଫ କରାଯିବା ପରେ ତାଙ୍କୁ ପାଟନା ଅଣାଯାଇଥିଲା। ତାଙ୍କୁ ରବିବାର ପୋଲିସ ଏମପି ଏମଏଲଏ କୋର୍ଟରେ ହାଜର କରିଥିବା ବେଳେ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ମୋକମାରେ ନଭେମ୍ବର ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ଶନିବାର ବିଳମ୍ବିତ ରାତ୍ରିରେ ଗିରଫ ହେବା ପୂର୍ବରୁ ଅନନ୍ତ ସିଂହ ଦିନ ତମାମ ନିର୍ବାଚନ ପ୍ରଚାର କରିଥିଲେ। ରାତିରେ ସେ ସମର୍ଥକଙ୍କ ସହ ବସିଥିବା ବେଳେ ଘରେ ପୋଲିସ ପହଞ୍ଚିଥିଲା। ଅନନ୍ତଙ୍କ ସହିତ ତାଙ୍କର ଦୁଇଜଣ ସେବାଦାରଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଗିରଫ ବେଳେ କୌଣସି ଅପ୍ରିତିକର ପରିସ୍ଥିତି ଆଶଙ୍କାରେ ପାଟନା ପୋଲିସ ୧୫୦ ଜଣିଆ ଏକ ମଜଭୁତ ପୋଲିସ ଫୋର୍ସ ନେଇ ପହଞ୍ଚିଥିଲା। ତେବେ ଅନନ୍ତ ସିଂହ ବିନା କୌଣସି ବିରୋଧରେ ପୋଲିସ ସହ ଘରୁ ଚାଲି ଆସିଥିଲେ।

ଅନନ୍ତ ସିଂହ ବିନା ପ୍ରତିରୋଧରେ ପୋଲିସ ସହ ଯିବାକୁ ଉଚିତ ମଣିଥିଲେ। ତେବେ ଏସଏସପି କାର୍ତ୍ତିକେୟନ କହିଛନ୍ତି ଯେ ପୋଲିସ ରିମାଣ୍ଡରେ ଆଣି ଅନନ୍ତ ସିଂହଙ୍କୁ ପଚରା ଉଚରା କରିବ। ଅନନ୍ତଙ୍କ ସହିତ ଲଦମାର ରଞ୍ଜିତ ରାମ ଓ ମଣିକାନ୍ତ ଠାକୁରଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ଏବେ ଅନନ୍ତଙ୍କ ଦୁଇ ପୁତୁରା କର୍ମବୀର ଓ ରାଜବୀରଙ୍କ ସମେତ ଛୋଟେନ ଏବଂ ଅନ୍ୟ ଅଭିଯୁକ୍ତଙ୍କ ଗିରଫ ପାଇଁ ଚଢଉ ଜାରି ରଖିଛି। ପୋଲିସର କହିବା କଥା ହେଉଛି ଦୁଲାରଚନ୍ଦଙ୍କ ହତ୍ୟା ବେଳେ ଘଟଣାସ୍ଥଳରେ ଅନନ୍ତ ସିଂହ ଥିଲେ। ତେବେ ଦୂଲାରଙ୍କ ଉପରେ ଗାଡି କିଏ ଚଢାଇଲା ଓ ଗୁଳି କିଏ କଲା ତାହା ସ୍ପଷ୍ଟ ହୋଇ ନାହିଁ।

### ଶଙ୍କରକୁ ଜେରା...

ଫାଇଲ କରାଯାଇଥିଲା, ସୁପ୍ରିମ କୋର୍ଟରେ ଫାଇଲ କରିଥିଲି । ହାଇକୋର୍ଟକୁ ଆଗୁଆ ଜାମିନ ମାଗିଥିଲି ବୋଲି ଶଙ୍କର ପୃଷ୍ଟି କହିଛି । ସମୟ ଦେଇଥିଲେ, ଗୋଟିଏ ମାସ ପରେ ଆସି ହାଜର ହୋଇଥାନ୍ତି । ପତ୍ନୀ ଦିପ୍ତୀମୟୀ ସାହୁଙ୍କ ନାଁରେ କୌଣସି କେସ ନାହିଁ ବୋଲି ଶଙ୍କର କହିଛି । କୋର୍ଟଙ୍କ ଉପରେ ସଂପୂର୍ଣ୍ଣ ଭରସା ରହିଛି, ନ୍ୟାୟ ମିଳିବ । ୧୨୪ ଲୋକଙ୍କ ଜନ୍ମକୁଣ୍ଡଳୀ ବାହାର କରନ୍ତୁ, କାହା ସହ ସଂପର୍କ ନାହିଁ ବୋଲି ଶଙ୍କର ତା ପତିକ୍ରିୟାରେ ଗଣମାଧମକୁ କହିଛି । ଅପର ପକ୍ଷରେ ପୋଲିସ ଏସଆଇ କେଳେଙ୍କାରୀ ମାମଲାର ସେ ମାଷ୍ଟର ମାଇଣ୍ଡ ପ୍ରଶ୍ନକୁ ଏଡ଼ାଇ ଦେଇଛି । ମୁଁ ମାଷ୍ଟର ମାଇଣ୍ଡ, ଏହା ସଂପୂର୍ଣ୍ଣ ମିଛ କଥା ବୋଲି ଶଙ୍କର ପୃଷ୍ଟି ପ୍ରତିକ୍ରିୟାରେ ଗଣମାଧମକୁ କହିଛି । ଗିରଫ ପରେ ଶଙ୍କର ପୃଷ୍ଟି ଗଣମାଧମକୁ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି । ସେ କହିଛନ୍ତି, ପୂର୍ବ ସରକାରରେ ୧୦୦୦କୋଟି ଟଙ୍କାର ଡିଲ ହୋଇଛି । ଯଦି ମୁଁ ସରେଣ୍ଡର କରି ନଥାନ୍ତି, ତେବେ ହଜାର କୋଟିର ଡିଲ କେମିତି ପଦାକୁ ଆସିଥାନ୍ତା । ଷଡ଼ଯନ୍ତ୍ରକାରୀଙ୍କ ସବୁ ତଥ୍ୟ ସରକାରଙ୍କୁ ଦିଆଯିବ ବୋଲି ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ଗଣମାଧମକୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ଆସନ୍ତାକାଲି ଶଙ୍କର ପୃଷ୍ଟିକୁ କୋର୍ଟରେ ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ, ପୋଲିସ ଏସଆଇ କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ୧୨୪ ଜଣକୁ ଗିରଫ କରିଛି । ଶଙ୍କର ପୃଷ୍ଟି ଗିରଫ ହେବା ପରେ ସରକାରଙ୍କୁ ଟାରଗେଟ କରିଛି ବିଜେଡ଼ି । ଅପରପକ୍ଷରେ ପୂର୍ବ ସରକାର ସମୟରେ ଶଙ୍କର ତାର କଂପାନୀ ଖୋଲିଥିବା ବିଜେପି କହିଛି।

### ସିଏମ୍‌ଏସ୍-୦୩ର...

ଉପଗ୍ରହ ହେବ। ଏହି ଉପଗ୍ରହ ନୌସେନାର ମହାକାଶ-ଆଧାରିତ ଯୋଗାଯୋଗ କ୍ଷମତାକୁ ସୁଦୃଢ଼ କରିବ। ଏହି ଉପଗ୍ରହ ହେଉଛି ଭାରତର ଏପର୍ଯ୍ୟନ୍ତର ସବୁଠାରୁ ଭାରୀ ଯୋଗାଯୋଗ ଉପଗ୍ରହ, ଯାହାର ଓଜନ ପ୍ରାୟ ୪,୪୦୦ କିଲୋଗ୍ରାମ। ଏଥିରେ ଭାରତୀୟ ନୌସେନାର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ କରିବା ପାଇଁ ବିଶେଷ ଭାବରେ ବିକଶିତ ଅନେକ ସ୍ୱଦେଶୀ ଅତ୍ୟାଧୁନିକ ଉପାଦାନ ସାମିଲ କରାଯାଇଛି।

ବେଙ୍ଗାଲୁରୁସ୍ଥିତ ମହାକାଶ ସଂସ୍ଥା ଇସ୍ରୋ କହିଛି ଯେ ଏହି ମିଶନର ଉଦ୍ଦେଶ୍ୟ ହେଉଛି ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ ସିଏମ୍‌ଏସ୍-୦୩କୁ ଭାରତୀୟ ଭୂମି ସମେତ ଏକ ବିସ୍ତୃତ ସମୁଦ୍ର ଅଞ୍ଚଳରେ ପହଞ୍ଚାଇବା। ଏଲଭିଏମ୍୩ ରକେଟ୍ ପୂର୍ବରୁ ଚନ୍ଦ୍ରାୟନ-୩କୁ ସଫଳତାର ସହ ଉତକ୍ଷେପଣ କରି ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ସଫଳତାର ସହ ଅବତରଣ କରିଥିଲା। ଏଲଭିଏମ୍୩ ମହାକାଶ ଯାନ, ଏହାର ଶକ୍ତିଶାଳୀ କ୍ରାୟୋଜେନିକ୍ ପର୍ଯ୍ୟାୟ ସହିତ, ଜିଟିଓକୁ ୪୦୦୦ କିଲୋଗ୍ରାମ ଏବଂ ନିମ୍ନ ପୃଥିବୀ କକ୍ଷପଥକୁ ୮୦୦୦ କିଲୋଗ୍ରାମ ଓଜନର ପେଲୋଡ୍ ବହନ କରିବାକୁ ସକ୍ଷମ।

### ଭାରତ ମହିଳା...

ଦେଇଥିଲେ। ୪୫ ଓଭର ପରେ ଭାରତର ସ୍କୋର ୨୬୨ ଥିଲା। ଟିମ୍ ଇଣ୍ଡିଆ ୩୦୦ ରନ କରିବାରେ ବିଫଳ ହୋଇଥିଲା। ତଥାପି ଏହା ମହିଳା ଦିନିକିଆ ବିଶ୍ୱକପର ଇତିହାସରେ ଦ୍ୱିତୀୟ ସର୍ବାଧିକ ଫାଇନାଲ ସ୍କୋର ହୋଇ ରହିଛି।

ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ୫୮ ବଲ୍‌ରେ ୮ ଚୌକା ସହାୟତାରେ ୪୫ ରନ୍ କରିଥିଲେ। ଶାଫାଳି ବର୍ମା ୭୮ ବଲ୍‌ରୁ ୮୭ ରନ୍‌ରେ ୭ ଚୌକା ଏବଂ ୨ ଛକା ମାରିଥିଲେ। ଗତ ମ୍ୟାଚ୍‌ର ଶତକୀୟ ପାଳି ଖେଳିଥିବା ଜେମିମା ରୋଡ୍ରିଗ୍ସ ୩୭ ବଲ୍‌ରେ ୨୪ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟିକା ହରମନପ୍ରୀତ କୌର ମଧ୍ୟ ଭଲ ପ୍ରଦର୍ଶନ କରିପାରି ନଥିଲେ। ସେ ୨୯ ବଲ୍‌ରେ ୨ଟି ଚୌକା ସହିତ ୨୦ ରନ୍ କରିଥିଲେ।

ଦୀପ୍ତି ଶର୍ମା ୫୮ ବଲ୍‌ରେ ୫୮ ରନ୍ କରିବା ପରେ ଶେଷ ବଲ୍‌ରେ ରନ୍ ଆଉଟ୍ ହୋଇଥିଲେ। ସେ ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରିଚା ଘୋଷ ଗୁରୁତ୍ୱପୂର୍ଣ୍ଣ ୩୪ ରନ୍ କରିଥିଲେ। ତାଙ୍କର ୨୪ ବଲ୍‌ର ଇନିଂସରେ ସେ ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଅମନଜୋତ କୌର ୧୨ ରନ୍ କରି ଆଉଟ୍ ହୋଇଥିଲେ। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୮ ରନ କରିଥିଲା । ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟୋବୋଙ୍ଗା ଖାକା ୩ଟି ୱିକେଟ ନେଇଥିଲେ। ସେହିପରି ମ୍ଲାବା, ନାଡାଇନ ଡିକ୍ଲର୍କ, ଟ୍ରାୟନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ବର୍ଷା ଯୋଗୁଁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲେ ବି ଓଭର କଟାଯାଇନଥିଲା।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ